# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-82 ◆MONDAY ◆15 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୨ ◆ସୋମବାର ◆୧୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିଣିଲେ **ଜୟସ୍ମିନ-ମୀନାକ୍ଷୀ**

▶କ୍ରୀଡ଼ା ପୃଷ୍ଠାରେ...





# ଜାପାନରେ ୧ ଲକ୍ଷ ଲୋକଙ୍କ ବୟସ ୧୦୦ରୁ ଊର୍ଦ୍ଧ୍ୱ



ଟୋକିଓ,୧୪।୯(ଏଜେନ୍ସି): ଜାପାନରେ ପାଖାପାଖି ୧ ଲକ୍ଷ ନାଗରିକ ୧୦୦ ବର୍ଷ ପୂରଣ କରିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ତକାମାରୋ ଫୁକୋକା କହିଛନ୍ତି। ଦେଶରେ ୮୭,୭୮୪ ମହିଳା ଓ ୧୧, ୯୭୯ ପୁରୁଷଙ୍କ ବୟସ ୧୦୦ରୁ ଊର୍ଦ୍ଧ୍ୱ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ୧୦୦ ବର୍ଷ ପୂରଣ କରିଥିବା ଲୋକଙ୍କ ମଧ୍ୟରେ ୮୮ ପ୍ରତିଶତ ମହିଳା ଅଛନ୍ତି। ଏହା ଦେଶର ମୋଟ ଲୋକସଂଖ୍ୟା ୧୨.୪ କୋଟିର ୦.୮୧ ପ୍ରତିଶତ। ଜାପାନ କ୍ରମାଗତ ୫୫ ବର୍ଷ ଧରି ଏହି ରେକର୍ଡକୁ ବଜାୟ ରଖିଛି। ଜାପାନରେ ସେପ୍ଟେମ୍ବର ୧୫କୁ ବୃଦ୍ଧଜନ ଦିବସ ଭାବେ ପାଳନ କରାଯାଏ। ଏହି ଦିନ ଜାପାନରେ ୧୦୦ରୁ ଊର୍ଦ୍ଧ୍ୱ ବର୍ଷର ଲୋକଙ୍କୁ ଅଭିନନ୍ଦନ ପତ୍ର ସହ ରୂପା ଗ୍ଲାସ ଉପହାର ସ୍ୱରୂପ ପ୍ରଦାନ କରାଯାଇଥାଏ। ଏବର୍ଷ ୫୨,୩୧୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯିବ। ୧୧୪ ବର୍ଷୀୟ ଶିଗେକେ କାଗାବା ଜାପାନର ସବୁଠାରୁ ବୟସ୍କ ମହିଳା ଓ ୧୧୧ ବର୍ଷୀୟ କିୟୋଟାକା ମିଜୁନୋ ସବୁଠାରୁ ବୟସ୍କ ପୁରୁଷ ବିବେଚିତ ହୋଇଛନ୍ତି। ଜାପାନରେ ଲୋକଙ୍କ ହାରାହାରି ବୟସ ୯୫ ବର୍ଷ ରହିଛି। ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଜାପାନ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ପୁରୁଷଙ୍କ ତୁଳନାରେ ମହିଳା ଅଧିକ ବର୍ଷ ବଞ୍ଚିଥାନ୍ତି। ସେହିପରି ବିଶ୍ୱରେ ସ୍ୱାସ୍ଥ୍ୟସମ୍ପର୍ଣ୍ଣ ଦେଶମାନଙ୍କ ମଧ୍ୟରେ ଜାପାନ ଦ୍ୱିତୀୟ ସ୍ଥାନରେ ରହିଛି ଓ ସିଙ୍ଗାପୁର ପ୍ରଥମ, ଦକ୍ଷିଣ କୋରିଆ ତୃତୀୟ, ତାଇୱାନ ଚତୁର୍ଥ ଓ ଇସ୍ରାଏଲ୍ ୫ମ ସ୍ଥାନରେ ରହିଛି। ଜାପାନରେ ବଞ୍ଚିବାର ଜୀବନ ଶୈଳୀ ଉନ୍ନତ ଥିବାରୁ ଏଠାରେ ଲୋକେ ଅଧିକ ବୟସ ବଞ୍ଚିବାରେ ସକ୍ଷମ ହେଉଛନ୍ତି।

**ଅନ୍‌ଲାଇନ ବେଟିଂ ଆପ୍‌ର ପ୍ରଚାର ମାମଲା**

# ଉର୍ବଶୀ ରୌତେଲା ଓ ମିମି ଚକ୍ରବର୍ତ୍ତୀଙ୍କୁ ଇଡି ସମନ





ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ଅଭିନେତ୍ରୀ ଉର୍ବଶୀ ରୌତେଲା ଏବଂ ଟିଏମ୍‌ସିର ପୂର୍ବତନ ସାଂସଦ ତଥା ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ ଅନ୍‌ଲାଇନ ବେଟିଂ ଆପ୍ ପାଇଁ ପ୍ରଚାର ମାମଲାରେ ଫସିଛନ୍ତି। ଅନ୍‌ଲାଇନ ବେଟିଂ ପ୍ଲାଟଫର୍ମ '୧xବେଟ୍' ସମ୍ବନ୍ଧିତ ମାମଲାରେ ଏହି ଦୁଇ ଅଭିନେତ୍ରୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ଏହି ପ୍ଲାଟଫର୍ମ ମନି ଲଣ୍ଡରିଂ ଯାଞ୍ଚରେ ସନ୍ଦେହଘେରରେ ରହିଛି। ଇଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଉଭୟ କଳାକାର '୧xବେଟ୍'ର ବିଜ୍ଞାପନ ଏବଂ ପ୍ରଚାରପ୍ରସାରରେ ଦୁଇ ଅଭିନେତ୍ରୀ ସାମିଲ ଥିଲେ। ଆସନ୍ତା ମଙ୍ଗଳବାର ଦିଲ୍ଲୀ ସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବା ପାଇଁ ଉର୍ବଶୀଙ୍କୁ ଏବଂ ମିମିଙ୍କୁ ସୋମବାର ଉପସ୍ଥିତ ହେବାକୁ କୁହାଯାଇଛି। ଏହି ମାମଲାରେ ଉଭୟଙ୍କ ବୟାନ ରେକର୍ଡ କରାଯିବ। ଏହି ଆପ୍‌ରେ ଉଭୟଙ୍କ କି ଭୂମିକା ଥିଲା ତାହାର ଯାଞ୍ଚ କରାଯିବ ବୋଲି କୁହାଯାଉଛି।

ପୂର୍ବରୁ ଏହି ମାମଲାରେ ଅନେକ ସେଲିବ୍ରିଟିଙ୍କୁ ଜେରା କରାଯାଇଥିଲା। ଚଳିତ ମାସରେ ପୂର୍ବତନ କ୍ରିକେଟର ଶିଖର ଧାୱନଙ୍କୁ ମଧ୍ୟ ସମନ କରାଯାଇଥିଲା। ସୁରେଶ ରୈନା ମଧ୍ୟ ଇଡି ନିକଟରେ ହାଜର ହୋଇଥିଲେ। ଏହି ମାମଲାରେ ଜୁଲାଇ ୨୩ରେ ଯାଞ୍ଚ ହାଜର ହେବାକୁ ଅଭିନେତା ରାଣା ଦାଗୁବତିଙ୍କୁ କୁହାଯାଇଥିଲା। କିନ୍ତୁ ଫିଲ୍ମ ସୁଟିଂ ଯୋଗୁଁ ସେ ହାଜର ହୋଇପାରି ନ ଥିଲେ। ପରେ ହାଇଦରାବାଦର ଇଡି ଅଫିସରେ ଯାଞ୍ଚ ପାଇଁ ଉପସ୍ଥିତ ହୋଇଥିଲେ। ଗତ ମେ' ମାସରେ ବେଟିଂ ପ୍ଲାଟଫର୍ମର ପ୍ରଚାରପ୍ରସାର କରିଥିବାରୁ ତେଲଙ୍ଗାନା ପୁଲିସ ପ୍ରକାଶ ରାଜ, ମଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ଅନନ୍ୟା ନାଗଲ୍ଲା, ଶ୍ରୀମୁଖୀ ପ୍ରମୁଖଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଥିଲା।

# ନେପାଳ ହିଂସା: ମୃତକଙ୍କୁ ମିଳିବ ସହିଦ ମାନ୍ୟତା



**ପୀଡ଼ିତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦିଆଯିବ**

**୬ ମାସ ମଧ୍ୟରେ ନିର୍ବାଚନ କରାଇ ପଦ ଛାଡ଼ିବି: ସୁଶୀଳା**

**ନେପାଳ ହିଂସାରେ ୩ ପୂର୍ବତନ ପ୍ରଧାନମନ୍ତ୍ରୀ ବାସହରା**

କାଠମାଣ୍ଡୁ,୧୪।୯(ଏଜେନ୍ସି): ନେପାଳରେ ଜେନ୍- ଜେଡ୍ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ 'ସହିଦ' ଆଖ୍ୟା ଦିଆଯିବ ବୋଲି ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି କହିଛନ୍ତି। ପୁଣି ପ୍ରତ୍ୟେକ ପୀଡ଼ିତଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ସେ ରବିବାର ଘୋଷଣା କରିଛନ୍ତି। ଏହି ଆନ୍ଦୋଳନ ଓ ହିଂସାରେ ମୋଟ୍ ୫୧ ଜଣ ଲୋକ ପ୍ରାଣ ହରାଇଥିଲେ। ତେବେ ମୃତ୍ୟୁ ସଂଖ୍ୟା ଏବେ ୭୨ରେ ପହଞ୍ଚିଛି ବୋଲି କୁହାଯାଇଛି। ଏଥିରେ ଜଣେ ଭାରତୀୟ ମହିଳା ମଧ୍ୟ ସାମିଲ ରହିଥିଲେ। ଦେଶରେ ଦୁର୍ନୀତିର ମୁଳୋତ୍ପାଟନ କରିବାକୁ ସେ ସଂକଳ୍ପ ନେଇଛନ୍ତି। ନେପାଳରେ ପ୍ରଥମଥର ପାଇଁ ଲଗାତର ୭୨ ଘଣ୍ଟା ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା ଓ ଏହା ଏକ ବଡ଼ କଥା। ଶାସନରେ ୬ ମାସରୁ ଅଧିକ ସମୟ ରହିବି ନାହିଁ ଓ ନିର୍ବାଚନ କରାଇ ନୂଆ ସରକାରଙ୍କୁ ଦାୟିତ୍ୱ ଦେଇ ପଦ ଛାଡିବି ବୋଲି ସେ କହିଛନ୍ତି। କାର୍କି ସେପ୍ଟେମ୍ବର ୧୨ରେ କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରେ ସାଧାରଣ ନିର୍ବାଚନ କରାଇବାକୁ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବର୍ବରତା ଆଚରଣ ପ୍ରଦର୍ଶନ କରିଥିବା ଲୋକଙ୍କୁ ଯାଞ୍ଚ୍ କରାଯାଇ ଦଣ୍ଡିତ କରାଯିବ।

ଅନ୍ୟପକ୍ଷରେ ନେପାଳ ହିଂସାରେ ୩ ଜଣ ପୂର୍ବତନ ପ୍ରଧାନମନ୍ତ୍ରୀ ଯଥା କେପି ଶର୍ମା ଓଲି, ଶେର ବାହଦୂର ଦେଓବା ଓ ପୁଷ୍ପ କମଲ ଦହଲ ଓରଫ୍ ପ୍ରଚଣ୍ଡ ବାସହରା ହୋଇଛନ୍ତି। ସେପ୍ଟେମ୍ବର ୯ରେ ଜେନ୍- ଜେଡ ପ୍ରଦର୍ଶନକାରୀମାନେ ଏହି ୩ ଜଣଙ୍କ ଘରେ ନିଆଁ ଲଗାଇବା ସହ ଜାଳି ଦେଇଛନ୍ତି। ବର୍ତ୍ତମାନେ ଏହି ୩ ନେତା ସେନା ଶିବିରରେ ରହୁଛନ୍ତି। ଏମାନଙ୍କ ସମର୍ଥକମାନେ ଏବେ ଏହି ନେତାଙ୍କ ପାଇଁ ଘର ଖୋଜିବା ଆରମ୍ଭ କରିଛନ୍ତି। ଜେନ- ଜେଡ ଆକ୍ରୋଶ କମ୍ ନ ହେବା ପର୍ଯ୍ୟନ୍ତ ରାଜଧାନୀ କାଠମାଣ୍ଡୁ ବାହାରର ସହର ପୋଖରାରେ ରହିବାକୁ ଚାହୁଁଛନ୍ତି। ଏବେ ସୁଶୀଳା ମନ୍ତ୍ରିମଣ୍ଡଳ ଗଠନ ନେଇ ପ୍ରୟାସ ଆରମ୍ଭ କରିଛନ୍ତି। ୧୫ ଜଣଙ୍କୁ ନେଇ ଏକାସଙ୍ଗେ ମନ୍ତ୍ରୀ ମଣ୍ଡଳ ଗଠନ କରିବେ ବୋଲି କାଠମାଣ୍ଡୁ ପୋଷ୍ଟ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି। ଏ ନେଇ ଆଇନ୍ ବିଶେଷଜ୍ଞଙ୍କ ସହ ସେ ବିଚାର ବିମର୍ଶ ଆରମ୍ଭ କରିଛନ୍ତି। କିନ୍ତୁ ଜେନ୍- ଜେଡ ନେତା ଏହି ମନ୍ତ୍ରିମଣ୍ଡଳରେ ସାମିଲ ହେବ ନାହିଁ ବୋଲି ପୂର୍ବରୁ କହିଛନ୍ତି। ତେବେ ନବଗଠିତ ସରକାର ତଥା ମନ୍ତ୍ରୀ ମଣ୍ଡଳର କାର୍ଯ୍ୟକୁ ନିରୀକ୍ଷଣ କରିବେ ବୋଲି ଏହି ନେତାମାନେ କହିଛନ୍ତି। ତେଣୁ ଆଗାମୀ କେତୋଟି ମାସରେ ନେପାଳ ପାଇଁ ପରୀକ୍ଷା ସୃଷ୍ଟି ହେବ ବୋଲି କୁହାଯାଉଛି। ନେପାଳରେ ୨୦୨୬ ମାର୍ଚ୍ଚ ୫ରେ ନିର୍ବାଚନ କରାଯିବ ବୋଲି କୁହାଯାଉଛି।

# ରୁଷିଆର ସର୍ବବୃହତ୍ ତୈଳ ବିଶୋଧନାଗାରରେ ୟୁକ୍ରେନର ଆକ୍ରମଣ



କିଭ୍,୧୪।୯(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ତୃତୀୟ ବର୍ଷରେ ପହଞ୍ଚିଛି। ରୁଷିଆର ସର୍ବବୃହତ ତୈଳ ବିଶୋଧନ କେନ୍ଦ୍ର ଉପରେ ୟୁକ୍ରେନ ଡ୍ରୋନ୍ ଆକ୍ରମଣ କରିଛି। ଏ ନେଇ ରୁଷୀୟ ଅଧିକାରୀ ଓ ୟୁକ୍ରେନ ସେନା ତରଫରୁ ସୂଚନା ଦିଆଯାଇଛି। ଲେନିନଗ୍ରାଡ ଅଞ୍ଚଳରେ ଥିବା କିରିଶି ତୈଳ ବିଶୋଧନ କେନ୍ଦ୍ର ଉପରେ ଏହି ଆକ୍ରମଣ ହୋଇଥିଲା। ପ୍ରତିବର୍ଷ ଏହି କେନ୍ଦ୍ରରୁ ୧୭.୭ ମିଲିଅନ ମେଟ୍ରିକ୍ ଟନ୍ ବା ଦିନକୁ ୩,୫୫,୦୦୦ ବ୍ୟାରେଲ ଅଶୋଧିତ ତୈଳ ଉତ୍ପାଦନ ହୋଇଥାଏ। ତେବେ ଏହି ଆକ୍ରମଣରେ କେହି ମୃତାହତ ହୋଇନାହାନ୍ତି ଓ ନିଆଁ ଲାଗିବା ମାତ୍ରେ ତାହାକୁ ଲିଭାଇ ଦିଆଯାଇଥିଲା ରୁଷ୍ ତରଫରୁ କୁହାଯାଇଛି। ଗତ ରାତିରେ ୟୁକ୍ରେନର ପାଖାପାଖି ୮୦ଟି ଡ୍ରୋନ୍ ଧ୍ୱଂସ କରାଯାଇଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

# ସ୍କୁଲ୍‌ରେ ଚାଲିଥିଲା ନିଶାଦ୍ରବ୍ୟ କାରଖାନା

● ନିର୍ଦ୍ଦେଶକଙ୍କ ସମେତ ୩ ଗିରଫ

ହାଇଦରାବାଦ୍,୧୪।୯(ଏଜେନ୍ସି): ତେଲଙ୍ଗାନାର ହାଇଦରାବାଦ୍‌ର ପୁଲିସ୍ ଏକ ଘରୋଇ ସ୍କୁଲରେ ନିଶାଦ୍ରବ୍ୟ କାରଖାନା ଠାବ କରିଛି। ମେଧା ନାମକ ଏହି ସ୍କୁଲ୍‌ର ନିର୍ଦ୍ଦେଶକ ମାଲେଲା ଜୟା ପ୍ରକାଶ ଗୌଡ଼ ସହିତ ୩ ଜଣ ଲୋକଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ସ୍କୁଲର ଶ୍ରେଣୀ କୋଠରୀ ଓ ରେଷ୍ଟ୍ରିକ୍‌ଟେଡ ଏରିଆକୁ ଅଲପ୍ରାଜୋଲାମ୍ ଭଳି ନିଶାଦ୍ରବ୍ୟ ଉତ୍ପାଦନକାରୀ କାରଖାନରେ ପରିଣତ କରିଥିଲେ। ଅଲପ୍ରାଜୋଲାମ୍‌କୁ ତାଡି ତଥା ନିଶାଦ୍ରବ୍ୟ ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ। ସ୍କୁଲ ବିଲ୍ଡିଂର ଦ୍ୱିତୀୟ ମହଲାରେ ପାଖାପାଖି ଗତ ୬ ମାସ ହେବ ଏହି କାରଖାନା ଚାଲିଆସୁଥିଲା। ତଳ ଓ ପ୍ରଥମ ମହଲାରେ ପିଲାଙ୍କୁ ପଢ଼ାଯାଉଥିଲା। ଏହି କାରଖାନାରେ ସପ୍ତାହର ୬ ଦିନ ଡ୍ରଗ୍ସ ତିଆରି କରାଯାଉଥିଲା ଓ ରବିବାର ଏହାକୁ ବାହରକୁ ବାହରା କରାଯାଇ ବଜାରରେ ପହଞ୍ଚା ଯାଉଥିଲା। ପୁଲିସ ସ୍କୁଲ ଉପରେ ଚଢ଼ାଉ କରି ୭ କେଜିରୁ ଊର୍ଦ୍ଧ୍ୱ ଆଲପ୍ରାଜୋଲାମ, ନଗଦ ୨୧ ଲକ୍ଷ ଟଙ୍କା, ବହୁ ପରିମାଣରେ ରାସାୟନିକ ପଦାର୍ଥ ଓ ଉତ୍ପାଦନକାରୀ ଜିନିଷ ଓ ପଦାର୍ଥ ଜବତ କରିଛି। ପୁଲିସ ଏକ କେମେଷ୍ଟ୍ରୀ ଲାବ ମଧ୍ୟ ଦେଖିବାକୁ ପାଇଛି। ଏଠାରେ ବହୁ ପରିମାଣର ଡ୍ରଗ୍ସ ଉତ୍ପାନଦ କରିବା ପାଇଁ ବ୍ୟବହାର କରାଯାଉଥିଲା ବୋଲି ପୁଲିସ କହିଛି। ଏହି ଲାବ୍‌ରେ ୮ଟି ରିଆକ୍ଟର ଓ ଡ୍ରାୟର ଲଗାଯାଇଥିଲା। ସ୍କୁଲ ନିର୍ଦ୍ଦେଶକ ମାଲେଲା ଗୁରୁବେଣ୍ଡ୍ଡୀ ନାମକ ଜଣେ ଲୋକଠାରୁ ଡ୍ରଗ୍ସ ତିଆରି ପ୍ରକ୍ରିୟା ଶିକ୍ଷା କରିଥିଲା ବୋଲି ପୁଲିସ୍ କହିଛି।

# ପ୍ରବଳ ବର୍ଷା ଯୋଗୁ ବୈଷ୍ଣୋଦେବୀ ଯାତ୍ରା ସ୍ଥଗିତ

**ଉତ୍ତରପ୍ରଦେଶ ୪ % କମ୍, ହିମାଚଳରେ ୧୩୩ % ଅଧିକ ବର୍ଷା**

ନୂଆଦିଲ୍ଲୀ,୧୪।୯(ଏଜେନ୍ସି): ପ୍ରବଳ ବର୍ଷା ଓ ଖରାପ ପାଗ କାରଣରୁ ବୈଷ୍ଣୋଦେବୀ ଯାତ୍ରାକୁ ସ୍ଥଗିତ ରଖାଯାଇଛି। ୧୯ ଦିନ ଏହି ଯାତ୍ରା ସ୍ଥଗିତ ରହିବା ପରେ ରବିବାର ପୁଣି ଆରମ୍ଭ ହୋଇଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଏହି ଯାତ୍ରା ଆପାତତଃ ସ୍ଥଗିତ ରଖାଯାଇଛି ବୋଲି କୁହାଯାଇଛି। ଗତ ଅଗଷ୍ଟ ୨୪ ତାରିଖରେ ମନ୍ଦିର ରାସ୍ତାରେ ଭୂସ୍ଖଳନ କାରଣରୁ ୩୪ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିଲେ। ସେହିପରି ଉତ୍ତରପ୍ରଦେଶରେ ଲଗାତର ବର୍ଷା କାରଣରୁ ଗଙ୍ଗା, ଯମୁନା ନଦୀର ଜଳସ୍ତର ଏବେ ମଧ୍ୟ ଉଚ୍ଚସ୍ତରରେ ରହିଛି। ବଲିଆ ଛକି ନୌରଙ୍ଗା ଗାଁରେ ୫ ଘର ଓ ୫ ଦୋକାନ ଜଳମଗ୍ନ ହୋଇଛି। ଉତ୍ତରପ୍ରଦେଶରେ ଏଥର ମୌସୁମୀ ବର୍ଷା ୪ ପ୍ରତିଶତ କମ୍ ହୋଇଛି। ରାଜ୍ୟରେ ହାରାହାରି ୬୭୯.୩ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ୬୫୪.୨ ମିମି ବର୍ଷା ହୋଇଛି।

ଅନ୍ୟପଟେ ହିମାଚଳରେ ମଣ୍ଡି ଜିଲ୍ଲାର ଧର୍ମପୁରରେ ସଫଡି ରୋହ ଗାଁରେ ଶନିବାର ଭୂସ୍ଖଳନ ହୋଇଥିଲା। କେତୋଟି ଘରେ କାଦୁଅ ମିଶା ପାଣି ପଶିଯାଇଛି। ୮ଟି ଘରକୁ ଖାଲି କରାଯାଇଥିଲା। ରାଜ୍ୟରେ ବର୍ଷା, ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁ ସଂଖ୍ୟା ଏବେ ୩୮୬ରେ ପହଞ୍ଚିଛି। ରାଜ୍ୟରେ ଏଥର ୧୩୩ ପ୍ରତିଶତ ଅଧିକ ବର୍ଷା ହୋଇଛି। ରବିବାରଠାରୁ ଦେଶର ଉତ୍ତର ପଶ୍ଚିମ ରାଜ୍ୟ ରାଜସ୍ଥାନରୁ ମୌସୁମୀ ବିଦାୟ ନେବା ଆରମ୍ଭ କରିଛି। କିନ୍ତୁ ମଧ୍ୟପ୍ରଦେଶରେ ଏବେ ମଧ୍ୟ ମୌସୁମୀ ଦୁଇ ସପ୍ତାହ ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ଉତ୍ତରପୂର୍ବ ରାଜ୍ୟ ସିକ୍କିମରେ ବର୍ଷା କାରଣରୁ ଭୂସ୍ଖଳନ ହେବା କାରଣରୁ ଜଣେ ପଞ୍ଚାୟତ ଅଧକ୍ଷ ମୃତ୍ୟୁବରଣ କରିଛନ୍ତି। ଅରୁଣଚଳ ପ୍ରଦେଶରେ ୬ଟି ଜିଲ୍ଲା ପ୍ରବଳ ବର୍ଷା ହେବ ବୋଲି ରେଡ ଆଲର୍ଟ ଜାରି କରାଯାଇଛି। ପଞ୍ଜାବରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧରା କାର୍ଯ୍ୟ ଜୋରସୋରରେ ଚାଲିଛି। ପଞ୍ଜାବର ବିଭିନ୍ନ ନଦୀରେ ଜଳସ୍ତର ତଳକୁ ଖସିଛି।

**ପୁଣି ଚର୍ଚ୍ଚାରେ ଆରଜି କର କଲେଜ**

# ଛାତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ

**ବଏଫ୍ରେଣ୍ଡ ବିଷ ଦେଇଥିବା ଅଭିଯୋଗ କଲା ପରିବାର**

କୋଲକାତା, ୧୪।୯ (ଏଜେନ୍ସି): କୋଲକାତାର ଆରଜି କର ମେଡିକାଲ କଲେଜରେ ଆଉଏକ ଘଟଣା ଘଟିଛି। ଏହି କଲେଜରେ ଅନ୍ତିମ ବର୍ଷର ଜଣେ ଛାତ୍ରୀ ଶନିବାର ମାଲଦାର ଏକ ହସ୍ପିଟାଲରେ ରହସ୍ୟଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ଏହି ଛାତ୍ରୀ ହେଉଛନ୍ତି ୨୪ ବର୍ଷୀୟା ଅନିନ୍ଦିତା ସୋରେନ। ପ୍ରେମିକ ଉଜ୍ଜ୍ୱଳ ସୋରେନଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି ଅନିନ୍ଦିତାଙ୍କ ପ୍ରେମିକ। ଉଜ୍ଜ୍ୱଳ ଅନିନ୍ଦିତାଙ୍କୁ ବିଷ ଦେବା ଫଳରେ ତାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ କହିଛନ୍ତି। ଦୁହେଁ ପରସ୍ପରକୁ ଡେଟ୍ କରୁଥିଲେ। ଅନିନ୍ଦିତା ଉଜ୍ଜ୍ୱଳଙ୍କୁ ବିବାହ ପାଇଁ ଚାପ ପକାଉଥିଲା। ତେବେ ଏହାକୁ ଉଜ୍ଜ୍ୱଳ ମନା କରୁଥିଲା। ଏଥିପାଇଁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା ବୋଲି ଅନିନ୍ଦିତାଙ୍କ ମାଆ ଅଞ୍ଜନା ଟୁଡୁ କହିଛନ୍ତି। ଗତ ୧୨ ତାରିଖରେ ଅନିନ୍ଦିତାର ଦେହ ଖରାପ ହୋଇଛି ଓ ତାକୁ ମାଲଦାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଉଜ୍ଜ୍ୱଳ ଫୋନ କରି ସୂଚନା ଦେଇଥିଲେ। କିନ୍ତୁ ଏହାପରେ ଅନିନ୍ଦିତା ମୃତ୍ୟୁବରଣ କରିଥିଲେ। ତେବେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ଏବେ ଉଜ୍ଜଳର ବୟାନ ନେବାକୁ ପୁଲିସ ତାକୁ ଖୋଜୁଛି। ଉଲ୍ଲେଖଥାଉ କି, ଗତବର୍ଷ କୋଲକାତାର ଏହି ଆରଜି କଲେଜ ଚର୍ଚ୍ଚାରେ ରହିଥିଲା। ୨୦୨୪ ଅଗଷ୍ଟ ୯ରେ ଜଣେ ଟ୍ରେନି ଡାକ୍ତରାଣୀଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିଲା ଏହି ଘଟଣାକୁ ନେଇ ପଶ୍ଚିମବଙ୍ଗ ସମେତ ସାରା ଦେଶରେ ଚର୍ଚ୍ଚା ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି।

# ଆସାମରେ ୫.୯ ତୀବ୍ରତାର ଭୂକମ୍ପ

■ ଭୂଟାନ, ପଶ୍ଚିମବଙ୍ଗରେ ମଧ୍ୟ ଝଟ୍‌କା
■ ମୃତାହତ, କ୍ଷୟକ୍ଷତି ନେଇ ସୂଚନା ନାହିଁ

ଗୌହାଟୀ,୧୪।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମରେ ରବିବାର ସନ୍ଧ୍ୟାରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ୟୁନାଇଟେଡ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଏ ନେଇ ସୂଚନା ଦେଇଛି। ଅପରାହ୍ଣ ୪.୪୧ରେ ଏହି ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଉଦଲଗୁରି ଜିଲ୍ଲାର ପୂର୍ବକୁ ୧୪ କିମି ଦୂରରେ ଭୂକମ୍ପର ଏପିସେଣ୍ଟର ଅର୍ଥାତ କେନ୍ଦ୍ର ଥିଲା ଓ ଏହା ଭୂପୃଷ୍ଠର ୧୦କମି ଗଭୀରରେ ଥିଲା ବୋଲି ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ତେବେ ଭାରତର ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜୀରେ ଭୂକମ୍ପର ତୀବ୍ରତା ୫.୮ ଥିଲା ଓ ଏହାର ଗଭୀରତା ୫.୫ କିମି ଥିଲ ବୋଲି କହିଛି। ଭୂକମ୍ପ ପରେ ଏହି ଅଞ୍ଚଳରେ ୩.୧ ଓ ୨.୯ ତୀବ୍ରତାର ପରବର୍ତ୍ତୀ ଭୂକମ୍ପ ଝଟ୍‌କା ଯଥାକ୍ରମେ ସନ୍ଧ୍ୟା ୪.୫୮ ଓ ୫.୨୧ରେ ଅନୁଭୂତ ହୋଇଥିଲା ବୋଲି କୁହାଯାଇଛି। ଏହି ଭୂକମ୍ପ ମଧ୍ୟ ଭୂଟାନ ଓ ପଶ୍ଚିମବଙ୍ଗର କିଛି ଅଞ୍ଚଳରେ ଅନୁଭୂତ ହୋଇଛି। ଭୂକମ୍ପ ଝଟ୍‌କା ପରେ ଗୌହାଟୀରେ ଲୋକମାନେ ଜୀବନ ବଞ୍ଚାଇବାକୁ ଘର ଓ ଅଫିସ ବାହାରକୁ ଦୌଡ଼ୁଥିବାର ଲକ୍ଷ୍ୟ କରାଯାଇଥିଲା। ଉଲ୍ଲେଖଥାଉ କି, ଭାରତର ଉତ୍ତରପୂର୍ବାଞ୍ଚଳ ହାଇ ସେସ୍‌ମିକ ଜୋନ ଅର୍ଥାତ ଭୂକମ୍ପ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ତେଣୁ ଆସାମ ସମେତ ଅନ୍ୟ ଉତ୍ତରପୂର୍ବ ରାଜ୍ୟରେ ବାରମ୍ବାର ଭୂକମ୍ପର ଝଟ୍‌କା ଅନୁଭୂତ ହେଉଛି। ପୂର୍ବରୁ ୨୦୨୧ରେ ଆସାମର ସୋନିତପୁର ଜିଲ୍ଲାରେ ୬.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଧନଜୀବନର କୌଣସି କ୍ଷୟକ୍ଷତି ହୋଇନାହିଁ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି। ରାଜ ସରକାର ଓ ପ୍ରଶାସନ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ମଧ୍ୟ ସ୍ଥିତିକୁ ନେଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

# 'ଅପରେସନ ସିନ୍ଦୂର' ବେଳେ ମୁନୀର ବଙ୍କରରେ ଲୁଚିଥିଲେ: ପୂର୍ବତନ ଲେଫ୍ଟନାଣ୍ଟ ଜେନେରାଲ

**ପାକିସ୍ତାନ ଆମ ମିସାଇଲକୁ ରୋକିପାରି ନଥିଲା**

ନୂଆଦିଲ୍ଲୀ,୧୪।୯(ଏଜେନ୍ସି): ଅପରେସନ ସିନ୍ଦୂର ଚାଲିଥିବା ବେଳେ ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିର ଏକ ବଙ୍କରରେ ଲୁଚି ରହିଥିଲେ ବୋଲି ଭାରତୀୟ ସେନାବାହିନୀର ପୂର୍ବତନ ଲେଫ୍ଟନାଣ୍ଟ ଜେନେରାଲ କନୱାଲ ଜିତ୍ ସିଂ ଧିଲନ କହିଛନ୍ତି। ୪ ଦିନର ଏହି ଛୋଟିଆ ଯୁଦ୍ଧ ପରେ ଜନତାଙ୍କ ରୋଷରୁ ବଞ୍ଚିବା ପାଇଁ ସେ ନିଜକୁ ଫିଲ୍ଡ ମାର୍ଶାଲ ପଦରେ ଅଧିଷ୍ଠିତ କରାଇଥିଲେ ବୋଲି ଧିଲନ ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତାକାର ଦେବା ଅବସରରେ କହିଛନ୍ତି। ମେ' ୧୦ରେ ଭାରତ ପାକିସ୍ତାନର ୧୧ଟି ଏୟାର ବେସ୍ ଉପରେ ସଠିକତାର ସହ ଆକ୍ରମଣ କରିଥିଲା। ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ ଏତେ ଦୁର୍ବଳ ଥିଲା ଯେ, ଆମର ଗୋଟିଏ ହେଲେ ବି ମିସାଇଲକୁ ରୋକିବାରେ ସମର୍ଥ ହୋଇ ନଥିଲା ବୋଲି ସେ କହିଛନ୍ତି। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ଭାରତର ୨୬ ଲୋକ ପ୍ରାଣ ହରାଇଥିଲେ। ଫଳରେ ଏହାର ପ୍ରତିଶୋଧ ନେବାକୁ ଯାଇ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କାବାଦୀ ଠିକଣାକୁ ଭାରତୀୟ ବାୟୁସେନା ଧ୍ୱଂସ କରିବାରେ ସମର୍ଥ ହୋଇଥିଲା। ମେ' ୧୦ରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷିତ ହୋଇଥିଲା। ପାକିସ୍ତାନ ଯୁଦ୍ଧବିରତି ପାଇଁ ଭିକ୍ଷା କରିଥିଲା ବୋଲି ଧିଲନ କହିଛନ୍ତି। ମେ ୧୦ରେ ପାକିସ୍ତାନ ଡିଜିଏମ୍‌ଓ ଅପରାହ୍ଣ ୩ଟା ୩୫ରେ ଭାରତର ଡିଜିଏମ୍‌ଓଙ୍କୁ ଫୋନ କରି ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲେ। ତେଣୁ ଏହି ଯୁଦ୍ଧରେ ଭାରତ ବିଜୟୀ ହୋଇଥିଲା ବୋଲି ସେ କହିଛନ୍ତି। ଯେତେବେଳେ ପାକିସ୍ତାନ ମଧ୍ୟସ୍ତତା ଓ ଅସ୍ତ୍ରବିରତି ପାଇଁ ଆମେରିକା ଓ ସାଉଦି ଆରବ ଶରଣ ପଶେ ତାହାକୁ ଓ ଯଦି ଆମେ ନୀତିଗତ ଭାବେ ତୃତୀୟ ପକ୍ଷର ମଧ୍ୟସ୍ତତାକୁ ପ୍ରତ୍ୟାଖାନ କରିଥାଉ ତାହାକୁ ଆମର ବିଜୟ କୁହାଯିବ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ଭାରତ ପାକିସ୍ତାନରେ ୯ଟି ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିବା ସହ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିପାତ କରିଥିଲା।

● ଏନ୍‌ଡିଏ ଉପରେ ଚାପ ପକାଉଛନ୍ତି ମାନ୍‌ଝୀ

# ୨୦ ସିଟ୍ ନ ଦେଲେ ୧୦୦ରେ ଲଢ଼ିବୁ

ପାଟନା, ୧୪।୯ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ତଥା ହାମ୍ ମୁଖ୍ୟ ଜିତନ ରାମ ମାନଝୀ ନିଜକୁ ଏବଂ ପୁଅ-ବୋହୂଙ୍କ କ୍ୟାରିୟର ଗଠନ କରିବା ପରେ ଦଳକୁ ଆଞ୍ଚଳିକରୁ ଜାତୀୟ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଏନ୍‌ଡିଏ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ୧୫ରୁ ୨୦ ଆସନ ନ ମିଳିଲେ ୫୦ରୁ ୧୦୦ ଆସନରେ ଲଢ଼ିବୁ ବୋଲି କହିଛନ୍ତି। ସେ ଗୟାଜୀରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଏହି ଟିପ୍ପଣୀ ଦେଇଥିଲେ। ମାନ୍‌ଝୀ କହିଥିଲେ ଯେ ହମ୍ ଛୋଟମୋଟ ଦଳ ନୁହେଁ। ଏହା ୧୦ ବର୍ଷ ପୁରୁଣା ଦଳ। ଏହା ଜାତୀୟ ସ୍ତରୀୟ ଦଳ ହେଉ ବୋଲି ସେ ଚାହୁଁଛନ୍ତି। ଏଥିପାଇଁ ଦୁଇଟି ମାନଦଣ୍ଡ ଅଛି। ଗୋଟିଏ ବିଧାନସଭାରେ ୬୦% ଆସନ ଜିତିବାକୁ ପଡିବ। ଯଦି ଆମେ ୧୫ ରୁ ୨୦ ଆସନ ପାଇବୁ, ତେବେ ଆମେ ୮-୯ ଆସନ ଜିତିବୁ। କିମ୍ବା ମୋଟ ୬% ଭୋଟ ପାଇବାକୁ ହେବ। ସେହି ଅନୁସାରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଆମର ୧୦ ରୁ ୧୫ ହଜାର ଭୋଟ ଅଛି। ଯଦି ଏନ୍‌ଡିଏ ମେଣ୍ଟ ମୋତେ ୧୫ ରୁ ୨୦ ଆସନ ନ ଦିଏ, ତେବେ ଆମେ ୫୦ ରୁ ୧୦୦ ଆସନରେ ଏକା ଲଢ଼ିବୁ। ସେହି ଅନୁସାରେ ଦଳ ମୋଟ୍ ଭୋଟରୁ ୬% ପାଇପାରିବ। ଏହା ପରେ ହାମ୍‌କୁ ଜାତୀୟ ଦଳର ମାନ୍ୟତା ମିଳିବ।

**ବେଆଇନ ପ୍ରବାସୀଙ୍କୁ ନେଇ ବ୍ରିଟେନ୍‌ରେ ବିକ୍ଷୋଭ**

# ସଂସଦ ଭଙ୍ଗ କରିବାକୁ ଏଲନ ମସ୍କଙ୍କ ଦାବି

● ଲୋକଙ୍କୁ କହିଲେ ସଂଘର୍ଷ କର କିମ୍ବା ମର
● ସରକାର ବଦଳାଇବାକୁ ହେବ



ଲଣ୍ଡନ, ୧୪।୯ (ଏଜେନ୍ସି): ଆମେରିକା ରାଜନୀତିରେ ବିଫଳ ହୋଇଥିବା ଶିଳ୍ପପତି ତଥା ଟେସ୍‌ଲା ମାଲିକ ଏଲନ ମସ୍କ ବ୍ରିଟେନ ରାଜନୀତିରେ ପ୍ରବେଶ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ପୂର୍ବତନ ବନ୍ଧୁ ବଇରୀ ପାଲଟିବା ପରେ ନୂଆ ସହଯୋଗୀ ସନ୍ଧାନରେ ଲାଗି ପଡ଼ିଛନ୍ତି। ସେ ବ୍ରିଟେନରେ ଆରମ୍ଭ ହୋଇଥିବା ବେଆଇନ ପ୍ରବାସୀ ବିରୋଧୀ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଆଉ ବ୍ରିଟେନ ସରକାରଙ୍କୁ ବଦଳାଇବା ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ସୂଚନା ଅନୁଯାୟୀ ଶନିବାରଲଣ୍ଡନରେ ବଡ଼ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ଲକ୍ଷାଧିକ ଲୋକେ ବେଆଇନ ପ୍ରବାସୀଙ୍କୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି। ଏହି ବିକ୍ଷୋଭର ନାମ 'ୟୁନାଇଟ ଦ କିଙ୍ଗଡମ୍' ରଖାଯାଇଛି। ଆଣ୍ଟି-ଇମିଗ୍ରେସନ ନେତା ଟମି ରବିନସନ୍ ଏହାର ନେତୃତ୍ୱ ନେଇଛନ୍ତି। ଏହାକୁ ଦେଶର ସବୁଠୁ ବଡ଼ ଦକ୍ଷିଣପନ୍ଥୀ ରାଲି କୁହାଯାଉଛି। ଭିଡିଓ କନଫରେନ୍ସି ମାଧ୍ୟମରେ ଶିଳ୍ପପତି ଏଲନ ମସ୍କ ଏହି ବିକ୍ଷୋଭରେ ସାମିଲ ହୋଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ ଟମିଙ୍କ ସହ ଆଲୋଚନା କରିଛନ୍ତି। ମସ୍କ କହିଥିଲେ ଯେ ହିଂସା ତୁମ ନିକଟକୁ ଯାଉଛି। ସଂଘର୍ଷ କର କିମ୍ବା ମର। ବେଆଇନ ପ୍ରବାସୀ ବ୍ରିଟେନକୁ ବିନାଶ ଅଭିମୁଖେ ନେଉଛନ୍ତି। ବ୍ରିଟେନ ଦ୍ରୁତ ଗତିରେ କ୍ଷୟ ହେବାରେ ଲାଗିଛି। ଏହା ସହିତ ବ୍ରିଟେନ ସଂସଦ ଭଙ୍ଗ କରିବା ପାଇଁ ମସ୍କ ଦାବି କରିଛନ୍ତି। ସରକାର ବଦଳାଇବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଲଣ୍ଡନରେ ଏହି ବିକ୍ଷୋଭ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଫୁଟ୍‌ବଲ୍ ମ୍ୟାଚ ଦେଖୁଥିଲେ। ସେ ନିଜ ପୁଅ ସହିତ ଲଣ୍ଡନର ଏମିରେଟ୍ସ ଷ୍ଟାଡିୟମରେ ଥିଲେ। ଏହି ସହରରେ ହିଂସା ହୋଇଥିଲା। ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀ ପୁଲିସ ସହ ମୁହାଁମୁହିଁ ହୋଇଥିଲେ। ଅଧିକାରୀଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଅନେକ ଆହତ ହୋଇଥିବା ସୂଚନା ମିଳିଛି। ଏହାକୁ ନେଇ ୧୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିଲା। ଲକ୍ଷାଧିକ ଲୋକେ ବେଆଇନ ପ୍ରବାସୀଙ୍କୁ ରୋକିବା ଦାବିରେ ବ୍ରିଟେନ ସଂସଦ ଅଭିମୁଖେ ରାଲି ବାହାର କରିଥିଲେ। ବ୍ରିଟେନରେ ପ୍ରବାସୀ ରହୁଥିବା ହୋଟେଲ ବାହାରୁ ଏହି ବିକ୍ଷୋଭ ଆରମ୍ଭ ହୋଇଥିଲା। ଏଥିରେ ସାମିଲ ଲୋକେ ୟୁନିଅନ ଜ୍ୟାକ୍ ଏବଂ ଲାଲ-ଧଳା ରଙ୍ଗର ସେଣ୍ଟ ଜର୍ଜ କ୍ରସ୍ ପତାକା ଉଡ଼ାଇ ଥିଲେ। ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବେଆଇନ ପ୍ରବାସୀଙ୍କୁ ଘରକୁ ପଠାଇବାକୁ ଦାବି କରିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୨୮ ହଜାରରୁ ଅଧିକ ବେଆଇନ ପ୍ରବାସୀ ଇଂଲିଶ ଚ୍ୟାନେଲ ଦେଇ ବ୍ରିଟେନରେ ପହଞ୍ଚିଛନ୍ତି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI



'ଦୃଶ୍ୟମ୍ ୩'ର ରିଲିଜ୍ ଡେଟ୍ ଫାଇନାଲ
▸ପୃଷ୍ଠା ୧୧ ଦେଖନ୍ତୁ...

◆VOLUME- 43 ◆ISSUE-82 ◆MONDAY ◆15 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୨ ◆ସୋମବାର ◆୧୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





## ମାଫିଆଙ୍କ ସାହାରା ଅଖ୍ୟାତ ରାଜନୈତିକ ଦଳ

# ଧଳା ହେଉଛି କଳା ଟଙ୍କା

### ଇସି ଓ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ

- ୧୪୦ ଭୋଟ ପାଇଥିବା ଦଳକୁ ୨୦୦ କୋଟି ଟଙ୍କା ଚାନ୍ଦା
- ୧୦୪୨ ଭୋଟ ପାଇଥିବା ଦଳ ପାଇଛି ୪୧୬ କୋଟି ଟଙ୍କା
- ୯୦୨୯ ଭୋଟ ପାଇଥିବା ଦଳ ଠୁଳ କରିଛି ୬୦୮ କୋଟି
- ୧୧୪୯୬ ଭୋଟ ପାଇଥିବା ଦଳ ପାଇଛି ୯୫୭ କୋଟି



■ ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ଦେଶରେ ୬ଟି ଜାତୀୟ ଓ ୬୭ଟି ଆଞ୍ଚଳିକ ଦଳ ରହିଛି। ୨୦୨୪ ଲୋକସଭା ନିର୍ବାଚନରେ ୨୮୦୦ରୁ ଅଧିକ ଅଣ-ମାନ୍ୟତାପ୍ରାପ୍ତ ରାଜନୈତିକ ଦଳ ମଧ୍ୟରୁ ମାତ୍ର ୬୯୦ଟି ଦଳ ନିର୍ବାଚନ କରିଛନ୍ତି। ବିଡ଼ମ୍ବନା ହେଉଛି ରାଜନୈତିକ ଭାବରେ ସକ୍ରିୟ ନ ଥିବା ଦଳ ସଂଖ୍ୟା ଦେଶରେ ବଢ଼ି ଚାଲିଛି ଏବଂ ଏଗୁଡ଼ିକ ମାଧ୍ୟମରେ କିଛି ଦୁର୍ନୀତିଗ୍ରସ୍ତ ବ୍ୟକ୍ତି, ଅନୁଷ୍ଠାନ ଓ ଶିଳ୍ପପତି ନିଜ କଳାଧନକୁ ଧଳା କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଆଗତ ଏକ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ମାମଲା ବୋଲି ଉଲ୍ଲେଖ କରି ନିର୍ବାଚନ କମିଶନ (ଇସି) ଓ କେନ୍ଦ୍ର ସରକାରଙ୍କୁ ପକ୍ଷ ରଖିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ନିକଟରେ ଏଭଳି ଏକ ରାଜନୈତିକ ଦଳ ଧରା ପଡ଼ିଥିଲା ଯିଏ ୨୦ ପ୍ରତିଶତ କମିଶନ ନେଇ ଅସାଧୁ ଲୋକଙ୍କ କଳା ଧନକୁ ଧଳା କରୁଥିଲା କରୁଥିବା ସଂକ୍ରାନ୍ତରେ ଏକ ମାମଲା ସୁପ୍ରିମକୋର୍ଟରେ ରୁଜୁ ହୋଇଛି। ଏଥିରେ କୁହାଯାଇଛି ଯେ ଅପରାଧୀ ଓ ଅସାଧୁ ବ୍ୟବସାୟୀଙ୍କଠାରୁ ଅର୍ଥ ନେଇ କିଛି ରାଜନୈତିକ ଦଳଗୁଡ଼ିକ ସେମାନଙ୍କୁ ଭିନ୍ନଭିନ୍ନ ପଦରେ ନିଯୁକ୍ତି ଦେଉଛନ୍ତି। କିଛି ବିଚ୍ଛିନ୍ନତାବାଦୀ ଓ ଦେଶ ବିରୋଧୀ ମଧ୍ୟ ରାଜନୈତିକ ଦଳ ଗଠନ କରି ଚାନ୍ଦା ଆଦାୟ କରୁଛନ୍ତି। ସେହିପରି ଏହି ଆବେଦନରେ ଏଡ଼ିଆର୍ ଦ୍ୱାରା ପ୍ରଦତ୍ତ ତଥ୍ୟକୁ ମଧ୍ୟ ସଂଲଗ୍ନ କରାଯାଇଛି। ଦେଶରେ ନାମକୁମାତ୍ର ଭୋଟ ପାଉଥିବା ପଞ୍ଜିକୃତ ଅଣମାନ୍ୟତାପ୍ରାପ୍ତ ରାଜନୈତିକ ଦଳ (ଆରୟୁପିପି) ଗୁଡ଼ିକର ଆୟର ୨୦୨୨-୨୩ରେ ୨୨୩ ପ୍ରତିଶତ ବୃଦ୍ଧି ପାଇଥିବା ଉଲ୍ଲେଖ ▸ପୃଷ୍ଠା-୭

## ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ

# ଅକ୍ଟୋବରରୁ ଓଡ଼ିଶା ଛାଡ଼ିବ

■ ଭୁବନେଶ୍ୱର,୧୪।୯ (ସମିସ): ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଛି। ରବିବାର ରାଜସ୍ଥାନର କିଛି ଅଞ୍ଚଳରୁ ମୌସୁମୀ ଅପସରି ଯାଇଛି। ସେପ୍ଟେମ୍ବର ୧୭ ଅର୍ଥାତ ସ୍ୱାଭାବିକ ତାରିଖର ୩ ଦିନ ପୂର୍ବରୁ ମୌସୁମୀ ଅପସାରଣ ଆରମ୍ଭ ହୋଇଛି। ଆଗାମୀ ୨-୩ ଦିନ ମଧ୍ୟରେ ରାଜସ୍ଥାନର ଆଉ କିଛି ଅଞ୍ଚଳ ସହ ପଞ୍ଜାବ ଓ ଗୁଜୁରାଟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହେବାକୁ ପାଗ ଅନୁକୂଳ ରହିଛି। ଏହାସହ ଆସନ୍ତା ଅକ୍ଟୋବର ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଓଡ଼ିଶା ଛାଡ଼ିବା ନେଇ ସମ୍ଭାବନା ରହିଛି। ତେବେ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ପରେ ବାତ୍ୟା ଋତୁ ଆରମ୍ଭ ହୋଇଯାଉଥିବାରୁ ଏହାକୁ ନେଇ ମଧ୍ୟ ଏବେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। କାରଣ ଚଳିତ ବର୍ଷ ଲା-ନିନା ସ୍ଥିତି ଯୋଗୁଁ ବାତ୍ୟା ସୃଷ୍ଟି ନେଇ ପାଗ ଅନୁକୂଳ ରହୁଥିବା ବେଳେ ଏବର୍ଷ ଅକ୍ଟୋବର-ନଭେମ୍ବର ମଧ୍ୟରେ ବାତ୍ୟା ସୃଷ୍ଟି ହେବାର ୭୦ ପ୍ରତିଶତରୁ ଅଧିକ ସମ୍ଭାବନା ଥିବା ଆକଳନ କରାଯାଉଛି। ଯେଉଁଥିପାଇଁ ରାଜ୍ୟବାସୀଙ୍କ ମନରେ ଚିନ୍ତା ବଢ଼ିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ଲା-ନିନା ଯୋଗୁଁ ବାତ୍ୟା ସୃଷ୍ଟି ଉପରେ ପ୍ରଭାବ ପକାଇବା ▸ପୃଷ୍ଠା-୭

# ବୀମାରେ ୧୦୦% ଏଫ୍‌ଡିଆଇ

### ଶୀତ ଅଧିବେଶନରେ ଆସିବ ବିଲ୍




■ ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ଭାରତୀୟ ବଜାରରେ ବଢ଼ିବ ବିଦେଶୀ ବୀମା କମ୍ପାନୀଙ୍କ ଦବ୍‌ଦବା। କାରଣ ଦେଶର ବୀମା କ୍ଷେତ୍ରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ସଂସଦର ଆଗାମୀ ଶୀତ ଅଧିବେଶନରେ ଏ ସମ୍ପର୍କରେ ଏକ ବିଲ୍ ଆଗତ ହେବାର ସମ୍ଭାବନା ରହିଛି। ରବିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବୀମା କ୍ଷେତ୍ରରେ ଏଫ୍‌ଡିଆଇ ସୀମା ଶେଷ ଥର ପାଇଁ ୨୦୨୧ରେ ୪୯%ରୁ ୭୪%କୁ ବୃଦ୍ଧି କରାଯାଇଥିଲା। ସେହିପରି ୨୦୧୫ରେ ମଧ୍ୟ ସରକାର ଏଫ୍‌ଡିଆଇ ସୀମା ୨୬% ରୁ ୪୯% କୁ ବୃଦ୍ଧି କରିଥିଲେ। ଚଳିତବର୍ଷର ବଜେଟ୍ ଭାଷଣରେ, ଅର୍ଥମନ୍ତ୍ରୀ ନୂତନ ପିଢ଼ିର ଆର୍ଥିକ କ୍ଷେତ୍ର ସଂସ୍କାର ଅଧୀନରେ ବୀମା କ୍ଷେତ୍ରରେ ବିଦେଶୀ ନିବେଶ ସୀମାକୁ ବର୍ତ୍ତମାନର ୭୪% ରୁ ୧୦୦%କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ବର୍ଦ୍ଧିତ ସୀମା ସେହି କମ୍ପାନୀଗୁଡ଼ିକ ପାଇଁ ଉପଲବ୍ଧ ହେବ ଯେଉଁମାନେ ସେମାନଙ୍କର ସମ୍ପୂର୍ଣ୍ଣ ପ୍ରିମିୟମ୍ ଭାରତରେ ନିବେଶ କରନ୍ତି। ସଂସଦର ଶୀତକାଳୀନ ଅଧିବେଶନ ସାଧାରଣତଃ ନଭେମ୍ବର ଶେଷ ଭାଗରେ ଆରମ୍ଭ ହୁଏ ଏବଂ ଖ୍ରୀଷ୍ଟମାସ ପୂର୍ବରୁ ଶେଷ ▸ପୃଷ୍ଠା-୭

## ଗୁମର ଖୋଲିଦେଲେ ବାଲେଶ୍ୱର ସାଂସଦ

# ପୁଲିସ-ତହସିଲ-ଖଣି ବିଭାଗ ଅସାଧୁ ମେଣ୍ଟ

- ରାଜ୍ୟରେ ପଥର-ବାଲି ଚୋରି ଅଣାୟତ୍ତ
- ଆଖି ବୁଜିଦେଇଛନ୍ତି ଏସ୍‌ପି-ଜିଲ୍ଲାପାଳ
- ତୁରନ୍ତ ମାମଲା ରୁଜୁ କରିବାକୁ ପରାମର୍ଶ



■ ଭୁବନେଶ୍ୱର, ୧୪।୯ (ସମିସ): ସାରା ରାଜ୍ୟରେ ସୀମା ଟପିଛି ଲଘୁ ଖଣିଜ ସାମଗ୍ରୀ ବାଲି, ପଥରର ଚୋରା ଚାଲାଣ। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ଏପରି ଅଭିଯୋଗ ଆସୁଛି, ମାତ୍ର ସରକାର ଓ ବିଭାଗୀୟ ମନ୍ତ୍ରୀମାନେ ଏହାକୁ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି। ଗଣମାଧ୍ୟମ ପ୍ରଶ୍ନ କଲେ ରାଜସ୍ୱ ମନ୍ତ୍ରୀ ପ୍ରମାଣ ମାଗୁଛନ୍ତି। ମାତ୍ର ଏହି କଳା ସତ ଓ ସରକାରଙ୍କ ମିଛକୁ ପଦାରେ ପକାଇଛନ୍ତି ଖୋଦ ଶାସକ ଦଳର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଭୋଗରାଇର ସୁବର୍ଣ୍ଣରେଖା ନଦୀପଠାକୁ ନିଜେ ସାଂସଦ ଅଚାନକ ଗସ୍ତରେ ଯାଇ ବାଲିଚୋରା ଚାଲାଣ ଆଖିରେ ଦେଖିଛନ୍ତି। ଘଟଣାସ୍ଥଳରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଫୋନ କରି ଶ୍ରୀ ଷଡ଼ଙ୍ଗୀ ପୁଲିସ-ତହସିଲ-ଖଣି ବିଭାଗ ମିଳିତ ଭାବେ ଟଙ୍କା ଖାଇ ବାଲି ଚୋରିକୁ ପ୍ରଶ୍ରୟ ଦେଉଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏପରି ଅପରାଧ ଦେଶଦ୍ରୋହ ସହ ସମାନ ଓ ଏଥିପାଇଁ ସରକାର ବିପୁଳ ରାଜସ୍ୱ ହରାଉଥିବାରୁ ସଂପୃକ୍ତ ଅଧିକାରୀମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ ସେ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଭୋଗରାଇ ସୁବର୍ଣ୍ଣରେଖା ନଦୀପଠାରୁ ବାଲି ଚୋରି କେବଳ ଏକ ଉଦାହରଣ ମାତ୍ର। ନିଜେ ସାଂସଦ ତାହା ଦେଖିବା ପରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର କେବଳ ବାଲେଶ୍ୱର ନୁହେଁ, ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବାଲିଚୋରି ବେଧଡ଼କ ଭାବରେ ଚାଲିଛି ଓ ସରକାର ଏଥିପାଇଁ ବିପୁଳ ରାଜସ୍ୱ ହରାଉଛନ୍ତି। ଅନେକ ସ୍ଥାନରେ ପୁଲିସ ସ୍ଥାନୀୟ କୁଜି ନେତାମାନଙ୍କ କଲେକ୍ସନ ଏଜେଣ୍ଟ ପାଲଟିଥିବା ଅଭିଯୋଗ ହୋଇଛି। ଗଞ୍ଜାମ, ଗଜପତି, ରାଗଡା, କଳାହାଣ୍ଡି, କୋରାପୁଟ, କଟକ, ଖୋର୍ଦ୍ଧା, ସୁନ୍ଦରଗଡ, ନୟାଗଡ, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ ପରି ଜିଲ୍ଲାଗୁଡ଼ିକରେ ବାଲି ଚୋରି ସ୍ଥିତି ଅଣାୟତ୍ତ। ▸ପୃଷ୍ଠା-୭

# ଲକ୍ଷ୍ନୌ ବିମାନବନ୍ଦରରେ ଟଳିଲା ବଡ଼ ଦୁର୍ଘଟଣା

### ଅଳ୍ପକେ ବର୍ତ୍ତିଲେ ଡିମ୍ପଲ ଯାଦବଙ୍କ ସମେତ ୧୫୧ ଯାତ୍ରୀ




ରନ୍‌ୱେରେ ବ୍ରେକ୍ ଲଗାଇ ରୋକିଲେ ପାଇଲଟ୍

■ ଲକ୍ଷ୍ନୌ, ୧୪।୯ (ଏଜେନ୍ସି): ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ବିମାନ ବନ୍ଦରରେ ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ଲକ୍ଷ୍ନୌରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିବା ଇଣ୍ଡିଗୋ ବିମାନ (୬-ଇ-୨୧୧୧) କୁ ଏମର୍ଜେନ୍ସି ବ୍ରେକ୍ ଲଗାଇ ପାଇଲଟ ଅଟକାଇ ଦେଇଛନ୍ତି। ଏହା ଦେଖି ଯାତ୍ରୀ ଭୟଭୀତ ହୋଇ ଯାଇଥିଲେ। ଶନିବାର ସକାଳ ୧୧.୧୦ରେ ବିମାନ ରନୱେରେ ଦ୍ରୁତଗତିରେ ଯାଉଥିବାବେଳେ ଏହି ଅଘଟଣ ଘଟିଥିଲା। ଇଞ୍ଜିନକୁ ଥ୍ରଷ୍ଟ ତଥା ଚାପ ନ ମିଳିବାରୁ ପାଇଲଟ ଉପସ୍ଥିତ ବୁଦ୍ଧି ଖଟାଇ ଉଡ଼ିବା ପୂର୍ବରୁ ବିମାନକୁ ରୋକି ଦେଇଥିଲେ। ଏଥିଯୋଗୁଁ ୧୫୧ ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଛି। ଏହି ଯାତ୍ରୀଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ପତ୍ନୀ ଡିମ୍ପଲ ଯାଦବ ସାମିଲ ଥିଲେ। ପରେ ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଥିଲା। ଆମକୁ ଭଗବାନ ବଞ୍ଚାଇ ଦେଲେ, ନ ହେଲେ ଏକ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତୁ ବୋଲି ଜଣେ ଯାତ୍ରୀ କହିଥିଲେ। ପରେ ଅନ୍ୟଏକ ▸ପୃଷ୍ଠା-୭

## ବାଇକ୍‌କୁ ଧକ୍କା ଦେଲା ଟ୍ରେଲର

# ସ୍ତ୍ରୀ ଆଗରେ ଚାଲିଗଲେ ସ୍ୱାମୀ

ଉତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ



■ ସାରସକଣା,୧୪।୯ (ସମିସ): ସ୍ତ୍ରୀ ଆଖି ଆଗରେ ଚାଲିଗଲା ସ୍ୱାମୀଙ୍କ ଜୀବନ। ସାରସକଣା ବ୍ଲକ୍ ଝାରପୋଖରିଆ ଥାନା ଅଧୀନ ୧୮ ଓ ୪୯ ନଂ. ଜାତୀୟ ରାଜପଥର ମିଳନସ୍ଥଳ ବମ୍ବେ ଛକ ଓଭରବ୍ରିଜ୍ ତଳ ସର୍ଭିସ୍ ରୋଡ଼୍‌ରେ ଆଜି ଏହି ଅଘଟଣ ଘଟିଛି। ମୃତକ ହେଲେ, ଚାନ୍ଦୁଆ ଥାନା ଅନ୍ତର୍ଗତ ରଜାବସା ଗ୍ରାମର ସୁରେଶ ବିନ୍ଧାଣି (୩୫)।

ସୂଚନାନୁସାରେ, ସୁରେଶଙ୍କ ଶ୍ୱଶୁରଘର ଝାଡ଼ଖଣ୍ଡ ରାଜ୍ୟ ଘୋଡ଼ାବାନ୍ଧା ଥାନା ମାଙ୍କଡି ଗ୍ରାମରେ। ଆଜି ସେ ଶ୍ୱଶୁରଘରୁ ସ୍ତ୍ରୀଙ୍କୁ ନେଇ ବାଇକ୍‌ରେ ଫେରୁଥିବା ବେଳେ ବମ୍ବେ ▸ପୃଷ୍ଠା-୭

### ଦୁର୍ଘଟଣାରେ ୨ ମୃତ

■ ଯୋଡ଼ା, ୧୪।୯ (ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ବାରବାଙ୍କ ଘାଟି ଜଙ୍ଗଲ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କୋଇଡ଼ା ଥାନା କାଦଡିହି ଗ୍ରାମର ରାମ ମୁଣ୍ଡା(୨୦) ଓ ସାମୁଏଲ ମୁଣ୍ଡା(୧୬)। ଦୁହେଁ ଏକ ଜନ୍ମଦିନ କାର୍ଯ୍ୟକ୍ରମରେ ଯୋଗଦେଇ ବଡ଼ବିଲରୁ ଘରକୁ ▸ପୃଷ୍ଠା-୭

# ଭଗବାନଙ୍କ ଭରସାରେ ଉପକୂଳ ସୁରକ୍ଷା

### ତଟ ଜଗିବାକୁ ନାହାନ୍ତି ପୁଲିସ ବାବୁ ■ ୩ ଥାନା ଦାୟିତ୍ୱରେ ଜଣେ ଅଧିକାରୀ




- ୫୪ ସବ୍‌ଇନ୍ସପେକ୍ଟର ପଦରେ କାର୍ଯ୍ୟ କରୁଛନ୍ତି ୯ ଜଣ
- ଡ୍ରାଇଭର ନ ଥିବାରୁ ଖତ ଖାଉଛି ସାମୁଦ୍ରିକ ଥାନା ଗାଡ଼ି

■ ଭୁବନେଶ୍ୱର, ୧୪।୯ (ସମିସ): ପଡ଼ୋଶୀ ଦେଶମାନଙ୍କରେ ଅରାଜକତା ଏବେ ଦେଶର ଉପକୂଳ ରାଜ୍ୟଗୁଡ଼ିକ ପାଇଁ ସମସ୍ୟା ପାଲଟିଛି। ସମୁଦ୍ର ପଥରେ ଉପକୂଳବର୍ତ୍ତୀ ରାଜ୍ୟରେ ଅନୁପ୍ରବେଶର ଆଶଙ୍କା ବଢ଼ିଛି ଓ କୌଣସି ସମୟରେ ବି ଆତଙ୍କବାଦୀମାନେ ଏହି ରାଜ୍ୟରେ ପ୍ରବେଶ କରି କିଛି ବି ଅଘଟଣ ଘଟାଇ ପାରନ୍ତି ବୋଲି ଆଶଙ୍କା କରାଯାଉଛି। ଏପରି ସମୟରେ ଉପକୂଳ ସୁରକ୍ଷାକୁ ଓଡ଼ିଶା ପୁଲିସ ଗୁରୁତ୍ୱ ଦେଉଛି ବୋଲି ପୁଲିସ ଅଧିକାରୀମାନେ କରୁଥିବା ଦମ୍ଭର ବାସ୍ତବିକତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାର ଦୀର୍ଘ ମୁକୁଳା ଉପକୂଳ ଦେଇ ଅନୁପ୍ରବେଶ ରୋକିବାକୁ ନା ଅଛନ୍ତି କର୍ମଚାରୀ ନା ଅଛି ପାଟ୍ରୋଲିଂ ପାଇଁ ଅନୁରୂପ ବ୍ୟବସ୍ଥା। ଓଡିଶା ତଟକୁ ଜଗିବାପାଇଁ ଥିବା ସାମୁଦ୍ରିକ ଥାନାରେ କିନ୍ତୁ ଆବଶ୍ୟକ ସୁରକ୍ଷାକର୍ମୀ ନାହାନ୍ତି। ଏହିସବୁ ଥାନାପାଇଁ ଯେତିକି ମଞ୍ଜୁରୀପ୍ରାପ୍ତ ପଦ ରହିଛି ତାହାଠାରୁ ଢେର କମ୍ କର୍ମଚାରୀ ଅଛନ୍ତି ଓ ଥାନାକୁ ମିଳିଥିବା ଯାନବାହନ ବି ଅଚଳ ହୋଇ ପଡ଼ିଛି। ଏପରି ସ୍ଥିତିରେ ଉପକୂଳ ସୁରକ୍ଷା କେବଳ ଘୋଷଣାରେ ଅଟକି ଯାଇଥିବା ଅଭିଯୋଗ ହୋଇଛି।

ରାଜ୍ୟର ୪୮୦ କିଲୋମିଟର ବ୍ୟାପ ସମୁଦ୍ର ତଟର ସୁରକ୍ଷା ପାଇଁ ୧୮ଟି ଉପକୂଳ ଥାନା ସ୍ଥାପନ ▸ପୃଷ୍ଠା-୭

● ବଟି ନ ଦେବାରୁ ବାଗୁଡ଼ି ସଫିଂ ମଲରେ ଗୁଳିକାଣ୍ଡ

# ମୁଖ୍ୟ ଅଭିଯୁକ୍ତ ସମେତ ତିନି ଗିରଫ

ସୋର,୧୪।୯ (ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡି ବଜାରରେ ଥିବା ଭଗବତୀ ଟ୍ରେଡ଼ର୍ସ ସଫିଂ ମଲ ଉପରକୁ ଦୁଇ ରାଉଣ୍ଡ ଗୁଳିମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ଆଉ ୨ ଜଣ ସହଯୋଗୀଙ୍କୁ ସୋର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦପୁର ଗ୍ରାମର ପପୁ ମଲିକ (୨୭), ସହଯୋଗୀ କେଶରୀପୁର ଗ୍ରାମର ଅରୁଣ ମଲିକ (୪୧) ଏବଂ ତରତୁଆ ଗ୍ରାମର ବିଦ୍ୟାଧର ରାଉତ (୩୪)। ଅଭିଯୋଗ ଅନୁସାରେ ବାଗୁଡି ବଜାରରେ ଥିବା ଭଗବତୀ ଟ୍ରେଡ଼ର୍ସର ମାଲିକ ମୁକ୍ତିକାନ୍ତ ଘଡେଇଙ୍କୁ ଗୋବିନ୍ଦପୁର ଗ୍ରାମର ପପୁ ମଲିକ ଏକ ଲକ୍ଷ ଟଙ୍କା ବଟି ମାଗିଥିଲେ। ଏ ବାବଦରେ ମୁକ୍ତିକାନ୍ତ ମନା କରିବାରୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ବଢ଼ିଥିଲା। ଏହାକୁ ନେଇ ପପୁ ଗତ ଏପ୍ରିଲ ୨୯ ତାରିଖ ସନ୍ଧ୍ୟାରେ ସପିଙ୍ଗ ମଲ କର୍ମଚାରୀମାନେ ମଲରେ ଥିବା ବେଳେ ଗୋଟିଏ ବାଇକରେ ପପୁ ମଲିକ ଦୁଇ ଜଣ ଯୁବକଙ୍କ ସହିତ ଆସି ସଫିମଲ ଉପରକୁ ଦୁଇ ରାଉଣ୍ଡ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଫଳରେ ମଲ କର୍ମଚାରୀ ଜଣେ ଯୁବତୀ ଅଳ୍ପକେ ରକ୍ଷା ପାଇଯାଇଥିଲେ। ଗୁଳିଟି ଯୁବତୀଙ୍କ ଅତି ନିକଟରେ ପାସ କରିଯାଇଥିଲା। ବଟି ଆଦାୟକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ମଲ ମାଲିକ ମୁକ୍ତିକାନ୍ତ ଘଡେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ସେତେବେଳେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପପୁ ଫେରାର ହୋଇଯାଇଥିଲା। ଗତକାଲି ପପୁ ପଥରପେଣ୍ଠ ଗ୍ରାମରେ ଲୁଚିଥିବା ଖବର ପାଇ ସୋର ପୁଲିସ ଅଚାନକ ଚଢ଼ଉ କରି ତାକୁ ଗିରଫ କରିଥିଲା। ତା ନିକଟରୁ ସୂଚନା ପାଇ ପୁଲିସ ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରିଥିଲା। ଆଜି ସନ୍ଧ୍ୟାରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।



# ତହସିଲ କର୍ମଚାରୀଙ୍କ ସଫେଇ କାର୍ଯ୍ୟକ୍ରମ



ବାଲିଆପାଳ, ୧୪।୯ (ସମିସ): ବାଲିଆପାଳ ତହସିଲ ଅଫିସ ପରିସରକୁ ଶନିବାର ସକାଳେ କାର୍ଯ୍ୟରତ କର୍ମଚାରୀ ମାନେ ପରିବେଶର ସ୍ୱଚ୍ଛତା ପାଇଁ ଅଳିଆ ଆବର୍ଜନା, ନାନା ଅନାବନା ଗଛ କାଟି ପରିଷ୍କାର କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ହରିନାରାୟଣ ଦାସ, ପ୍ରତିଷ୍ଠାନ ଅଧିକାରୀ ଭୁତି ଟୁଟୁ, ପ୍ରାଣକୃଷ୍ଣ ନାୟକ, ସାଧୁରାମ ମାରାଣ୍ଡି, ଧୀରେନ୍ଦ୍ର ଜେନା, ରାଜିବ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ପତ୍ନୀ ମୃତ୍ୟୁ ମାମଲାରେ ଆଇନଜୀବୀଙ୍କ ଆତ୍ମସମର୍ପଣ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୪।୯ (ସମିସ): ଜଳେଶ୍ୱର ମ୍ୟୁନିସିପାଲଟି ଅଧିନ ଶାନ୍ତିଆ ନିବାସୀ ବରିଷ୍ଠ ଆଇନଜୀବୀ ସତ୍ୟ ସୁନ୍ଦର ଦାସଙ୍କ ବଡ଼ ପୁଅ ସବ୍ୟସାଚୀ ଦାସଙ୍କ ସ୍ତ୍ରୀ ମୋନାଲିସା (୩୫)ଙ୍କ ଗତ ୨୭ ତାରିଖରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ବାପଘର ପକ୍ଷରୁ ଜଳେଶ୍ୱର ଥାନାରେ ନିର୍ଯାତନା ଅଭିଯୋଗ ହୋଇଥିଲା। ମୋନାଲିସାଙ୍କ ବଡଭାଇ ତାପସ ରଂଜନ ଦାସଙ୍କ ଲିଖିତ ଅଭିଯାଗ ପରେ ଜଳେଶ୍ୱର ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣା ପରେ ପରିବାର ଲୋକେ ଆତ୍ମଗୋପନ କରିଥିବା ବେଳେ ଆଜି ଅଭିଯୁକ୍ତ ସ୍ୱାମୀ ସବ୍ୟସାଚୀ ଜଳେଶ୍ୱର ଥାନାରେ ଆତ୍ମସମର୍ପଣ କରିଛନ୍ତି। ସୂଚନା ଯୋଗ ଉକ୍ତ ମାମଲାରେ ସୋମବାର ଜାମିନ ଶୁଣାଣି ହେବାକୁ ଥିବା ବେଳେ ଆତ୍ମସମର୍ପଣ ନେଇ ବିଭିନ୍ନ କଥା ଶୁଣିବାକୁ ମିଳୁଛି।

● ଜଳେଶ୍ୱର କୋର୍ଟରେ ଲୋକ ଅଦାଲତ

# ୫୯୫ ମାମଲାରୁ ୧୪୫ଟିର ଆପୋସ ସମାଧାନ



ଜଳେଶ୍ୱର ୧୪।୯ (ସମିସ) : ଜଳେଶ୍ୱର କୋର୍ଟରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ରିମିନାଲ ଘଟଣାରେ ୫୦ଟି କେସ ମଧ୍ୟରୁ ୧ଟି, ବ୍ୟାଙ୍କ ଲୋନ କେସରେ ୨୦ ଟିରୁ ୧ଟି, ବିବାହ ଛାଡପତ୍ର ଘଟଣାରେ ୫୦ଟି ମଧ୍ୟରୁ ୩ଟି, ସିଭିଲ କେସରେ ୨୭୧ଟି ମଧ୍ୟରୁ ୧୨୫ଟି, ଏଫଆରଟିର ୧୪୦ଟି ମଧ୍ୟରୁ ୧୦ଟି, ଅନ୍ୟ କ୍ରିମିନାଲ କେସର ୨ଟିକୁ ୧ଟି ଓ ଚେକ୍ ବାଉନ୍ସ ଘଟଣାରେ ୨୦ଟି ମାମଲା ମଧ୍ୟରୁ ୧ଟିର ଆପୋସ ସମାଧାନ କରାଯାଇ ୧୫୫୩୦୦୦ ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି। ଏଡିଜେ ଅଜୟ କୁମାର ପ୍ରଧାନ, ସିଭିଲ ଜଜ୍ ସିନିୟର ଲିସା ସାମଲ, ସିଭିଲ ଜଜ୍ ଜୁନିୟର ସସ୍ମିତା ରଥ, ଜେଏମଏଫସି ଦେବାଶିଷ ଦାଶ ପ୍ରମୁଖ ମକଦ୍ଦମାଗୁଡିକର ଶୁଣାଣି କରିଥିଲେ।

ବେଆଇନ ବାଲି ଉତ୍ତୋଳନ

# ବିପଦରେ ସୁବର୍ଣ୍ଣରେଖା ନଦୀକୂଳିଆ ଗାଁ

ଭୋଗରାଇ, ୧୪।୯ (ସମିସ)

ମାଫିଆଙ୍କ ବେଧଡକ ବାଲି ଉତ୍ତୋଳନ ଫଳରେ ଭୋଗରାଇ ବ୍ଲକ ଅନ୍ତର୍ଗତ ଖରିଦ ପିପଳ ପଞ୍ଚାୟତ ଓ ଆରୁହାବୃତ୍ତି ପଞ୍ଚାୟତର କିଛି ଗ୍ରାମ ଏବେ ସୁବର୍ଣ୍ଣରେଖାର ଗର୍ଭକୁ ଚାଲିଯିବାକୁ ବସିଛି।

ସ୍ଥାନୀୟ ଲୋକେ ବାଲି ଉତ୍ତୋଳନକୁ ବାରମ୍ବାର ବିରୋଧ କରୁଥିଲେ ହେଁ ମାଫିଆମାନଙ୍କୁ ଡରି ଚୁପ୍ ରହିବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ, ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ ଫଳଶୂନ। ଚଳିତବର୍ଷ ସୁବର୍ଣ୍ଣରେଖାରେ ଛଅ ଛଅ ଥର ବନ୍ୟା ଆସିବା ପରେ ଏକ କିଲୋମିଟରରୁ ଅଧିକ ହେବ ନଦୀ ବନ୍ଧ ଧୋଇ ହୋଇ ଯାଇଛି। ଯାହା ଫଳରେ ନଦୀକୂଳିଆ ଗାଁ ଏବେ ବିପଦରେ। ଗ୍ରାମର ଲୋକଙ୍କ କହିବା କଥା ହେଉଛି ରାଜ୍ୟ ସରକାର ଦ୍ୱାରା ନଦୀବନ୍ଧକୁ ସୁରକ୍ଷା ଦେବା ପାଇଁ ନଦୀରେ ପଥର ପ୍ୟାଚିଂ, ସ୍ପର, ବନ୍ଧ ନିର୍ମାଣ କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର କିଛି ସ୍ଥାନୀୟ ବାଲି ମାଫିଆ ମାନେ ନଦୀବନ୍ଧକୁ କାଟି ପ୍ରତ୍ୟେକ ଦିନ ଦୁଇଶହରୁ ଅଧିକ ଟ୍ରିପ ବାଲି ପଶ୍ଚିମବଙ୍ଗକୁ ବିକ୍ରିକରି ମାଲେ ମାଲ ହେଉଛନ୍ତି। ନଦୀବନ୍ଧ ସୁରକ୍ଷା ପାଇଁ ନିର୍ମାଣ ହୋଇଥିବା ପଥର ବନ୍ଧ ପାଖରୁ ଜେସିବିରେ ହଜାର ହଜାର ଟ୍ରିପ ବାଲି ଉତ୍ତୋଳନ କରୁଛନ୍ତି। ଯାହା ଫଳରେ ନଦୀ ବନ୍ଧ ନଷ୍ଟ ହେବା ସହ ପଥର ବନ୍ଧ ମଧ ନଷ୍ଟ ହେବାକୁ ବସିଲାଣି। ବନ୍ଧ ନଷ୍ଟ ହେବାରୁ ବାଲିବୁରା ପକାଇ ଅସ୍ଥାୟୀ ଭାବରେ ରଖାଯାଇଛି। ଏ ବାବଦରେ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନି। ଗତ ଶନିବାର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆରୁହାବୃତ୍ତି ପଞ୍ଚାୟତରେ ପହଞ୍ଚି ସ୍ଥିତି ଅନୁଧ୍ୟାନବେଳେ କହିଥିଲେ ଯେ ଭୋଗରାଇ ତହସିଲଦାର, ପୁଲିସ ଓ ଖଣି ବିଭାଗର ଅଧିକାରୀମାନେ ବାଲି ମାଫିଆ ପାଖରୁ ପଇସା ଖାଇ ଚୋରା ବାଲି ଚାଲାଣରେ ସହଯୋଗ କରୁଛନ୍ତି। ଏହି କଥା ସାଂସଦଙ୍କ ମୁହଁରେ ଶୁଣି ବିଜେପି ସରକାର ସମୟରେ ଆଇନ୍ ଶୃଙ୍ଖଳା ଅସୁରକ୍ଷିତ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।



# ପ୍ରଶାସନ ଶୁଣିଲାନି; ରାସ୍ତା ମରାମତି କଲେ ଗ୍ରାମବାସୀ

ଜଳେଶ୍ୱର ବ୍ଲକ, ୧୪।୯ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ବର୍ତ୍ତନା ଗ୍ରାମ ପଞ୍ଚାୟତର ୱାର୍ଡ ୩ ନାହାଳିଆ ଗ୍ରାମରେ ୪୦୦ ଲୋକ ବସବାସ କରିଥାନ୍ତି। ବିଶେଷକରି ହରିଜନ ସଂପ୍ରଦାୟର ଲୋକେ ଗ୍ରାମର ମୁଖ୍ୟ ରାସ୍ତାକୁ ଯିବାକୁ ହେଲେ କାଦୁଅ ପଚପଚ ସାଙ୍ଗକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡ଼େ। ଦେହ ଅସୁସ୍ଥ ହେଲେ ଆମ୍ବୁଲାନ୍ସ ଆସି ୧ କିଲୋମିଟର ଦୂରରେ ରହିଯାଏ ରୋଗୀଟିକୁ ଖଟିଆରେ ବୁହା ହୋଇଯାଏ। ପିଲାମାନେ ମଧ ସ୍କୁଲ ଗଲେ ଗୋଟିଏ ହାତରେ ବହି ବସ୍ତାନି ସାଙ୍ଗକୁ ଆଉ ଗୋଟିଏ ହାତରେ ଜୋତା ମୁଣ୍ଡାଇ ଯିବାକୁ ପଡ଼େ। ଏ ନେଇ ଗ୍ରାମବାସୀ ବାରମ୍ବାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଓ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଗୁହାରୀ କରି କିଛି ସୁଫଳ ନ ମିଳିବାରୁ ରବିବାର ଗ୍ରାମରେ ଆବାଳ ବୃଦ୍ଧବନିତା ଏକଜୁଟ ହୋଇ ଚାନ୍ଦା ଆଦାୟ କରି ଗ୍ରାମର ପ୍ରଶାନ୍ତ ମହାଳିକଙ୍କ ନେତୃତ୍ୱରେ ଗ୍ରାମର ଟୁଟୁ ଦାସ, ରାଜୁ ଦାସ, ଅଭିଳାଷ ଜେନା, ଅମୂଲ୍ୟ ଜେନା, ଦିପୁ ଦାସ, ଲକ୍ଷ୍ମୀଧର ଦାସ, ରବୀନ୍ଦ୍ର ଜେନା, ହରିଶଙ୍କର ଦାସ, ଶିଶିର ସିଂ, ଶ୍ରୀପତି ଜେନା, ତପନ ଦଳାଇ, ବିଜନ ଦଳାଇ, ମୁନା ଜେନା, କର୍ତ୍ତିକ ମହାଳିକ କମଳାକାନ୍ତ ମହାଳିକ, ବିଶୁ ମୁର୍ମୁ, ଚନ୍ଦନ ଜେନା, ହରିଶ ଚନ୍ଦ୍ର ଦାସ, ପ୍ରଦିପ ଦାସ ପ୍ରମୁଖ ଗ୍ରାମବାସୀଙ୍କ ସାହାଯ୍ୟ ଓ ସହଯୋଗର ମୋରମ, ମାଟି ଓ ଇଟାଭଙ୍ଗା ପକାଇ ରାସ୍ତା ମରାମତି କରିଥିଲେ।



# କଲେଜ ଛକର ବିଭିନ୍ନ ମେସ୍‌ରେ ପ୍ରଶାସନର ତଦନ୍ତ



ସୋର,୧୪।୯ (ସମିସ): ଗତ ୧୦ ତାରିଖରେ ସୋର ପୌର ପାଳିକା ଅନ୍ତର୍ଗତ କଲେଜ ଛକରେ ଥିବା ବିଭିନ୍ନ ମେସରେ ଅଂଶୁଘାତର ଶିକାର ହୋଇ ଛାତ୍ରଛାତ୍ରୀ ଡାକ୍ତରଖାନାରେ ଭର୍ତ୍ତି ହେବା ଘଟଣାରେ ଆଜି ଅପରାହ୍ନରେ ପ୍ରଶାସନ ତରଫରୁ ତଦନ୍ତ କରାଯାଇଛି। ଗତ ଦୁଇ ଦିନ ତଳେ ସୋର କଲେଜ ଛକରେ ଥିବା ବିଭିନ୍ନ ମେସରେ ରହୁଥିବା ପିଲାମାନେ ଅସହ୍ୟ ଗୁଳୁଗୁଳି କାରଣରୁ ଅଂଶୁଘାତର ଶିକାର ହୋଇ ୨୦ରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏ ନେଇ ବିଭିନ୍ନ ଗଣ ମାଧମରେ ଖବର ପ୍ରକାଶିତ ହେବା ପରେ ପ୍ରଶାସନ ଆକସନ ମୋଡ଼କୁ ଆସିଛି। ଆଜି ଅପରାହ୍ଣରେ ସୋର ତହସିଲଦାର ଦୈତାରୀ ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋସ୍ନା ମହାନ୍ତି, ସିଡିପିଓ ହାରାମଣି ନାଇକ, ସୋର ଥାନା ଏସଆଇ ପ୍ରଭାକର ସାହୁ କଲେଜ ଛକରେ ଥିବା ୪ ଟି ମେସ ଓ ମାଟିଆପଲା ଛକରେ ଥିବା ଗୋଟିଏ ମେସରେ ତଦନ୍ତ କରିଥିଲେ। ତଦନ୍ତ ସମୟରେ କିଛି ମେସରେ ପିଲା ମାନେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ଏହି ଟିମ ଅନୁଭବ କରିଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ସହିତ ଘର ମାଲିକଙ୍କୁ ନୋଟିସ କରାଯିବ ବୋଲି ତହସିଲଦାର ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି। ଏଥି ସହିତ ଆଗାମୀ ଦିନରେ ସୋରରେ ଥିବା ସମସ୍ତ ମେସ ଗୁଡିକରେ ଚଢ଼ଉ ଜୋରଦାର କରାଯିବ ବୋଲି ତହସିଲଦାର ଶ୍ରୀ ମଲ୍ଲିକ କହିଛନ୍ତି।

# ମାଛ ଜାଲରୁ ଅଜଗର ଉଦ୍ଧାର

ସୋର,୧୪।୯ (ସମିସ): ସୋର ଥାନା ନାୟକବନ୍ଧ ଛକ ନିକଟରେ ମାଛ ଧରିବାକୁ ବସିଥିବା ଏକ ଜାଲରେ ୮ ଫୁଟ ଲମ୍ବର ଏକ ଅଜଗରକୁ ଉଦ୍ଧାର କରାଯାଇଛି। ଆଜି ମଧ୍ୟାହ୍ନରେ ନାୟକବନ୍ଧ ଛକ ନିକଟରେ ରାସ୍ତାରେ ଯାଉଥିବା ଦହିସଡା ଗ୍ରାମର ବୁଦ୍ଧିରାମ ମଳିକ ଜଣେ ପରିସ୍ରା କରୁଥିବା ବେଳେ ନିକଟରେ ଥିବା ନାଳରେ ମାଛ ଧରିବାକୁ ବସିଥିବା ଜାଲରେ ଅଜଗର ସାପକୁ ଦେଖି ସ୍ଥାନୀୟ ଲୋକଙ୍କୁ କହିଥିଲେ। ପରେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବନ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଜାଲରୁ ସୁରକ୍ଷିତ ଭାବେ ସାପକୁ ଉଦ୍ଧାର କରି କୁଲଡିହା ଜଙ୍ଗଲରେ ଛାଡିଥିବା ଜଣାପଡିଛି।

# ସ୍କୁଲ ବସ୍ ସେବା ଶୁଭାରମ୍ଭ

ବାଲିଆପାଳ, ୧୪।୯ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୁଆଗାଁ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସ୍କୁଲବସ ସେବାର ଶୁଭାରମ୍ଭ ହୋଇଛି। ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ବେହେରାଙ୍କ ଉଦ୍ୟମରେ ଆଜି ଠାରୁ ସ୍କୁଲବସ୍ ଚଳାଚଳ ଆରମ୍ଭ ହୋଇଛି। ବିଦ୍ୟାଳୟର ସଭାପତି ପ୍ରମୋଥ କୁମାର ଜେନା, ଅଭିଭାବକ ଯତିନ୍ ପରିଡା, ଦୟାନନ୍ଦ ବିଶ୍ୱାଳ, ବିମଳ ରାଉତ, ଗୁରୁଜୀ ଗଦାଧର ବେହେରା, ନିଆସୀ ରଣଜିତ, ଧରଣୀଧର ନାୟକ ପ୍ରମୁଖ ଗୁରୁଜୀ ଓ ଗୁରୁମା ତ୍ରୀରଙ୍ଗା ପତାକା ଦେଖାଇ ବସ ସେବା ଉଦଘାଟନ କରିଥିଲେ। ପ୍ରଧାନ ଗୁରୁଜୀ ପ୍ରଭାକର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଳମ୍ବିତ ରାତିରେ ପୁଲିସର କଡ଼ା ଯାଞ୍ଚ

ରାଜଘାଟ, ୧୪।୯ (ସମିସ): ଦିନକୁ ଦିନ ରାଜପଥରେ ବଢୁଛି ଲୁଟେରାଙ୍କ ପ୍ରାଦୁର୍ଭାବ, ଚୋରି, ରାହାଜାନୀ, ଛିନତାଇ, ହତ୍ୟା ଭଳି ଘଟଣା ଭିଆଉଛନ୍ତି ଲୁଟେରା। ଯାହା ଫଳରେ ରାଜପଥ ଉପରେ ଯାତାୟାତ କରିବାକୁ ଭୟ କରୁଛନ୍ତି ଲୋକେ। ରାତିରେ ଏଭଳି ଘଟଣା ଅଧିକ ଘଟୁଥିବା ଦେଖା ଯାଉଛି। ତେଣୁ ଗତକାଲି ବିଳମ୍ବିତ ରାତିରେ ୬୦ ନଂ ଜାତୀୟ ରାଜପଥର ଭେଲୋରା ଠାରେ ବସ୍ତା ପୁଲିସ ଏବଂ ରାଜପଥ ପାଟ୍ରୋଲିଂ ପୁଲିସ ପକ୍ଷରୁ ଦୁଇ ଚକିଆ, ଚାରି ଚକିଆ ଯାନ ସହିତ ବିଭିନ୍ନ ଗାଡ଼ି ମଟର ଗୋଡିକୁ କଡାକଡି ଚେକିଂ କରା ଯାଇଛି। ୬୦ ନଂ ଜାତୀୟ ରାଜପଥ ର ପଶ୍ଚିମବଙ୍ଗ ସିମାନ୍ତ ଲକ୍ଷ୍ମଣନାଥ ଠାରୁ ହଳଦୀପଦା ପର୍ଯ୍ୟନ୍ତ ଲୁଟେରା ମାନେ ଲୁଟତରାଜ ଚଳାଇଛନ୍ତି। କେତେବେଳେ ନିଜକୁ ଏମଭିଆଇ ପରିଚୟ ଦେଇ ଗାଡ଼ି ଅଟକାଇ ଲୁଟ କରୁଛନ୍ତି ତ କେତେବେଳେ ପୁଲିସ ଆରଟିଓ କହି ଚାନ୍ଦା ଆଦାୟ କରୁଛନ୍ତି। କେତେବେଳେ ବନ୍ଧୁକ, ଭୁଜାଲି ରେ ମରଣାନ୍ତକ ଆକ୍ରମଣ କରି ଲୁଟ୍ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ପକ୍ଷରୁ ପୁଲିସ ପାଟ୍ରୋଲିଂ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା। ଗତକାଲି ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ କଡାକଡି କରିଛି।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ସ୍ମୃତିସଭା

ବାଲିଆପାଳ/କାଳିପଦା, ୧୪।୯ (ସମିସ): ବାଲିଆପାଳ ବ୍ଲକ ପ୍ରତାପପୁର ଗ୍ରାମର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମାର୍କଣ୍ଡ ଚରଣ ସାହୁଙ୍କ ଏକାଦଶାହ କର୍ମ ଅବସରରେ ସ୍ମୃତି ଉନ୍ମୋଚନ ସଭା ବିଶିଷ୍ଟ ସାହିତ୍ୟିକ ତଥା ଓଡିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ପ୍ରତିଭା ବ୍ରଜେନ୍ଦ୍ର ନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ସ୍ୱର୍ଗତଃ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୁତୁରା ଜଳଧର ସାହୁ, ସମାଜସେବୀ ବିକାଶ ରଞ୍ଜନ ଗିରି, ଜଗନ୍ନାଥ ସେବା ସଂସ୍ଥାର ପ୍ରତିଷ୍ଠାତା ସୁସାହିତ୍ୟିକ ଜଗନ୍ନାଥ ପ୍ରଧାନ ଓ ତାଙ୍କ ପତ୍ନୀ ଶଙ୍କରୀମଣି ପ୍ରଧାନ, ମନ୍ମଥ କୁମାର ରାଉତ, ଗୌରୀପ୍ରସାଦ ମହାନ୍ତି, ପ୍ରଫୁଲ୍ଲ ସି, ମନ୍ମଥ ରାଉତ ପ୍ରମୁଖ ଯୋଗ ଦେଇ ଶୋକପ୍ରକାଶ କରିଥିଲେ। ଏକମାତ୍ର ପୁତ୍ର ରମାକାନ୍ତ ସାହୁ, ଦୁଇ ନାତି ଦିବ୍ୟଲୋଚନ, ରାଜୀବ ଲୋଚନ ତିନିଜଣ କନ୍ୟା ଓ ଜ୍ୱାଇଁ ଉପସ୍ଥିତ ଥିଲେ।






# 'ଭାରତୀୟ ସଂସ୍କୃତିର ଆଧାର ସଂସ୍କୃତ ଭାଷା'

ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀର ଉଦ୍‌ଯାପନୀ ଉତ୍ସବ

ଜଳେଶ୍ୱର,୧୪।୯ (ସମିସ)



ବିଶ୍ୱ ଦରବାରରେ ଭାରତୀୟ କଳା ସାହିତ୍ୟ, ସଂସ୍କୃତି ଐତିହ୍ୟ ପରମ୍ପରା ଓ ସଂସ୍କୃତ ଭାଷା, ଆମକୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ପାଶ୍ଚାତ୍ୟ ଭାଷା, ଚାଲି ଚଳନ ପ୍ରଭାବରେ ଭାରତୀୟ ସଂସ୍କୃତି ଧିରେ ଧିରେ ବିଲୋପ ହେବାକୁ ଯାଉଛି। ତେଣୁ ଭାରତୀୟ ସଂସ୍କୃତିର ମୂଳ ଆଧାର ସଂସ୍କୃତ ଭାଷା ଓ ସଂସ୍କୃତି ର ପୁନଃ ଉଦ୍ଧାର ଲାଗି ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ ନିରନ୍ତର ପ୍ରଚେଷ୍ଟା କରି ଆସୁଛି। ଜଳେଶ୍ୱର ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶ ଦିବସ ବ୍ୟାପୀ ସଂଗୋଷ୍ଠୀର ଉଦଯାପନୀ ଉତ୍ସବ ରବିବାର ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିବେକାନନ୍ଦ ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ସଂସ୍କୃତ ଭାଷାକୁ ଆପଣେଇଲେ ଭାଷାର ଉନ୍ନତି ସହ ସଭ୍ୟତା ସଂସ୍କୃତି ସମ୍ପନ୍ନ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଅମୃତ ବାଣୀ ପ୍ରତିଷ୍ଠାନର ସଭାପତି ଡ. କୁମର ଚନ୍ଦ୍ର ମୀଶ୍ର, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବିପିନି ବିହାରୀ ବିଶ୍ୱାଳ, ସମ୍ମାନିତ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟାପିକା ଇନ୍ଦୁମତି ଗିରି, ଉପଦେଷ୍ଟା ସଞ୍ଜୟ କୁମାର ପଣ୍ଡା, ପଣ୍ଡିତ ଗିରିଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରଧାନ ଆଚାର୍ଯ୍ୟ ରାଧା ରଞ୍ଜନ ବାଗ ପ୍ରମୁଖ ମଞ୍ଚାସୀନ ହୋଇ ସାମାଜିକ କ୍ଷେତ୍ରରେ ସଂସ୍କୃତ ଭାଷାର ବ୍ୟାପକ ବ୍ୟବହାର ହେଲେ ଉନ୍ନତି ସମ୍ଭବ ବୋଲି ବକ୍ତବ୍ୟ ରଖିଥିଲେ। ପଣ୍ଡିତ ରବିନାରାୟଣ ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ପଣ୍ଡିତ ଜନାର୍ଦ୍ଦନ ମିଶ୍ର ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଆଶୋତଷ ରଥ ବେଦ ଧ୍ୱନି ଉଚ୍ଚାରଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଦୁଇ ସଂସ୍କୃତ ପ୍ରଚାରକ ଆଚାର୍ଯ୍ୟ ଜୟ ପ୍ରକାଶ ଶାସ୍ତ୍ରୀ, ଦୁଲାଲ ଚନ୍ଦ୍ର ପଣ୍ଡା, ସଂସ୍କୃତ ବିଶାରଦ ମୀନା କୁମାରୀ ପଣ୍ଡା, ସୁମତୀ ରାଣୀ ପ୍ରଧାନ, ଅଜୟ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିଥି ମାନଙ୍କ ହସ୍ତରେ ଅନୁଷ୍ଠାନର ମୁଖପତ୍ର 'ସୁଶ୍ରୀ', ଡଃ ସାହୁଙ୍କ ରଚିତ ସଂସ୍କୃତ ନାଟକ "ଶର ସନ୍ଧାନୀ, ଗିରିଶ ପାଣିଗ୍ରାହୀଙ୍କ ରଚିତ "ଶିବ ସଂଘିତା" ପୁସ୍ତକ ଉନ୍ମୋଚିତ ହୋଇଥିଲା। ଗୀତା ଶାସ୍ତ୍ର, ସଂସ୍କୃତ ସାଧାରଣ ଜ୍ଞାନ, ଶାସ୍ତ୍ରୀୟ ସଙ୍ଗୀତ, ସଂସ୍କୃତ ଭାଷା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମଗ୍ର ବ୍ଲକରେ ସଂସ୍କୃତ ବିଷୟରେ ମାଧ୍ୟମିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୬ ଜଣ ଶିକ୍ଷାର୍ଥୀଙ୍କୁ ପୁରସ୍କାର ମଧ ଦିଆଯାଇଥିଲା।


JOB OPPORTUNITY

Ev mechanic -3 nos, Experience -3 years
Salary -Rs 8,000/- with Lunch
Service incharge -1 nos, experience- 1year
Salary -Rs 10,000/- With lunch

IF INTRESTED...
SEND YOUR BIODATA & CONTACT WITH
SATYA ENTERPRISES

WARD NO-13, SRIPADGANJ, NEAR SDPO OFFICE,
STATION BAZAR, PALABANI, BARIPADA
Phone No-8144751467, E-Mail:- dealereve@gmail.com

## ମାକଳପୁର ସାର୍ବଜନୀନ ଦୁର୍ଗାପୂଜା କମିଟି

# ଏଥର ବୁଦ୍ଧ ମନ୍ଦିରର ମୁଖଶାଳା ତୋରଣ





ଆସୁଛନ୍ତି ମା' ଦୁର୍ଗା

◆ ଏଥର ତୋରଣ ଭିନ୍ନ ଧରଣର ହେବ। ଏକ ବୌଦ୍ଧ ମନ୍ଦିର ସଦୃଶ ମୁଖଶାଳା ହେବ ଏବଂ ମଝିରେ ବୁଦ୍ଧଙ୍କ ବଦଳରେ ମାଆଙ୍କ ମୁହଁ ରହିବ। ବୌଦ୍ଧ ମନ୍ଦିର ପରି ତୋରଣ ପ୍ରସ୍ତୁତ ହେଉଛି। ଭିତରେ ବଡ ବଡ ଘଣ୍ଟି ଲଗାଇ ସାଜସଜ୍ଜା ହେବ। ବେଙ୍ଗଲୀ କାରିଗରମାନେ କାମ କରୁଛନ୍ତି।



ଆଲୋକ କୁମାର ସାହୁ, ସଭାପତି

◆ ଏଠାରେ ପୂଜାରେ ପାଖାପାଖି ୫୫୦ ଡାଲା ଲାଗେ। ମାକଳପୁର ସହିତ ବୈରାମନଗର, ନଳମଗଞ୍ଜ, ଭୋଇସାହି ଅଞ୍ଚଳର ଲୋକ ଆସିଥାନ୍ତି। ଏଥର ୧୫ ହଜାର ଲଡୁ ବଣ୍ଟାଯିବ। ୬୦ କେଜିର ଏକ ବଡ଼ ଲଡୁ ମଧ୍ୟ ପ୍ରସାଦରେ ରହିବ।



ପ୍ରଶାନ୍ତ ଚାନ୍ଦ, ସମ୍ପାଦକ

ବାଲେଶ୍ୱର,୧୪।୯ (ସମିସ)

ଏକ ବୌଦ୍ଧ ମନ୍ଦିରର ମୁଖଶାଳା ପରି ହେବ ତୋରଣ। ପାଖାପାଖି ୫୦ ଫୁଟ୍ ଉଚ୍ଚର ତୋରଣରେ ହେବ ସାଜସଜ୍ଜା। ଏହା ସମ୍ପୂର୍ଣ୍ଣ ଫାଇବର୍ ଏବଂ ଲୁହାରେ ନିର୍ମିତ ହେବ। ଯାହା ଏଥରର ମୁଖ୍ୟ ଆକର୍ଷଣ ପାଲଟିବ। ଚଳିତବର୍ଷ ବାଲେଶ୍ୱର ସହରର ମାକଳପୁରଠାରେ ମାକଳପୁର ନାଥପାଣି ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମାଣ ହେଉଛି ଭିନ୍ନ ଏକ ତୋରଣ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏକ ଭିନ୍ନ ଓ ଆକର୍ଷଣୀୟ ତୋରଣ ନିର୍ମାଣର ଯୋଜନା କରିଛି କମିଟି। ଚଳିତବର୍ଷ ୪୬ ବର୍ଷର ଶାରଦୀୟ ମହୋତ୍ସବ ପାଳିବ କମିଟି। ୧୯୮୦ ମସିହାରୁ ମାକଳପୁର ନାଥପାଣି ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପାଳିତ ହୋଇଆସୁଛି। କମିଟି ଚଳିତବର୍ଷ ୪୬ ତମ ଦୁର୍ଗାପୂଜା ପାଳନ କରିବ। ଦୁର୍ଗା ପୂଜା ପାଇଁ ପ୍ରାୟ ୯ ଲକ୍ଷ ଟଙ୍କାର ବଜେଟ୍ ରହିଛି। ସେପ୍ଟେମ୍ବର ୨୮ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ମଣ୍ଡପରେ ପୂଜା ପାଇବେ ମାଆ ଦୁର୍ଗା। ଷଷ୍ଠୀରୁ ପୂଜା ଆରମ୍ଭ ହୋଇ ଦଶହରା ପର୍ଯ୍ୟନ୍ତ ଚାଲିବ। ପ୍ରତିବର୍ଷ କିଛି ଭିନ୍ନ ଧରଣର ତୋରଣ କରୁଥିବା ଏହି କମିଟି ଚଳିତ ବର୍ଷ ମଧ୍ୟ ଆକର୍ଷଣୀୟ ତୋରଣ ପାଇଁ ଯୋଜନା କରିଛି। ବୌଦ୍ଧ ଧର୍ମାବଲମ୍ବୀ ସଦୃଶ ରହିବ। ତୋରଣର ଉଚ୍ଚତା ପ୍ରାୟ ୫୦ ଫୁଟ୍ ରହିବ ଏହାର କାମ ମଧ୍ୟ ଆରମ୍ଭ ହୋଇଗଲାଣି। ମା'ଙ୍କ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ ରହିବା ସହିତ ମୂର୍ତ୍ତି ତିଆରି ମଧ୍ୟ ଆରମ୍ଭ ହୋଇଗଲାଣି। ମାଆ ଦୁର୍ଗାଙ୍କ ସହିତ ଅନ୍ୟ ଦେବଦେବୀଙ୍କ ପାଇଁ ରୂପା ଓ ସୁନାର ଅଳଙ୍କାର ରହିଛି। ଏଥର ଲଡୁ ବଣ୍ଟନ କାର୍ଯ୍ୟକ୍ରମ ହେବ। ଏହାବ୍ୟତୀତ ଉକ୍ତ ଗ୍ରାମର ରଘୁନାଥ ଜୀଉ ମନ୍ଦିରରୁ ରଘୁନାଥ ଜୀଉଙ୍କୁ ସପ୍ତମୀ ଦିନ ସକାଳୁ ପୂଜା ମଣ୍ଡପକୁ ଅଣାଯାଏ। ଦଶହରା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ତାଙ୍କର ସ୍ୱତନ୍ତ୍ର ପୂଜା ବିଧି କରାଯିବ। ଏହି କମିଟି ସହିତ ପ୍ରାୟ ୩୦୦ରୁ ଅଧିକ ସଦସ୍ୟ ଜଡିତ ରହିଛନ୍ତି। କମିଟି ସଭାପତି ଆଲୋକ କୁମାର ସାହୁ, ଉପସଭାପତି ସତ୍ୟଜିତ ଗୁପ୍ତା, ସମ୍ପାଦକ ପ୍ରଶାନ୍ତ ଚାନ୍ଦ, ଯୁଗ୍ମ ସମ୍ପାଦକ ସୁରେଶ ଦାସ, ସହଯୋଗୀ ସମ୍ପାଦକ ରମେଶ ଚନ୍ଦ୍ର ନାୟକ ଓ ଶୈଳେନ୍ଦ୍ର ପଣ୍ଡା, ଟ୍ରେଜରର୍ ସୌଭାଗ୍ୟ ରଞ୍ଜନ ଦାସଙ୍କ ସମେତ ଗୌରୀ ଶଙ୍କର ସାହାଣୀ, ପ୍ରଭାତ ବିଶ୍ୱାଳ, ବାସନ୍ତୀ ନାୟକ, ଅମର ଦେ, ଅରୁଣ ଦାସ, ରବୀନ୍ଦ୍ର ନାଥ ନନ୍ଦୀ ପ୍ରମୁଖଙ୍କ ପରିଚାଳନାରେ ପୂଜା ସମ୍ପନ୍ନ ହୋଇଥାଏ।

## ପ୍ରଫେସର ଦେବାଶିଷ ପାତ୍ରଙ୍କୁ ଭାରତୀୟ ଭାଷା ସମ୍ମାନ

ବାଲେଶ୍ୱର,୧୪।୯ (ସମିସ): ବାରଣାସୀର କାଶୀ ବିଦ୍ୟାପୀଠ ଅଡିଟୋରିୟମରେ ହିନ୍ଦୁସ୍ଥାନ ସମାଚାର ପକ୍ଷରୁ ଆୟୋଜିତ ଭାରତୀୟ ଭାଷା ସମ୍ମିଳନୀରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ରଙ୍କୁ "ଭାରତୀୟ ଭାଷା ସମ୍ମାନ-୨୦୨୫" ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟରେ ନିଜର ଅସାଧାରଣ ଅବଦାନ ସହ, ଆଦିବାସୀ ଅଧ୍ୟୟନ ଓ ଗବେଷଣା ତଥା ସାହିତ୍ୟର ବିବିଧ ବିଷୟରେ ଶତାଧିକ ପ୍ରକାଶନ ମାଳା ପାଇଁ ପ୍ରଫେସର ପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ଭାଗରୁ ପ୍ରତିଷ୍ଠିତ ଶିକ୍ଷାବିତ୍ ଓ ସାହିତ୍ୟିକମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀକୁ ଜମ୍ମୁ ଓ କାଶ୍ମୀରର ଲେଫ୍ଟେନାଣ୍ଟ ଗଭର୍ନର ଶ୍ରୀ ମନୋଜ ସିହ୍ନା ଉଦ୍‌ଘାଟନ କରିଥିଲେ ଓ 'ଶିକ୍ଷା ସଂସ୍କୃତି ଉତଥାନ ନ୍ୟାସ'ର ଜାତୀୟ ସଚିବ ଅତୁଲ ଭାଇ କୋଠାରୀ ପ୍ରମୁଖ ବ୍ୟାଖ୍ୟାନ ଉପସ୍ଥାପନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ



ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜିତ କୁମାର ଚତୁର୍ବେଦୀ ଓ କାଶୀ ବିଦ୍ୟାପୀଠର କୁଳପତି ପ୍ରଫେସର ଆନନ୍ଦ କୁମାର ତ୍ୟାଗୀ ଉପସ୍ଥିତ ଥିଲେ। ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଭିନନ୍ଦନ ଜଣାଇ ଏହି ସଫଳତାକୁ ବିଶ୍ୱବିଦ୍ୟାଳୟ ପରିବାର ପାଇଁ ଗୌରବର କ୍ଷଣ ବୋଲି ବର୍ଣ୍ଣନା କରିଥିଲେ।

## ରଣସାହିରେ ହିନ୍ଦୀ ଦିବସ ପାଳିତ



ବାଲେଶ୍ୱର,୧୪।୯ (ସମିସ): ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ଓ "ମୋ ଯୁବ ଭାରତ'ର ମିଳିତ ସହଯୋଗରେ ହିନ୍ଦୀ ଦିବସ ରଣସାହିରେ ପାଳିତ ହୋଇଯାଇଛି। ତୃଣମୂଳ ସ୍ତରରେ ହିନ୍ଦୀ ଭାଷାର ବ୍ୟବହାର ବୃଦ୍ଧି ପାଇଁ ୟୁନିଅନ ନୋଡାଲ ହାଇସ୍କୁଲ ସ୍କୁଲ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁନ କମ୍ୟୁନିକେସନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ୟୁନିଅନ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସ, ଅନ୍ୟତମ ଅତିଥି ଭାବେ ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଲତା ପେଡା, ଗୀତାଞ୍ଜଳି ମହାପାତ୍ର, ମୀନାରାଣୀ ଜେନା ଯୋଗ ଦେଇ ଭାରତୀୟ ଜନଜୀବନରେ ହିନ୍ଦୀ ଭାଷାର ପ୍ରଭାବ ଓ ଏହାକୁ କିପରି ବୃଦ୍ଧି କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ମଧ୍ୟରେ ହିନ୍ଦୀ ଭାଷା ପ୍ରତି ଆଗ୍ରହ ବୃଦ୍ଧି ପାଇଁ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ସାଧାରଣ ଲୋକଙ୍କ ମଧ୍ୟରେ ହିନ୍ଦୀ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ମୁରଲୀ ଧର ମହାନ୍ତି ନେତୃତ୍ୱରେ ଏକ ସାଇକେଲ ରାଲି ରଣସାହି, ହିଡିଗାଁ, ଗୁଡୁ, ସାରଗାଁ ଓ ଗେଙ୍ଗୁଟି ପଂଚାୟତ ପରିକ୍ରମା କରି ଜନସାଧାରଣଙ୍କୁ ରାଜଭାଷା ବ୍ୟବହାର ବୃଦ୍ଧି ପାଇଁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପର୍ଶୁରାମ ରାଉତ, ଜଳଧର ବେହେରା, ଜଗନ୍ନାଥ ବେହେରା, ଉପେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି, ୧୪।୯ (ସମିସ): ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ତାଙ୍କ ୮ବର୍ଷର



ଭଣଜା ଅଳ୍ପକେ ହାତୀ ମୁହଁରୁ ବର୍ଞ୍ଚିଯାଇଛି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରଙ୍ଗାମାଟିଆ ଗ୍ରାମର ଗଙ୍ଗାଧର ମୁର୍ମୁର ପୁଅ ଶିବ ନିଜ ଶଶୁର ଘର ନୀଳଗିରି ବ୍ଲକର ଭଉରିଆବାଡ ପଞ୍ଚାୟତର ତୁଳସୀଡିହା ଗ୍ରାମକୁ ଆସିଥିଲେ। ରବିବାର ଦିନ ନିଜ ୮ବର୍ଷର ଭଣଜାକୁ ସାଇକେଲରେ ବସାଇ ବଣଭୂଇ ହାଟକୁ ଆସିଥିଲେ। ହାଟରୁ ଘରକୁ ଫେରୁଥିବା ସମୟରେ ତୁଳସିଡିହା ଜଙ୍ଗଲ ରାସ୍ତାରେ ଏକ ହାତୀ ଆକ୍ରମଣ କରିଥିଲା। ନିଜ ଭଣଜା କୁ ଜୀବନ ବିକଳରେ ନିକଟସ୍ଥ ବିଲକୁ ଫିଙ୍ଗି ଦେଇଥିଲା। ହାତୀ ଆକ୍ରମଣରେ ଶିବର ଗୋଡ, ହାତ ଓ ଛାତିରେ ଗଭୀର ଆଘାତ ଲାଗିଥିବା ବେଳେ ସାଇକେଲ ଟି ଭାଙ୍ଗି ଯାଇଥିବାର ଦେଖିବାକୁ ମିଳିଛି। ପାଟି କରିବାରୁ ହାତୀଟି ପଳାଇ ଯାଇଥିଲା। ପରେ ଶଶୁର ଘର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲ ଆଣିଥିବା ବେଳେ ଏବେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତୁରନ୍ତ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ବାଲେଶ୍ୱର,୧୪।୯ (ସମିସ): ପିଲାମାନଙ୍କ ଭିତରେ ପରିବେଶ ଅନୁକୂଳ ଉତ୍ପାଦ ଏବଂ ପରିବେଶ ସୁରକ୍ଷା ସମ୍ବନ୍ଧରେ ସଚେତନତା ସୃଷ୍ଟିକୁ ଦୃଷ୍ଟିରେ ରଖି କୁନି କୁନି ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ୱଭିଓନା ନେଚୁରାଲ୍ସ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏଥିରେ ୩୦ରୁ ଅଧିକ ପିଲା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପୀ କେଶୁଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗଦାଧର ମହାନ୍ତି ବିଚାରକ ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କୁ ଗଛ ଚାରା ଦିଆଯାଇ ସ୍ୱାଗତ କରାଯାଇଥିଲା। ଆୟୋଜକ ତଥା ଭିଓନାର ନିର୍ଦ୍ଦେଶିକା ଶିବାନୀ ସମାଦ୍ଦାର ଦତ୍ତ ଏହି



ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଶ୍ୱଭୂଷଣ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଆରତି, ପ୍ରିୟା, ମଧୁସ୍ମିତା, ସୁକାନ୍ତି ଏବଂ ରଶ୍ମିତା ପ୍ରମୁଖ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ବୈଠକ




ବାଲେଶ୍ୱର,୧୪।୯ (ସମିସ): ଏଆଇଟିୟୁସି ସହବନ୍ଧିତ 'ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ବାଲେଶ୍ୱର ଜିଲ୍ଲାର ସଭାପତି ପ୍ରତିଭା ପାଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାର କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମଗ୍ର ଦେଶରେ ଅଗଣିତ ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା, କିଶୋରୀ,ଗର୍ଭବତୀ,ପ୍ରସୂତି ମହିଳା,ପୁଷ୍ଟିହୀନତା ଦୂରୀକରଣ,(୩-୬) ବର୍ଷର ଶିଶୁମାନଙ୍କର ଯତ୍ନ ଓ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବାର ପ୍ରମୁଖ ଭୂମିକା ତୁଲାଇ ଆସୁଥିବା ବେଳେ କର୍ମୀମାନଙ୍କୁ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡୁଛି। ଦୀର୍ଘଦିନ ଧରି କିଶୋରୀମାନଙ୍କୁ ପ୍ରଦାନ କରାଯାଉଥିବା ଅଣ୍ଡାବାବଦକୁ ଅର୍ଥ, ମମତା ପ୍ରୋତ୍ସାହନ ରାଶି, ସୁଭଦ୍ରା ଯୋଜନାର ପ୍ରୋତ୍ସାହନ ରାଶି, ସୁଭଦ୍ରା ଅର୍ଥରାଶି, ବକେୟା ଘରଭଡ଼ା, ବିଗତ୭ବର୍ଷ ପୂର୍ବରୁ ବ୍ରିଜ ପ୍ରଶିକ୍ଷଣ ବାବଦକୁ ଅର୍ଥ, ବର୍ଦ୍ଧିତ ଅଣ୍ଡା ଦର ବାବଦକୁ ଅର୍ଥ ଆଦି ଅଗ୍ରୀମ ଦେବାର ନିର୍ଦ୍ଦେଶ ଥିଲା ବେଳେ ବାଲେଶ୍ୱର ଜିଲ୍ଲାରେ ଏହା ଠିକ ସମୟରେ ଦିଆଯାଉନାହିଁ ବୋଲି ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ କେନ୍ଦ୍ରକୁ ପାନୀୟଜଳ, ବିଦ୍ୟୁତ ସଂଯୋଗ, ନିଜସ୍ୱ ଅଙ୍ଗନବାଡ଼ି ଗୃହ ନିର୍ମାଣ ଓ ମରାମତି ବାବଦକୁ ଅର୍ଥ,ବିଭିନ୍ନ ଖାତାପତ୍ର ବାବଦକୁ ଅର୍ଥ, ଏସଏନପି ବାବଦକୁ ପିଲାପ୍ରତି ବଜାରଦର ଅନୁଯାୟୀ ଅର୍ଥପ୍ରଦାନ, ନୂଆନୂଆ ମୋବାଇଲ ଆପ ବ୍ୟବହାର ପାଇଁ ପ୍ରଶିକ୍ଷଣ ବାବଦକୁ ଅର୍ଥପ୍ରଦାନ ଆଦି ସଂଘର ଉପସଭାପତି ସୁଷମା ପାତ୍ର ଆଲୋଚନା କରିଥିଲେ। ସରକାରଙ୍କର ନିର୍ଦ୍ଦେଶନାମା ଅନୁଯାୟୀ ଯେଉଁ ଗ୍ରୁପର ନିଜସ୍ୱ ସିଲେଇ ୟୁନିଟ ରହିଛି ଏବଂ ସିଲେଇ ବାବଦକୁ ବ୍ୟାଙ୍କ ଲିଙ୍କେଜ ଥିବ ସେହି ଗ୍ରୁପ ପ୍ରାକ ବିଦ୍ୟାଳୟର ଶିଶୁମାନଙ୍କ ମାପ ନେଇ ନିଜେ ପୋଷାକ ତିଆରି କରି ପ୍ରଦାନ କରିପାରିବେ। ଏଥିରେ ବାଲେଶ୍ୱର ଜିଲ୍ଲାରେ ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରାଯାଇଛି। ଛତୁଆ ପ୍ରସ୍ତୁତରେ ଅଙ୍ଗନବାଡ଼ି କର୍ମୀଙ୍କର କୌଣସି ଭୂମିକା ନଥିବାବେଳେ ପ୍ରଦତ୍ତ ଛତୁଆ ନିମ୍ନମାନର ହେବାଦ୍ୱାରା ହିତାଧିକାରୀମାନଙ୍କ ଠାରୁ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଆକ୍ରୋଶର ଶୀକାର ହେବାକୁ ପଡୁଛି। କେନ୍ଦ୍ରକୁ ଚାଉଳ ବଂଟନ ବେଳେ ଓଜନ ମେସିନର ବ୍ୟବହାର ନ କରିବା, ୬ସୂତ୍ରୀର କାର୍ଯ୍ୟ ବ୍ୟତିତ ଅନ୍ୟାନ୍ୟ କାର୍ଯ୍ୟକୁ ଜୋର ଜବରଦସ୍ତି ବୋଝ ଉପରେ ନଳିତାବିଡ଼ା ପରି ଲଦି ଦିଆଯାଉଛି। ଜିଲ୍ଲାସ୍ତରୀୟ ପୋଷଣ କାର୍ଯ୍ୟକ୍ରମରେ କର୍ମୀମାନେ ନିଜ ହାତରୁ ଖର୍ଚ୍ଚ କରି ପିଠାପଣା ପ୍ରସ୍ତୁତ କରି ଆଣିବା ଇତ୍ୟାଦି କର୍ମୀଙ୍କ ପ୍ରତି ଉଦ୍ଦେଶ୍ୟମୂଳକ ଭାବରେ ହଇରାଣ ହରକତ କରାଯାଉଛି ବୋଲି ବୈଠକରେ ଶ୍ରୀମତୀ ପାଲ ଅଭିଯୋଗ କରିଥିଲେ। ଅଙ୍ଗନବାଡ଼ିକେନ୍ଦ୍ର ସଠିକ ଭାବେ ପରିଚାଳନା ପାଇଁ ବିଭିନ୍ନ ସମସ୍ୟା ଥିବାବେଳେ ସେଗୁଡ଼ିକର ସମାଧାନ କରିବା ପରିବର୍ତ୍ତେ ବିଭିନ୍ନ ଆକ୍ରୋଶର ଶିକାର ହେବାକୁ ପଡୁଛି। ଏହାକୁ ସଂଘପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ସବୁ ସମସ୍ୟା ଗୁଡ଼ିକ ସମାଧାନ ନହେଲେ ଆଗାମୀ ଦିନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଅଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାସିନୀ ପ୍ରଧାନ, ସଂଯୁକ୍ତା ସିଂହ, ଅନୁପମା ଗିରି, ମମତା ସେଠୀ, ପୂର୍ଣ୍ଣିମା ଦେ, ପ୍ରତିଭା ନାୟକ, ରିଙ୍କି ହାଲଦାର, ନିଶାମଣି ନାୟକ, ନୀଳିମା ଜେନା, ପ୍ରଣତି ପାଣିଗ୍ରାହୀ, ରଶ୍ମିତା ନାଥ, ମାଳତୀ ମିଶ୍ର, ମାନିନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ମା' ଦୁର୍ଗାଙ୍କ ଆଗମନ ପାଇଁ ହସୁଛି କାଶତଣ୍ଡୀ

## ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ଆଇନ ସଚେତନତା

ଜଳେଶ୍ୱର, ୧୪।୮ (ସମିସ) : ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ନାଲସା ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନଙ୍କ ଅଧିକାର, କର୍ତ୍ତବ୍ୟ ସହିତ ସୋସିଆଲ ମିଡିଆର ସୁରକ୍ଷା, ସାଇବର ଅପରାଧ, ପୋକସୋ ଆଇନର ଉପଯୋଗୀତା ସଂପର୍କରେ ସଚେତନ କରାଯାଇଥିଲା। ଏଥିରେ ନାଲସାର ସଭାପତି ଏ ଡିଜେ ଅଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସିଭିଲ ଜଜ୍ ସିନିୟର ଲିସା ସାମଲ, ସିଭିଲ ଜଜ୍ ଜୁନିୟର ସସ୍ମିତା ରଥ, ଜେଏମଏଫସି ଦେବାଶିଷ ଦାଶ, ତହସିଲଦାର ସତ୍ୟଜିତ ମହାନ୍ତି, ଆଇନଜୀବୀ ଚିନ୍ମୟ ଦାସ, କୁଂଜବିହାରି ଦାସ, ସୁନିଲ ଜେନା, ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ପ୍ରମୁଖ ଛାତ୍ରୀମାନଙ୍କୁ ସଚେତନ କରିଥିଲେ।

## 'ଶୋଭା'ର ବାର୍ଷିକ ଉତ୍ସବ




ବାଲେଶ୍ୱର,୧୪।୯ (ସମିସ): ନାଟ୍ୟାନୁଷ୍ଠାନ 'ଶୋଭା'ର ୧୦ମ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳନ ଅବସରରେ ୨୭ତମ ନାଟ୍ୟାର୍ଘ୍ୟ ଯଶସ୍ୱୀ ନାଟ୍ୟକାର ଡକ୍ଟର ନାରାୟଣ ସାହୁଙ୍କ ରଚିତ ନାଟକ "ଉତ୍ତର ପୁରୁଷ' ଏବଂ ଆଶିଷ ବର୍ଦ୍ଧନଙ୍କ ନିର୍ଦ୍ଦେଶନା ତଥା ଗୁରୁ ନନ୍ଦକିଶୋର ଦାସଙ୍କ ସଂଗୀତ ନିର୍ଦ୍ଦେଶନାରେ ଗାନ୍ଧି ସ୍ମୃତି ଭବନରେ ମଞ୍ଚସ୍ଥ ହୋଇଛି। 'ଶୋଭା'ର ସଭାପତି ବିନାୟକ ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଶିଷ୍ଟ ନାଟ୍ୟକାର ଗୌରୀ ଶଙ୍କର ସାହାଣୀ, ସମ୍ମାନିତ ଅତିଥି ସୁମନା ପରିଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନାଟ୍ୟଜଗତର ସୁନାମଧନ୍ୟ ନାଟ୍ୟକାର-ନିର୍ଦ୍ଦେଶକ ଇଂ. ଚିନ୍ମୟ ରକ୍ଷିତ୍‌ଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ଉତ୍ସବରେ ପ୍ରତିଭାସଂପନ୍ନ ଅଭିନେତା-ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ଘୋଷ ମଞ୍ଚଆହ୍ୱାନ କରିଥିଲେ। ନାଟକ "ଉତ୍ତର ପୁରୁଷ' ଅଂଶଗ୍ରହଣ କରିଥିବା ଶୁଭଙ୍କର, ଗୋବିନ୍ଦ ଦ୍ୱିବେଦୀ, ଆଷିଷ ବର୍ଦ୍ଧନ, ସୁରଜକାନ୍ତ, ଜଗନ୍ନାଥ, ତରୁଣ, ବୁଲୁ ଏବଂ ନାରୀ ଭୂମିକାରେ ମଧୁସ୍ମିତା, ସିତଲ୍, ବର୍ଷା ପ୍ରମୁଖ ଅଭିନୟ କରିଥିବା ବେଳେ ମଞ୍ଚ ପରିଚଳାନାରେ ଇଂ. ଶ୍ରୀତମ୍ ସହଯୋଗ କରିଥିଲେ।

## ପୂର୍ବତନ ବିଧାୟକଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ

# ଗୋପନାରାୟଣ ଥିଲେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବିକାଶ ପୁରୁଷ

ବାଲେଶ୍ୱର,୧୪।୯ (ସମିସ)


ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବିକାଶ ପୁରୁଷ ଥିଲେ। ତାଙ୍କ ବିଧାୟକତ୍ୱ ସମୟରେ ସେ ସଦର ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ଉପରେ ଅଧିକ କାମ କରିବା ସହ ଶିଳ୍ପବିହୀନ ବାଲେଶ୍ୱର ଜିଲ୍ଲାରେ ବହୁ ବୃହତ ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଥିଲେ। ରବିବାର ପୂର୍ବାହ୍ନରେ ଆୟୋଜିତ ତାଙ୍କର ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ଥାନୀୟ ହରିପ୍ଲାଜାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଏଭଳି ମତ ପ୍ରକାଶ କରିଛନ୍ତି। ନବରଙ୍ଗପୁରର ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝୀ ନିଜ ଅଭିଭାଷଣରେ କହିଥିଲେ କି, ସଦର ନିର୍ବାଚନ ମଣ୍ଡଳି ସମେତ ବର୍ତ୍ତମାନର



ରେମୁଣା ବିଧାନସଭା ନିର୍ବାଚନମଣ୍ଡଳିରେ ବିର୍ଲା ଟାୟାସ୍‌ର୍, ଇମାମି ପେପର୍ ମିଲ୍ସ, ଇସ୍ପାତ ଆଲୋଏଜ ଠାରୁ ଆରମ୍ଭ କରି ତତ୍କାଳୀନ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରେ ଜିଲ୍ଲାରେ ହଜାରେ ଦିନରେ ହଜାରେ ଶିଳ୍ପ ନିର୍ମାଣରେ ସ୍ୱର୍ଗତ ଦାସ ଆଗୁଆ ପଦକ୍ଷେପ ଗ୍ରହଣ କରିଥିଲେ।

ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଲୋକଙ୍କ ସ୍ୱାର୍ଥ ରକ୍ଷା ଓ ସମାଜସେବା ପାଇଁ ରାଜନୀତି କରାଯିବା ଆବଶ୍ୟକ ବୋଲି ସ୍ୱର୍ଗତ ଦାସ ପ୍ରମାଣିତ କରିଯାଇଛନ୍ତି। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସାମ୍ବାଦିକ ରଞ୍ଜନ ବାଗ, ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, କେଶବ ଚନ୍ଦ୍ର ଆଚାର୍ଯ୍ୟ, ପ୍ରତିମା ପଣ୍ଡା, ସଂଗ୍ରାମ ଦାସ, କାଉନସିଲର ପଦ୍ମଲୋଚନ ଲେଙ୍କା, ତୁଷାରକାନ୍ତି ତପ୍ସି, ଅର୍ଚ୍ଚନା ନନ୍ଦୀ, କୁମୁଦୁନୀ ବେହେରା, ପ୍ରଜ୍ଞାପାରମିତା ମହାନ୍ତି, ଆକବର ଖାନ୍, ଗୋପୀନାଥ ଶତପଥୀ, ପଙ୍କଜ ଆଚାର୍ଯ୍ୟ, ଶ୍ୟାମସୁନ୍ଦର ମହାନ୍ତି, ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ୱର୍ଗତ ଦାସଙ୍କ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଂଚ ପରିଚାଳନା କରିଥିଲେ ଅବିଭକ୍ତ କୁରୁଡ଼ା ସରପଂଚ ଗଣେଶ ପଣ୍ଡା ଓ ଅଧ୍ୟକ୍ଷତା କରିଥିଲେ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି। ପୂର୍ବାହ୍ଣରେ ଓଟି ରୋଡ୍‌ର ନୂତନ ଫ୍ଲାଏ ଓଭର ବ୍ରିଜ୍ ଛକରେ ଥିବା ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ସାମୂହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ରେମୁଣା ବିଧାୟକ ତଥା ବିଧାନସଭାରେ ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା, ଯୁବନେତା ବିକ୍ରମ ପଣ୍ଡା, ରେମୁଣା ବ୍ଲକ୍ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ, ଗଣେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ସ୍ୱର୍ଗତ ଦାସଙ୍କ ଧର୍ମପତ୍ନୀ ବୀଣାପାଣି ଦାସଙ୍କ ସମେତ ପରିବାର ବର୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଧର୍ମଧାରଣା ବିଶ୍ୱାସରୁ ଜନ୍ମନିଏ ଏବଂ ବିଶ୍ୱାସ ଜନ୍ମନିଏ ସୀମାବଦ୍ଧ ଚିନ୍ତାଧାରାରୁ।
-ଜିଡ୍ଡୁ କ୍ରିଷ୍ଣମୂର୍ତ୍ତି

ସକାଳ THE SAKALA

## ବାଣ ବିପଦ

ବାଣ କେବଳ ଆଉ ପାର୍ବଣର ମନୋରଞ୍ଜନ କିମ୍ବା ଉତ୍ସବ ପାଳନରେ ସୀମିତ ନାହିଁ। ଏହା ଏକ ପ୍ରାଣଘାତୀ ପ୍ରତିଯୋଗିତାରେ ପରିଣତ ହୋଇସାରିଛି। ଦୀପାବଳୀ ସମୟରେ ଦେଶର ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳ ବିଷପ୍ରକୋଷ୍ଠ ଭଳି ହୋଇଯାଉଥିବା ବେଳେ କ୍ରମଶଃ ଅନ୍ୟାନ୍ୟ ମେଟ୍ରୋସହରର ଆତସବାଜୀ ଜନିତ ପ୍ରଦୂଷଣସ୍ଥିତି ସେହି ସ୍ତରକୁ ଚାଲିଗଲାଣି। ଏହାଛଡ଼ା ବାଣର ବୁକୁଫଟା ଶବ୍ଦରେ କେତେ ଯେ ପ୍ରାଣ ଯାଉଛି ତାହାର ସରକାରୀ ହିସାବ ନାହିଁ। ବାଣର ଏହି ପ୍ରାଣଘାତୀ ପରିଣାମକୁ ଗୁରୁତ୍ୱ ଦେବାକୁ କେହି ପ୍ରସ୍ତୁତ ଥିବା ଭଳି ଲାଗୁନାହିଁ। ଏହି ପରିପ୍ରେକ୍ଷୀରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉଦ୍‌ବେଗ ପ୍ରକାଶ ଏବଂ ସମଗ୍ର ଦେଶରେ ବାଣକୁ ନିଷେଧ କରିବା ଲାଗି ଦେଇଥିବା ପରାମର୍ଶ ଯଥାର୍ଥ ଓ ସ୍ୱାଗତଯୋଗ୍ୟ।

ବାଣ ଫୁଟା ଜନିତ ଭୟଙ୍କର ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ନିୟନ୍ତ୍ରଣ କରିବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଗତବର୍ଷ ଦିଲ୍ଲୀ ମହାନଗରରେ ସମ୍ପୂର୍ଣ୍ଣ କଟକଣା ଜାରି କରିଥିଲେ। କଟକଣା ମାନିବା ଦୂରେ ଥାଉ ଦିଲ୍ଲୀ ସମେତ ଦେଶରେ ରେକର୍ଡ ସଂଖ୍ୟକ ବାଣ ଫୁଟିଥିଲା। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ି ନଥିଲା। ଦ୍ୱୈତନଗରୀରେ ଦୀପାବଳୀ ଦିନ ରାତି ତିନିଟା ପରେ, ଏପରିକି ଦୀପାବଳୀ ଆଗଦିନ ରାତି ୧୨ଟା ପର୍ଯ୍ୟନ୍ତ ବାଣ ଫୁଟିବା ଶୁଣିବାକୁ ଓ ଦେଖିବାକୁ ମିଳିଥିଲା। ସତେଯେମିତି ସର୍ବୋଚ୍ଚ ଅଦାଲତଙ୍କ ଉଦ୍‌ବେଗ ପ୍ରତି ବାଣପ୍ରେମୀଙ୍କ କୌଣସି ଆନ୍ତରିକତା ନଥିଲା। ଏହାପଛର କାରଣ ଦର୍ଶାଗଲା ଯେ ଅଦାଲତଙ୍କ ନିର୍ଦ୍ଦେଶ ଆସିବାର ଯଥେଷ୍ଟ ପୂର୍ବରୁ ଆତସବାଜି ବଜାର ଓ ଗ୍ରାହକଙ୍କ ହାତକୁ ଚାଲିଯାଇଥିଲା। ବାଣ ବିକ୍ରେତାମାନେ ମଧ୍ୟ ଲାଇସେନ୍ସ ପାଇ ସାରିଥିଲେ। ତେଣୁ ଚଳିତ ବର୍ଷ ଯଥେଷ୍ଟ ସମୟ ପୂର୍ବରୁ ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ସତର୍କ ସୂଚନା ଦେଇସାରିଛନ୍ତି। ଏହାର କାର୍ଯ୍ୟକାରିତା ଲୋକ ମାନସିକତା ଉପରେ ନିର୍ଭର କରେ।

ବାଣ ପ୍ରସ୍ତୁତି, ଚାଲାଣ ଓ ବିକ୍ରିବଟା ଉପରେ ସରକାରୀ କଟକଣା ବା ନିଷେଧାଦେଶ ଆଗୁଆ ରହିଲେ ଏହାର ବ୍ୟବହାର କମି ପାରନ୍ତା କିମ୍ବା ଆଦୌ ହୁଅନ୍ତା ନାହିଁ। କିନ୍ତୁ ବାଣ ବଜାର ସହିତ ଜଡ଼ିତ ଅର୍ଥନୀତିକୁ ଦ୍ୱାହି ଦେଇ ଏଭଳି ପଦକ୍ଷେପ ନେବାରେ କୁଣ୍ଠା ପ୍ରକାଶ ପାଉଛି। ଜୀବନ ଥିଲେ ବେପାର ଓ ବଜାର ତିଷ୍ଠି ରହିବ - ଏ କଥା ବାଣପ୍ରେମୀମାନେ ସ୍ମରଣକୁ ଆଣିବା ଦରକାର। ସର୍ବୋପରି ବାଣବଜାର-ଅର୍ଥନୀତି ତୁଳନାରେ ଜୀବନର ମୂଲ୍ୟ କାହିଁ କେତେ ଅଧିକ ମୂଲ୍ୟବାନ - ଏ କଥା ହିଁ ସର୍ବୋଚ୍ଚ ନ୍ୟାୟାଳୟ ପରୋକ୍ଷରେ ପୁଣି ଥରେ ଚେତାଇ ଦେବାକୁ ଚାହିଁଛନ୍ତି। ଆମେ ଯଦି ପରମ୍ପରା ଆଳରେ ସଂଯମର ସୀମା ଉଲ୍ଲଂଘନ କରିବା ଅଦାଲତ କିମ୍ବା ସରକାର ତାହାକୁ ବନ୍ଦ କରିପାରିବେ ନାହିଁ। ଆମ ଚରିତ୍ରର ମନୋରଞ୍ଜନ ଓ ପ୍ରତିଯୋଗିତା ପ୍ରତି ଥିବା ଦୁର୍ବଳ ଦିଗ ସହିତ ଆମକୁ ଅନ୍ୟ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ତା' ନହେଲେ ଆମ ମନୋରଞ୍ଜନର ପ୍ରତିଯୋଗିତା ଅର୍ଥହୀନ ହୋଇ ଗଣମୃତ୍ୟୁର ଘଣ୍ଟି ବଜାଇବ। ଏବେ ସମୟ ଆସିଛି ଆମକୁ ପ୍ରାଣ କିମ୍ବା ବାଣ ମଧ୍ୟରୁ ଗୋଟିଏକୁ ଆପଣେଇ ନେବାକୁ ପଡ଼ିବ।

## ଖବର ତନଖି ଚିନ୍ତା

ନେପାଳର ସଦ୍ୟତମ ଶାସକ ବିରୋଧୀ ବିକ୍ଷୋଭରେ ସାମାଜିକ ଗଣମାଧ୍ୟମର ଭୂମିକାକୁ ନେଇ ବିଶ୍ୱ ଶାସକବର୍ଗ ଚିନ୍ତିତ। ସ୍ୱାଭାବିକ ଭାବେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଓ ସର୍ବାଧିକ ଜନବହୁଳ ଦେଶ ଭାରତ ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇଛି। ସାମାଜିକ ଗଣମାଧ୍ୟମ ଗୁଜବରେ ଭାରତରେ ନେପାଳ ସଦୃଶ ବିକ୍ଷୋଭର ସମ୍ଭାବନା ନଥିଲେ ମଧ୍ୟ ଅଧୁନା କ୍ରମବର୍ଦ୍ଧିଷ୍ଣୁ ବିଭ୍ରାନ୍ତିକର ଓ ମିଥ୍ୟା ଖବର ପ୍ରଚାର ଓ ପ୍ରସାରଣ ଉଦ୍‌ବେଗର କାରଣ ହୋଇଛି। ଦେଶର ସଂହତି, ସାର୍ବଭୌମ, ଅଖଣ୍ଡତା, ସାମ୍ପ୍ରଦାୟିକ ସଦ୍‌ଭାବନା ଓ ଏକତା ପ୍ରତି ମିଥ୍ୟା ଓ ବିଭ୍ରାନ୍ତିକର ଖବରର ନକାରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ଭାରତ ସରକାର ଏ ସଂକ୍ରାନ୍ତ ଆଇନ ଓ କଟକଣା ଜାରି କରିଛନ୍ତି। ତଥାପି ସେଥିରେ ରହିଯାଉଥିବା ବିଭିନ୍ନ ଗଳାବାଟ ଯୋଗୁଁ ଅବୈଧ ଓ ଅନିୟନ୍ତ୍ରିତ ମିଥ୍ୟା ଖବର ପ୍ରଚାର ପ୍ରସାର ବଢ଼ିବାରେ ଲାଗିଛି ଏବଂ ବିଭିନ୍ନ ସମୟରେ ବିଭ୍ରାଟ ସୃଷ୍ଟି କରୁଛି। ଏବେ ପୁଣି ଥରେ ନେପାଳ ଘଟଣାକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ଖବର ଉପରେ କଡ଼ା କଟକଣା ଜାରି କରିବା ପାଇଁ ସଂସଦୀୟ ସ୍ଥାୟୀ କମିଟି ସରକାରଙ୍କୁ ସୁପାରିସ କରିଛି। ଏଥିରେ ସାମାଜିକ ଗଣମାଧ୍ୟମ ସହିତ ପାରମ୍ପରିକ ମୁଖ୍ୟସ୍ରୋତର ଗଣମାଧ୍ୟମକୁ ଉତ୍ତରଦାୟୀ କରିବା ସହିତ ପ୍ରସାରିତ/ମୁଦ୍ରିତ ଖବର ଯଦି ମିଥ୍ୟା, ମନଗଢ଼ା କିମ୍ବା ବିଭ୍ରାନ୍ତିକର ପ୍ରମାଣିତ ହୁଏ ତେବେ ସମ୍ପୃକ୍ତ ସଂସ୍ଥାର ସମ୍ପାଦକ ଓ ପ୍ରକାଶକ, ମୁଦ୍ରାକର ଓ ମାଲିକଙ୍କୁ ଯେପରି ଦଣ୍ଡିତ କରାଯାଇପାରିବ ସେଥିଲାଗି ଆଇନରେ ସଂଶୋଧନ ଆଣିବା ଲାଗି କମିଟି ପରାମର୍ଶ ଦେଇଛି।

ଗଣମାଧ୍ୟମରେ ମିଥ୍ୟା ଖବର ପ୍ରସାରଣ ଅଭିଯୋଗ ଏବଂ ତନଖି(ଫ୍ୟାକ୍ଟ ଚେକିଂ) ବ୍ୟବସ୍ଥା ସପକ୍ଷରେ ଯୁକ୍ତି ନୂଆ ନୁହେଁ। ସମୟସମୟରେ କୌଣସି ଖବର ବିଭ୍ରାଟ ବା ସଙ୍କଟ ସୃଷ୍ଟି କଲେ ଏଭଳି ମତାମତ ପ୍ରକାଶ ପାଏ ଏବଂ ସରକାର ତାହାକୁ ଗୁରୁତ୍ୱର ସହ ନିଅନ୍ତି। ଆଇନ୍ କାନୁନ ଓ କଟକଣାକୁ ମାନିବା ପାଇଁ କେତେକ ସଂସ୍ଥା ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ମଧ୍ୟ ଆପଣେଇଛନ୍ତି। କିନ୍ତୁ ସରକାରୀ ତଦାରଖ ବ୍ୟବସ୍ଥାର ଅନୁପସ୍ଥିତି ଯୋଗୁଁ କିଛିଦିନ ପରେ ତାହା ପ୍ରହସନରେ ପରିଣତ ହୋଇଯାଉଛି।

ବସ୍ତୁତଃ ଫ୍ୟାକ୍ଟଚେକିଂ ସହଜସାଧ୍ୟ ବ୍ୟାପାର ନୁହେଁ। ଏଥିରେ ଆଇନଗତ ଜଟିଳତା ସାଙ୍ଗକୁ ପ୍ରଚୁର ମାନବ ସମ୍ବଳ ଓ ଅର୍ଥଶକ୍ତିର ଆବଶ୍ୟକତା ରହିଛି। ଯାହା ପାଖରେ ସ୍ମାର୍ଟଫୋନ୍ ଅଛି ସେ ଯଦି ସାମାଜିକ ଗଣମାଧ୍ୟମରେ କିଛି ବିଷୟରେ ଲେଖିବାକୁ ଇଚ୍ଛା କରେ ଏବଂ ପରିପ୍ରକାଶ କରେ ତାହାକୁ ତନଖି କରିବ କିଏ? ଏସବୁ ବିଷୟବସ୍ତୁ ପ୍ରସାରିତ କରୁଥିବା ମଞ୍ଚ କେତେ ସତର୍କ ହୋଇପାରିବ ଏବଂ କିଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବ ତାହା ଉପରେ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ନିର୍ଭର କରେ। ମିଥ୍ୟା ଖବର କେବଳ ଦେଶ ପ୍ରତି ନୁହେଁ, ସମ୍ପୃକ୍ତ ସଂସ୍ଥା ଓ ସାମଗ୍ରିକ ଭାବେ ଗଣମାଧ୍ୟର ବିଶ୍ୱସନୀୟତା ପ୍ରତି ବିପଦ ହୋଇଥିବାରୁ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା ରହିବା ଜରୁରୀ। କିନ୍ତୁ କେବଳ ଆଇନ ଏହାକୁ ସମ୍ଭବ କରିପାରିବ ନାହିଁ। ତେଣୁ ଆନୁସଙ୍ଗିକ ବିକଳ୍ପ ବ୍ୟବସ୍ଥା ବିଷୟରେ ନୀତିନିର୍ଦ୍ଧାରକମାନେ ଚିନ୍ତା କରନ୍ତୁ।

# ଦାମ୍ଭିକ ହାତେ ବିଶ୍ୱ-ଭାଗ୍ୟଡୋରି

ଡ. ମନୋଜ କୁମାର ମହାନ୍ତି



ବିଶ୍ୱ ଏକ ଜଟିଳ ପରିସ୍ଥିତି ଦେଇ ଏବେ ଗତି କରୁଛି। ପ୍ରାୟ ସବୁଠି ଯୁଦ୍ଧର ଘନଘଟା। ଶାନ୍ତି-ମୈତ୍ରୀ-ପ୍ରେମ, ଦୟା-କରୁଣା-ଅନୁକମ୍ପାର ସ୍ୱର ଧୀରେଧୀରେ ଉଭେଇଯିବାରେ ଲାଗିଛି। ଲୁହ-ଲହୁ ଏକାସାଥିରେ ବୋହିଚାଲିଛି। ଅହଂକାର ଓ ଜିଦ୍‌ଖୋର ମନୋବୃତ୍ତିର ବୀଜ କେଉଁକାଳରୁ ବିଶ୍ୱର କୋଣଅନୁକୋଣରେ ବପନ ହୋଇସାରିଛି। ସମୟ ସହିତ ତାହା ଅଙ୍କୁରୋଦଗମ୍ ହୋଇ ମହାବୃକ୍ଷର ରୂପ ନେଉଛି। ବିଗତ ଦୁଇରୁ ତିନି ଦଶନ୍ଧି ଧରି ବିଶ୍ୱର ମାନବିକତା ନଷ୍ଟହୋଇ ନରସଂହାର ଭଳି ଘଟଣାମାନ ବଢ଼ିବାରେ ଲାଗିଛି। ରାଜତନ୍ତ୍ରର ସ୍ୱେଚ୍ଛାଚାରୀ ନରସଂହାର ମନୋବୃତ୍ତି ଆଜି ମଧ୍ୟ ଗଣତନ୍ତ୍ରରେ ଦେଖିବାକୁ ମିଳୁଛି।

୨୦୦୧ରୁ ଆରମ୍ଭ ହେଇଥିବା ଆଫଗାନିସ୍ତାନ ଯୁଦ୍ଧର ସୂତ୍ରପାତ ହୋଇଥିଲା ଅଲକାଏଦା ଆତଙ୍କୀଗୋଷ୍ଠୀର ମୁଖ୍ୟ ଓସେମା ବିନ୍ ଲାଦେନ ଦ୍ୱାରା ୯/୧୧ରେ ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ ପରେ। ପ୍ରତିଶୋଧ ପାଇଁ ଆମେରିକା ଦୀର୍ଘଦିନ ପର୍ଯ୍ୟନ୍ତ ଆଫଗାନିସ୍ତାନରେ ଲାଦେନର ଲୁଚିଥିବା ବିଭିନ୍ନ ଠିକଣା ଉପରେ ବୋମା ନିକ୍ଷେପ କରି ଧ୍ୱଂସସାଧନ କରିବାର କାହାଣୀ ଏବେବି ମନେପଡୁଛି। ଇରାକ ସହ ଆମେରିକାର ୨୦୦୩-୨୦୧୧ ପର୍ଯ୍ୟନ୍ତ ଲଢ଼େଇର ପରିଣାମ ହେଲା ଇରାକ ଶାସନଗାଦିରୁ ସଦ୍ଦାମ ହୁସେନଙ୍କୁ ଗାଦିଚ୍ୟୁତ ଏବଂ ପରିଶେଷରେ ଫାଶୀଦଣ୍ଡ। ୨୦୧୧ରୁ ସିରିଆରେ ଲାଗି ରହିଥିବା ଗୃହଯୁଦ୍ଧ ଏଯାଏଁ ବଳବତ୍ତର। ୟେମେନ, ସୁଦାନ, ମିଆଁମାର, ଇଥୋପିଆ, ବାଂଲାଦେଶ ଓ ନେପାଳ ଅଦି ଦେଶରେ ଚାଲିଛି ଗୃହଯୁଦ୍ଧ। ୨୦୨୨ରୁ ଏଯାବତ ରୁଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଇସ୍ରାଏଲ୍-ପାଲେଷ୍ଟାଇନ, ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧର ପରିଣାମ ଅତ୍ୟନ୍ତ ଭୟଙ୍କର। କେହି ଯୁଦ୍ଧରୁ ନିଜକୁ ନିବୃତ୍ତ ରଖିବାକୁ ଚାହୁଁନାହାନ୍ତି।

ରୁଷର ଭୟଙ୍କର ଆକ୍ରମଣ ସହ ୟୁକ୍ରେନର ପ୍ରତିଆକ୍ରମଣ ଯୁଦ୍ଧକୁ ଆହୁରି ଲମ୍ବିତ କରୁଛି। ନିଜର ସର୍ବସ୍ୱକୁ ହରେଇଲା ପରେ ବି ୟୁକ୍ରେନ କୌଣସି ପରିସ୍ଥିତିରେ ନା ପରାଜୟକୁ ସ୍ୱୀକାର କରୁଛି ନା ଆତ୍ମସମର୍ପଣ ପାଇଁ ଇଚ୍ଛା ପ୍ରକାଶ କରୁଛି। ଆମେରିକା ଓ ନାଟୋ ସଦସ୍ୟ ଦେଶର ସହଯୋଗରେ ରୁଷର ଅହଙ୍କାରକୁ ଭାଙ୍ଗିବା ପାଇଁ ୟୁକ୍ରେନର ପ୍ରଚେଷ୍ଟା ଜାରିରହିଛି। ଅପରପକ୍ଷେ ଶକ୍ତିଶାଳୀ ରୁଷ ତା'ନିଜ ଲକ୍ଷ୍ୟରେ ଅଟଳ। ସେହିପରି ପାଲେଷ୍ଟାଇନର ଅତାଙ୍କୀସଂସ୍ଥା ହମାସର ବାରମ୍ବାର ଇସ୍ରାଏଲ ଉପରେ ଆକ୍ରମଣ ଏବଂ ପ୍ରତ୍ୟୁତ୍ତରରେ ଇସ୍ରାଏଲ ପାଲେଷ୍ଟାଇନର ଗାଜାକୁ ନର୍କରେ ପରିଣତ କରିବା ପରେ ମିଳିତ ଜାତିସଂଘ ଗାଜାରେ ଦୁର୍ଭିକ୍ଷ ଘୋଷଣା କରିଛି। ଏସିଆ ମହାଦେଶର ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ର ଚୀନର ମଧ୍ୟ ବିସ୍ତାର ନୀତି ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଉଭୟ ଗୃହଯୁଦ୍ଧ ଓ ସୀମାବିବାଦରେ ଲିପ୍ତଥିବା ଆର୍ଥିକ ଶକ୍ତିଶାଳୀ ଦେଶମାନଙ୍କ ମଧ୍ୟରେ ଏବେ ବିଶ୍ୱାସର ଘୋର ଅଭାବ। ଦାରିଦ୍ର୍ୟ, ଅଶିକ୍ଷା, ରୋଗ ନିରାକରଣ ପରିବର୍ତ୍ତେ କୂଟନୀତି, ସାମରିକ ଓ ଆଣବିକ ଶକ୍ତି ବିକାଶରେ ଅଧିକାଂଶ ଦେଶ ଲିପ୍ତ।

ଲୋକତନ୍ତ୍ର ଶାସନ ବ୍ୟବସ୍ଥାକୁ ଶେଷ ବିକଳ୍ପଭାବେ ଗ୍ରହଣ କରି ଗଣତନ୍ତ୍ର ରାଷ୍ଟ୍ର ସ୍ଥାପନ ଲାଗି ବିଶ୍ୱ ପ୍ରୟାସ ଆରମ୍ଭ କଲା। ୨୪, ଅକ୍ଟୋବର ୧୯୪୫ରେ ୫୧ଦେଶର ମିଳିତ ଉଦ୍ୟମରେ ସ୍ଥାପିତ ହେଲା ମିଳିତ ଜାତିସଂଘ। ମିଳିତ ଜାତିସଙ୍ଘର ଦୁଇ ଅଙ୍ଗ ନିରାପତ୍ତା ପରିଷଦ ଓ ସାଧାରଣ ସଭା ସମଗ୍ର ବିଶ୍ୱର କଲ୍ୟାଣକୁ ଅଗ୍ରାଧିକାର ଦେବେ ବୋଲି ବୁଦ୍ଧିଜୀବୀମାନେ ଆଶାପୋଷଣ କରିଥିଲେ। ଯଦିଓ ମିଳିତ ଜାତିସଂଘର ପ୍ରଧାନ ଅଙ୍ଗ ଭାବେ ସାଧାରଣ ସଭାର ସଦସ୍ୟ ୧୯୩ଟି ଦେଶ କାର୍ଯ୍ୟରତ, କିନ୍ତୁ ପନ୍ଦର ସଦସ୍ୟଭିତ୍ତିକ ନିରାପତ୍ତା ପରିଷଦ ହିଁ ଜାତିସଂଘର ମୁଖ୍ୟ ନିଷ୍ପତ୍ତି ଗ୍ରହଣକାରୀ ଅଙ୍ଗଭାବେ ଆରମ୍ଭରୁ ପରିଚିତ। ନିରାପତ୍ତା ପରିଷଦର ପନ୍ଦର ସଦସ୍ୟ ମଧ୍ୟରୁ ଦଶ ଅସ୍ଥାୟୀ, ଯେଉଁଥିରେ ଭାରତ ଅନ୍ତର୍ଭୁକ୍ତ।

ରୁଷ୍, ଆମେରିକା, ଫ୍ରାନ୍ସ, ଇଂଲଣ୍ଡ ଓ ଚୀନ- ଏହି ପାଞ୍ଚ ଶକ୍ତିଶାଳୀ ଦେଶ ସ୍ଥାୟୀ ସଦସ୍ୟଭାବେ ଭିଟୋ ପ୍ରୟୋଗ କ୍ଷମତାର ଅଧିକାରୀ। ବିଶ୍ୱକୁ ନିୟନ୍ତ୍ରଣ କରିବାରେ ଏହି ପାଞ୍ଚ ସ୍ଥାୟୀ ସଦସ୍ୟ ସର୍ବେସର୍ବା। କିନ୍ତୁ ନିଜର ବିକାଶ, ଅଭିବୃଦ୍ଧି ସହ ବିଶ୍ୱକୁ ନିଜ ନିୟନ୍ତ୍ରଣରେ ରଖିବା ଲକ୍ଷ୍ୟରେ ଏମାନେ ସମସ୍ତେ ବ୍ୟସ୍ତ। ଯଦିଓ ପରସ୍ପର ମଧ୍ୟରେ ସମୟେ ସମୟେ ତିକ୍ତତା ସୃଷ୍ଟି ହୁଏ ତଥାପି କେହି କାହାକୁ ସିଧାସଳଖ ଆହ୍ୱାନ ଦେବାକୁ ସାହସ କରିପାରନ୍ତି ନାହିଁ। ସ୍ଥାୟୀ ସଦସ୍ୟ ଦେଶ ମଧ୍ୟରେ ନିଜ ସ୍ୱାର୍ଥରେ କାହାର କାଣିଚାଏ ବାଧା ଉପୁଜିଲେ ନିଜ ଅହଙ୍କାରରୂପକ ଭିଟୋ ପ୍ରୟୋଗ କରି ତା'ର ସର୍ବନାଶ କରିବାକୁ ସେମାନେ ପଛାନ୍ତି ନାହିଁ।

ଜାତିସଂଘ ମାଧ୍ୟମରେ ଦାରିଦ୍ର୍ୟତା, ନିରକ୍ଷରତା, ସ୍ୱାସ୍ଥ୍ୟଗତ ସମସ୍ୟାରେ ଜର୍ଜରିତ ଦେଶମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ଗୁରୁତ୍ୱପୂର୍ଣ୍ଣ ସାମାଜିକ ସୁରକ୍ଷା ଓ ବିକାଶ ପାଇଁ ବୃହତ୍ ଆର୍ଥିକ ସହାୟତା ରାଶି ଏହି ପାଞ୍ଚ ସ୍ଥାୟୀ ଦେଶ ଦ୍ୱାରା ଅନୁଦାନ ରୂପେ ମିଳିଥାଏ। ଏଥିରେ ଆମେରିକାର ସହାୟତା ରାଶି ଅଧିକ।

ସ୍ୱାଭାବିକ ଭାବେ ଆର୍ଥିକ ସହାୟତା କରୁଥିବା ବ୍ୟକ୍ତିମାନେ ଯୁଗେଯୁଗେ ସମାଜକୁ ନିଜ ନିୟନ୍ତ୍ରଣରେ ରଖିଥା'ନ୍ତି। ତେଣୁ ନିରାପତ୍ତା ପରିଷଦରେ ଥିବା ସ୍ଥାୟୀ ସଦସ୍ୟମାନେ ନିଜ ନିଜକୁ ଶ୍ରେଷ୍ଠଭାବି ଜାତିସଂଘର ସାଧାରଣ ପରିଷଦରେ ଗୃହୀତ କୌଣସି ନିଷ୍ପତ୍ତିକୁ ଗ୍ରହଣ କରନ୍ତି ନାହିଁ। ପୃଥିବୀର ସାର୍ବଜନୀନ କାର୍ଯ୍ୟକ୍ରମ ନିରାପତ୍ତା ପରିଷଦ ଉପରେ ନିର୍ଭରଶୀଳ। ସେମାନେ ହିଁ ନିର୍ଣ୍ଣୟ କରନ୍ତି ବିଶ୍ୱ ପାଇଁ ଭଲ / ମନ୍ଦ ଏବଂ ଉଚିତ୍ / ଅନୁଚିତ୍। ଅନ୍ତର୍ଜାତୀୟ ନ୍ୟାୟାଳୟର ରାୟକୁ ମଧ୍ୟ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟମାନେ ଅମାନ୍ୟ କରିବାର ଅନେକ ନଜର ଆସିଛି। ଜାତିସଂଘର ମୁଖ୍ୟସଚିବ କେବଳ ନାମକୁ ମାତ୍ର। ତାଙ୍କର ବିଶ୍ୱକୁ ନିୟନ୍ତ୍ରଣ କରିବାର କୌଣସି କ୍ଷମତା ନାହିଁ। କହିବାକୁ ଗଲେ ମିଳିତ ଜାତିସଂଘ ଏକ ନିଃସହାୟ, ନିରୁପାୟ, ଜରାଜୀର୍ଣ୍ଣ ଥୁଣ୍ଟା ବରଗଛ ସଦୃଶ। ଏ ସବୁର ସୁଯୋଗ ନେଇ ବିଶ୍ୱ ଧୀରେଧୀରେ ଅଶାନ୍ତ ଓ ଧ୍ୱଂସାଭିମୁଖେ ଅଗ୍ରସର।

ଆର୍ଥିକ ଶକ୍ତିଶାଳୀ ରାଷ୍ଟ୍ରର ଶାସକମାନେ ବିଶ୍ୱ ଜନସାଧରଣଙ୍କ ଜୀବନ ସହ ଲୁଚକାଳି ଖେଳି ଚାଲିଛନ୍ତି। ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଦେଶକୁ ବୈଶ୍ୱିକ ସଂସ୍ଥା ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ଦେବା କେଉଁ ମାନସିକତା ତାହା ବୁଝାପଡୁଛି। ନିଜ ସ୍ୱାର୍ଥ ଓ ଦାଦାଗିରି ଜାହିର କରିବାରେ କିଛି ଦେଶ ନିପୁଣ। ନିଜ ଅସ୍ତ୍ରଶସ୍ତ୍ର ବିକ୍ରିରେ ପ୍ରଚୁର ଅର୍ଥ ଉପାର୍ଜନ କରି ବିଶ୍ୱରେ ନିଜର ହାକିମଗିରି କରିବାର ନିଶାରେ ବୁଡ଼ି ରହିଥିବା ଦେଶ ଦିନେ ନିଜେ ସେଇ ନିଆଁରେ ଜାଳିପୋଡ଼ି ପାଉଁଶ ହୋଇଯିବ ନାହିଁ ତ? ଦାମ୍ଭିକମାନେ ସମସ୍ତଙ୍କ ଭାଗ୍ୟଡୋରୀ ନିଜନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି। କିନ୍ତୁ ସେମାନେ ଭୁଲିଯାଆନ୍ତି ଯେ ସେମାନଙ୍କ ଭାଗ୍ୟଡୋରି କାଳହାତେ ବନ୍ଧା।

(ବିଭାଗୀୟ ମୁଖ୍ୟ, ବି. ଏନ. ଏମ୍.ଏ ମହାବିଦ୍ୟାଳୟ),
ଭଦ୍ରକ, ମୋ:୮୮୯୫୩୪୧୦୩୩

# ଅନ୍‌ଲାଇନ୍ ଗେମ୍‌ର ମାୟାଜାଲ

ପ୍ରିୟତମା ତ୍ରିପାଠୀ



ମହାଭାରତର ଦ୍ୟୁତକ୍ରୀଡ଼ା ବା ପଶା ଖେଳ କେବଳ ଏକ ସାଧାରଣ ମନୋରଞ୍ଜନ ନୁହେଁ; ଏହା ଥିଲା ଏକ ନିଷ୍ଠୁର ପରୀକ୍ଷଣ। ଯୁଧିଷ୍ଠିରଙ୍କ ପଶା ପ୍ରତି ଅନିୟନ୍ତ୍ରିତ ଆସକ୍ତି, ଆତ୍ମସଂଯମର ଅଭାବ ଏବଂ ଶକୁନିଙ୍କ ଚତୁର ମାନସିକ କୌଶଳ ପାଣ୍ଡବମାନଙ୍କର ରାଜତ୍ୱ, ସାମାଜିକ ସମ୍ମାନ ଓ ପାରିବାରିକ ସ୍ୱାଧୀନତାକୁ ବିନାଶର ମୁହଁକୁ ଠେଲି ଦେଲା। ଏହା ଆମକୁ ଶିକ୍ଷା ଦିଏ ଯେ ଜୁଆରେ ଅତ୍ୟଧିକ ଆସକ୍ତି କିପରି ମାନବୀୟ ଦୁର୍ବଳତାକୁ ଶୋଷଣ କରି ଅନୈତିକ ଲାଭ ପାଇଁ ବ୍ୟବହାର କରେ ଏବଂ ବ୍ୟକ୍ତି ଓ ସମାଜର ମଙ୍ଗଳକୁ ବିପନ୍ନ କରେ। ଏହି ଶିକ୍ଷାର ପ୍ରାସଙ୍ଗିକତା ଆଜିର ଆଧୁନିକ ଓ ଇଣ୍ଟରନେଟ୍ ଯୁଗରେ ଅଧିକ।

ମହାଭାରତ ଯୁଗର ସେହି ଦ୍ୟୁତକ୍ରୀଡ଼ାର ନିଷ୍ଠୁର ଛାୟା ଆଜିର ଡିଜିଟାଲ୍ ଯୁଗରେ ଅନଲାଇନ୍ ଗେମିଂ ଓ ଗ୍ୟାମ୍ବଲିଂ ଆପ୍‌ର ରୂପ ନେଇ ବିଶ୍ୱବ୍ୟାପୀ ମାୟାଜାଲ ବିସ୍ତାର କରିଚାଲିଛି। ଭର୍ଚୁଆଲ ରିୱାର୍ଡ ଓ ଆଲ୍‌ଗୋରିଦିମ୍ ଗୋଟିରେ ରୂପାନ୍ତରିତ ହୋଇ ଲକ୍ଷ ଲକ୍ଷ ମନକୁ ଅପ୍ରତିରୋଧ ଆକର୍ଷଣରେ ବାନ୍ଧି ରଖୁଛି। ଅନଲାଇନ୍ ଗେମିଂ ପ୍ଲାଟଫର୍ମଗୁଡ଼ିକ ଶକୁନିତୁଲ୍ୟ ନିଖୁଣ ଭାବେ ଡିଜାଇନ୍ କରାଯାଇଥିବା ରିୱାର୍ଡସିଷ୍ଟମ୍ ମାଧ୍ୟମରେ ଖେଳାଳିମାନଙ୍କର ମସ୍ତିଷ୍କରେ ଯୁଧିଷ୍ଠିର ତୁଲ୍ୟ ଡୋପାମାଇନ୍‌ର ଅନୁପମାନ୍ୟ ପ୍ରବାହ ସୃଷ୍ଟି କରୁଛନ୍ତି। ଅନେକ ଯୁବକ ଏହି ଜୁଆ ଆପ୍‌ଗୁଡ଼ିକ ପ୍ରତି ଆକର୍ଷିତ ହୋଇ ସଞ୍ଚୟ ହରାଉଛନ୍ତି, ଋଣରେ ବୁଡ଼ି ଯାଉଛନ୍ତି ଏବଂ ପାରିବାରିକ ସମ୍ପର୍କ ଓ ସାମାଜିକ ବନ୍ଧନକୁ ଭାଙ୍ଗି ଏକ ନିରବ ସଂଘର୍ଷର ଶିକାର ହେଉଛନ୍ତି। ଅନେକ ଯୁବକଯୁବତୀ ଏହି ଗେମ୍‌ଗୁଡ଼ିକରେ ଅତ୍ୟଧିକ ସମୟ ବିତାଇ ଶିକ୍ଷାଆହରଣରେ ପଛରେ ପଡୁଛନ୍ତି। ମାନସିକ ଚାପ, ଅନିଦ୍ରା ଓ ଆତ୍ମବିଶ୍ୱାସର ଅଭାବରେ ଜର୍ଜରିତ ହେଉଛନ୍ତି। ପାରିବାରିକ ଓ ସାମାଜିକ ସମ୍ପର୍କରେ ଏକ ଅନ୍ଧକାର ଦୂରତ୍ୱ ସୃଷ୍ଟି କରୁଛନ୍ତି।

ପିଲାମାନଙ୍କର ମୋବାଇଲ୍ ପ୍ରତି ଅନିୟନ୍ତ୍ରିତ ଆକର୍ଷଣ ଏବଂ ପାଠପଢ଼ା ପ୍ରତି ଅନିଚ୍ଛା ପଛରେ ଯେତିକି ତାଙ୍କର ଦୁର୍ବଳତା ରହିଛି, ତା'ଠାରୁ ଅଧିକ ଦାୟିତ୍ୱହୀନତା ପିତାମାତାଙ୍କର ରହିଛି। ଛୋଟ ବୟସରୁ ପିଲାଙ୍କ ସହ ସମୟ ବିତାଇବା ବଦଳରେ ଖାଇବା ସମୟରେ ମୋବାଇଲ୍‌ରେ କାର୍ଟୁନ୍ ଭିଡିଓ ଚଲାଇ ଧରାଇ ଦେବା ଏକ ସହଜ ଉପାୟ ଲାଗେ ସତ, କିନ୍ତୁ ଏହା ଭବିଷ୍ୟତର ଏକ ମହାବିପତ୍ତିର ବୀଜ ରୋପଣ କରେ। ବୈଜ୍ଞାନିକ ଦୃଷ୍ଟିରୁ ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ପିଲାଙ୍କର ଭାଷା ବିକାଶରେ ବାଧା ସୃଷ୍ଟି କରିବା ସହିତ ଭାବ ଆଦାନପ୍ରଦାନର ଗୁଣବତ୍ତାକୁ ପ୍ରଭାବିତ କରେ ଏବଂ କଥା କହିବା ଶୈଳୀ ଓ ଶାଳୀନତାକୁ ପ୍ରଭାବିତ କରେ। ଏହା ମଧ୍ୟ ମେଦବହୁଳତା ଓ ସ୍ମରଣଶକ୍ତି ହ୍ରାସ ପରି ସମସ୍ୟା ସୃଷ୍ଟି କରେ। ମାନବୀୟ ମୂଲ୍ୟବୋଧ ଦୃଷ୍ଟିରୁ ପିତାମାତାଙ୍କର ଦାୟିତ୍ୱ ହେଉଛି ପିଲାଙ୍କ ସହ ଖେଳିବା, କଥାବାର୍ତ୍ତା କରିବା ଏବଂ ଆଚାର-ବ୍ୟବହାର ଶିଖାଇବା, ଯାହା ତାଙ୍କର ସାମାଜିକ ଓ ନୈତିକ ବିକାଶକୁ ସୁଦୃଢ଼ କରେ।

ପ୍ରକୃତରେ ମୋବାଇଲ୍ ଫୋନ୍‌ର ପ୍ରଭାବ ଶିଶୁଟିଏ ଜନ୍ମ ହେବା ପୂର୍ବରୁ ପଡ଼ିଥାଏ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି। ମହାଭାରତରେ ଅଭିମନ୍ୟୁର ମାତୃଗର୍ଭରେ ଚକ୍ରବ୍ୟୂହର ଜ୍ଞାନ ଅର୍ଜନ ଏକ ଅଲୌକିକ ଆଧ୍ୟାତ୍ମିକ ଦୃଷ୍ଟାନ୍ତ, ଯାହା ଆଧୁନିକ ବିଜ୍ଞାନ ସହ ସାମଞ୍ଜସ୍ୟ ରଖେ। ବିଜ୍ଞାନ ଅନୁସାରେ, ଗର୍ଭାବସ୍ଥାର ଦ୍ୱିତୀୟ ଟ୍ରାଇମେଷ୍ଟର୍‌ରେ(୧୮-୨୦ ସପ୍ତାହ) ଶିଶୁର ଶ୍ରବଣ ଶକ୍ତି ବିକଶିତ ହୁଏ ଏବଂ ତୃତୀୟରେ(୨୭-୩୧ ସପ୍ତାହ) ଦୃଷ୍ଟି ଓ ଆଲୋକ ପ୍ରତି ସଂବେଦନଶୀଳତା ଗଢ଼ି ଉଠେ। ଅଭିମନ୍ୟୁ ଯେପରି ଗର୍ଭରେ ଜ୍ଞାନ ଗ୍ରହଣ କରିଥିଲେ, ସେହିପରି ଆଜିର ଶିଶୁମାନେ ମାତାଙ୍କ ଗର୍ଭକାଳୀନ ମୋବାଇଲ୍ ବ୍ୟବହାର ରିଲ୍‌ସ, ୟୁଟ୍ୟୁବ୍ ଓ ଅନ୍ୟାନ୍ୟ ଡିଜିଟାଲ୍ କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୁଅନ୍ତି। ଗବେଷଣା ଦର୍ଶାଏ, ଅତ୍ୟଧିକ ମୋବାଇଲ୍ ବ୍ୟବହାର ରେଡିଏସନ୍ ଓ ହର୍ମୋନ୍ ଅସନ୍ତୁଳନ ମାଧ୍ୟମରେ ଶିଶୁର ସ୍ୱାଭାବିକ ଓଜନ ହ୍ରାସ, ଅପରିପକ୍ୱ ଜନ୍ମ, ବ୍ୟବହାରଗତ ଅସ୍ୱାଭାବିକତା ଆଦି ସମସ୍ୟା ସୃଷ୍ଟି କରେ। ଆଧ୍ୟାତ୍ମିକ ଓ ମାନବୀୟ ଦୃଷ୍ଟିରୁ ଗର୍ଭକାଳ ଏକ ପବିତ୍ର ସମୟ, ଯେଉଁଠାରେ ମାଆର ଚିନ୍ତାଧାରା ଶିଶୁ ପ୍ରତି ଏକ ସକାରାତ୍ମକତା ସୃଷ୍ଟି କରେ। ବୈଦିକ ଚେତନା ଓ ସଂଯମ ଦ୍ୱାରା ମାଆମାନେ ଧ୍ୟାନ, ଗୀତା ପାଠ ଓ ସକାରାତ୍ମକ ଜୀବନଶୈଳୀ ମାଧ୍ୟମରେ ଶିଶୁର ମଙ୍ଗଳ ସୁନିଶ୍ଚିତ କରିପାରନ୍ତି। ଡିଜିଟାଲ୍ ନିଶାରୁ ମୁକ୍ତି ପାଇ ଆଧ୍ୟାତ୍ମିକ ଜାଗରଣ ଦ୍ୱାରା ସମାଜର ଭବିଷ୍ୟତ ସୁସ୍ଥ ଓ ସୁନ୍ଦର ହୋଇପାରେ।

ମୋବାଇଲ୍ ଫୋନ୍‌ର ଯେତେ ନକାରାତ୍ମକ ପ୍ରଭାବ ରହିଲେ ମଧ୍ୟ, ତା'ର ଅନେକ ସକାରାତ୍ମକ ଗୁଣ ଯଥା ଶିକ୍ଷା, ସୂଚନା ଓ ଯୋଗାଯୋଗରେ ସୁବିଧା ଆଜିର ସମାଜରେ ଏହାକୁ ବହୁଳ ଆଦୃତ ଓ ପ୍ରଚଳିତ କରିପାରିଛି। କିନ୍ତୁ ପିଲାମାନଙ୍କୁ ବିପଥଗାମୀ ହେବାର ଆଶଙ୍କା ମଧ୍ୟ ସୃଷ୍ଟି କରିଛି। ତେଣୁ ମୋବାଇଲ୍ ଫୋନ୍‌ରେ ନିୟନ୍ତ୍ରଣ ସୁବିଧାକୁ ଉପଯୋଗ କରି ପିଲାଙ୍କ ପ୍ରତିଦିନର ମୋବାଇଲ୍ ଫୋନ୍ ବ୍ୟବହାର ସମୟ ନିର୍ଦ୍ଧାରଣ କରାଯାଇପାରିବ। ଏପରିକି ହଷ୍ଟେଲ୍‌ରେ ରହୁଥିବା ପିଲାଙ୍କ ମୋବାଇଲ୍ ଫୋନ୍‌ରେ କାର୍ଯ୍ୟକଳାପ ମଧ୍ୟ ଘରେ ଥାଇ ପିତାମାତା ଜାଣିପାରିବେ। ପିତାମାତାଙ୍କର ସଂଯମୀ ନିରୀକ୍ଷଣ ପିଲାଙ୍କୁ ନୈତିକ ଓ ଶିକ୍ଷାଗତ ପଥରେ ରଖି ବିପଥଗାମୀ ହେବାରୁ ରକ୍ଷା କରି ସମାଜର ମଙ୍ଗଳ ସୁନିଶ୍ଚିତ କରିପାରିବ।

ନୂଆଗାଁ(ମୟୂରଭଞ୍ଜ), ମୋ: ୬୩୭୦୪୧୮୬୪

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ଗୋଖରା

ସୌଭାଗ୍ୟସୁନ୍ଦର

ଗୋଖରା ଭାରତ ସମେତ ଶ୍ରୀଲଙ୍କା ଏବଂ ଉଭୟ ଗୋଲାର୍ଦ୍ଧର ସମସ୍ତ ଉଷ୍ଣ ଅଞ୍ଚଳରେ ୩,୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଦେଖାଯାଏ। ଏହା ଦକ୍ଷିଣ ୟୁରେସିଆ, ଆଫ୍ରିକା, ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆର ମୂଳ ଜାତ ଉଦ୍ଭିଦ। ଏହା ଚାରଣଭୂମି, ରାସ୍ତାପାର୍ଶ୍ୱ ଓ ଅନ୍ୟାନ୍ୟ ଅନାବାଦୀ ସ୍ଥାନଗୁଡ଼ିକର ଏକ ସାଧାରଣ ତୃଣ ଭାବେ ବଢ଼ିଥାଏ। ଘନ ଲୋମଯୁକ୍ତ ପତ୍ରଗୁଡ଼ିକ ପ୍ରାୟ ୩ ମିମି ପର୍ଯ୍ୟନ୍ତ ଲମ୍ବା ହୋଇଥାଏ। ଫୁଲଗୁଡ଼ିକ ହଳଦିଆ ରଙ୍ଗର ଓ ୪-୧୦ ମିମି ଚଉଡ଼ା। ପ୍ରତ୍ୟେକ ଫଳରେ ଅନେକ ବିହନ ଥାଏ। ବିହନଗୁଡ଼ିକ ତେଲିଆ। କଣ୍ଟକିତ ଫଳ ଖାଲି ପାଦରେ ଚାଲିବା ଲୋକଙ୍କ ପାଇଁ ଯନ୍ତ୍ରଣାଦାୟକ ଆଘାତ ମଧ୍ୟ ଦେଇଥାଏ।

ଆୟୁର୍ବେଦରେ ଗୋଖରା ଏକ ଉତ୍ତମ ପୃଷ୍ଟପୋଷକ ଔଷଧୀୟ ଉଦ୍ଭିଦ। ଏହାର ଫଳ ଓ ମୂଳ ମୁଖ୍ୟତଃ ବିଭିନ୍ନ ରୋଗ, ବିଶେଷକରି ବୃକକ୍ ଚିକିତ୍ସା ପାଇଁ ଏକ ଲୋକଔଷଧ ଭାବରେ ବ୍ୟବହୃତ ହୁଏ। ଗୋଖରା ଶରୀରର ପ୍ରାକୃତିକ ଆରୋଗ୍ୟ ଶକ୍ତିକୁ ଶକ୍ତିଶାଳୀ କରେ। ମୂତ୍ର ରୋଗ, ମୂତ୍ରନଳୀ ସଂକ୍ରମଣ ସହିତ ସୌମ୍ୟ ପ୍ରୋଷ୍ଟାଟିକ୍ ହାଇପରପ୍ଲାସିଆ ପ୍ରତିକାର ପାଇଁ ଏହା ଏକ ଫଳପ୍ରଦ ପ୍ରାକୃତିକ ଉପଚାର। ପୌରୁଷ ଶକ୍ତି ବର୍ଦ୍ଧନ, ରକ୍ତ ସଞ୍ଚାଳନ ବୃଦ୍ଧି, ପେଟ ଯନ୍ତ୍ରଣା, ମଳ କଷ୍ଟ, ଫୁଲା ଏବଂ ଅନ୍ୟାନ୍ୟ ସମସ୍ୟା ଉପଶମରେ ସାହାଯ୍ୟ କରେ। ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ହେବା ହେତୁ ଏହା ହରମୋନରେ ସନ୍ତୁଳନ ରକ୍ଷା କରି ମନକୁ ଶାନ୍ତ କରିବାରେ ଏବଂ ସ୍ମୃତି, ଧ୍ୟାନ ଓ ଏକାଗ୍ରତା ବୃଦ୍ଧି କରିବାରେ ସାହାଯ୍ୟ କରେ। ଆଲଜାଇମର ରୋଗୀମାନଙ୍କ ପାଇଁ ଏହା ଏକ ଫଳପ୍ରଦ ପ୍ରାକୃତିକ ଔଷଧ। ଏଥିରେ ଟେଷ୍ଟୋଷ୍ଟୋରନ୍ ଥିବା ଯୋଗୁଁ ବୃତ୍ତିଗତ ଖେଳାଳିମାନେ ବ୍ୟବହାର କରନ୍ତି। ଗୋଖରାରେ ଗଚ୍ଛିତ ପ୍ରାରମ୍ଭିକ ଜୈବ ରସାୟନ ବା ଫାଇଟୋକେମିକାଲ୍ ଅଧ୍ୟୟନରୁ ସାପୋନିନ୍, ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍ସ, ଆଲକାଲଏଡ୍ସ ଏବଂ ଟାନିନ୍‌ର ନାଇଟ୍ରେଟ୍ସ, ପୋଟାସିୟମ୍ ଉପସ୍ଥିତି ଜଣାପଡ଼େ।

ପୂର୍ବ ଏସିଆରେ ଗୋଖରାର ପତ୍ର ଓ ଡାଳ ଖାଦ୍ୟ ଭାବେ ଗ୍ରହଣ କରାଯାଏ। ଅମିଶ୍ରିତ ବଟରମିଲ୍କ ବା ଚହ୍ଲା ପରି ଦେଖାଯିବା ପାଇଁ ଗୋଖରା ଡାଳକୁ ପତଳା ଚହ୍ଲାରେ ମିଶାଯାଇଥାଏ। ତାଜା କିମ୍ବା ଶୁଖିଲା ବ୍ୟବହାର କରାଯାଏ। ଗୋଖରା ପାଉଡର କିମ୍ବା ଟାବଲେଟ୍ ଆକାରରେ ଉପଲବ୍ଧ ଫଳର ଏକ ସୂକ୍ଷ୍ମ ପାଉଡର। ଶୁଖିଲା ଗୋଖରା ଫଳ କିମ୍ବା ପାଉଡରକୁ ପାଣିରେ ଫୁଟାଇ କାଢ଼ା କରାଯାଏ। ଗୋଖରାର କିଛି ପାର୍ଶ୍ୱ ପ୍ରତିକ୍ରିୟା ରହିଛି, ଯାହା ପତଳା ଝାଡ଼ା, ପେଟ ଯନ୍ତ୍ରଣା, ବାନ୍ତି, କୋଷ୍ଠକାଠିନ୍ୟ, ଏପରିକି ଚର୍ମଫୋଟକା ଇତ୍ୟାଦି ସୃଷ୍ଟି କରିପାରେ। ଗର୍ଭବତୀ, ପ୍ରସୂତିଙ୍କ ପାଇଁ ଏହା ବ୍ୟବହାର କ୍ଷତିକାରକ।

ଯୁକ୍ତରାଷ୍ଟ୍ରର କିଛି ରାଜ୍ୟରେ ଏହାକୁ ଏକ କ୍ଷତିକାରକ ଅନାବନା କ୍ଷୁପ ବା ତୃଣ ଭାବରେ ବିବେଚନା କରାଯାଏ। ଦକ୍ଷିଣ ଅଷ୍ଟ୍ରେଲିଆରେ ଏହାକୁ କାଲଟ୍ରପ୍ (ସମାନ ଆକୃତିର ଏକ କଣ୍ଟାଯୁକ୍ତ ଅସ୍ତ୍ର 'କାଲଟ୍ରପ୍' ଅଧୀନରେ ବର୍ଣ୍ଣିତ ଆକ୍ରମଣ) ଭାବରେ ଘୋଷଣା କରାଯାଇଛି। ଯେଉଁ ଅଞ୍ଚଳରେ ଏହା ଏକ ଆକ୍ରମଣାତ୍ମକ ଜାତି, ସେଠାରେ ଗୋଖରାକୁ ପ୍ରାୟତଃ ନିପାତ କରିବାକୁ ଚେଷ୍ଟା କରାଯାଏ। ଏହାର ମଜବୁତ ପ୍ରଧାନ ମୂଳ ଏବଂ ଶାଖା ମୂଳ ହେତୁ ଶୁଖିଲା ତୃଣ ମଧ୍ୟ ଶକ୍ତ ଭାବରେ ଭୂମିରେ ସ୍ଥାନିତ ଥାଏ। ଏହାର ବିହନ ମଧ୍ୟ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥାଏ। ବିହନ ଗଠନକୁ ରୋକିବା ପାଇଁ ଫୁଲ ଫୁଟିବା ପୂର୍ବରୁ କିମ୍ବା ଫୁଲ ଧରିବା ସମୟରେ ଗଛକୁ ଅପସାରଣ କରାଯିବା ଉଚିତ। ତୃଣ ଗୁଡ଼ିକ ମାଟିରୁ ବାହାରିବା ପରେ ୨, ୪-ଡାଇକ୍ଲୋରୋଫେନୋକ୍ସାଏସେଟିକ୍ ଏସିଡ୍ (୨, ୪-ଡି), ଗ୍ଲାଇଫୋସେଟ୍ ସିଞ୍ଚନ କରିବା ଫଳରେ ନିୟନ୍ତ୍ରଣ ହୁଏ। ଗୋଖରାର ଜୈବିକ ନିୟନ୍ତ୍ରଣ ପାଇଁ ଦୁଇଟି ୱିଭିଲ୍ (ଏକ ଲମ୍ବା ନାକ ସହିତ ଏକ ଛୋଟ ପୋକ, ଯାହାର ଲାର୍ଭା ସାଧାରଣତଃ ବିହନ, କାଣ୍ଡ କିମ୍ବା ଅନ୍ୟାନ୍ୟ ଉଦ୍ଭିଦ ଅଂଶ ଭିତରେ ବିକଶିତ ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ଧଳା ହେଉଛି...

କରାଯାଇଛି। ଗତ ନିର୍ବାଚନରେ ଗୁଜରାଟରେ ୧୧, ୪୯୬ ଭୋଟ ପାଇଥିବା ଭାରତୀୟ ନ୍ୟାସନାଲ ଜନତା ଦଳ ୯୫୭ କୋଟି ଟଙ୍କା ରାଜନୈତିକ ଚାନ୍ଦା ପାଇଥିବା ଦେଖାଯାଇଛି। ମାତ୍ର ୯୦୨୯ଟି ଭୋଟ ପାଇଥିବା ଅନ୍ୟଏକ ରାଜନୈତିକ ଦଳ ନ୍ୟୁ ଇଣ୍ଡିଆ ୟୁନାଇଟେଡ ପାର୍ଟି ୬୦୮ କୋଟି ଟଙ୍କା ନିର୍ବାଚନୀ ଚାନ୍ଦା ପାଇଛି। ୧୦୪୨ ଭୋଟ ପାଇଥିବା ସତ୍ୟବାଦୀ ରକ୍ଷକ ପାର୍ଟିକୁ ମିଳିଛି ୪୧୬ କୋଟି ଓ ମୋଟ ୪୮୦ ଭୋଟ ପାଇଥିବା ଜନ ମନ ପାର୍ଟି ୧୩୪ କୋଟି ଟଙ୍କା ଚାନ୍ଦା ଏକାଠି କରିଛି। ସବୁଠାରୁ କୌତୂହଳ କଥା ହେଉଛି ନିର୍ବାଚନରେ ମୋଟ ୧୪୦ ଭୋଟ ପାଇଥିବା ସୌରାଷ୍ଟ୍ର ଜନତା ପାର୍ଟି ୨୦୦ କୋଟି ଟଙ୍କାର ରାଜନୈତିକ ଚାନ୍ଦା ଠୁଳ କରିବାକୁ ସକ୍ଷମ ହୋଇଛି। ଏଡିଆର ରିପୋର୍ଟ ଅନୁଯାୟୀ ଦେଶରେ ୨୭୬୪ଟି ଅଣ ମାନ୍ୟତାପ୍ରାପ୍ତ ଦଳ ଅଛନ୍ତି। ଏଥିରୁ ୭୩ ପ୍ରତିଶତରୁ ଅଧିକ ଦଳ ୨୦୨୫ର ଆର୍ଥିକ ରେକର୍ଡ ସାର୍ବଜନୀନ କରିନାହାନ୍ତି। ଅନ୍ୟ ୭୩୯ଟି ଦଳ ଦେଇଥିବା ତଥ୍ୟର ବିଶ୍ଳେଷଣ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ଆବେଦନକାରୀ ସୁପ୍ରିମକୋର୍ଟରେ ତଥ୍ୟ ରଖିଛନ୍ତି।

ରାଜନୈତିକ ଭାବେ ସକ୍ରିୟ ନ ଥିବା ଦଳ ମାଧ୍ୟମରେ ଟିକସ ଚୋରି ଓ ମନି ଲଣ୍ଡରିଂକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଅତି ଗୁରୁତର ମାମଲା ବୋଲି ଉଲ୍ଲେଖ କରିଛନ୍ତି। କେନ୍ଦ୍ର ସରକାର, ଆଇନ କମିଶନ ଓ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି ସହ ରାଜନୈତିକ ଦଳଙ୍କ କାର୍ଯ୍ୟକୁ ନେଇ କଡ଼ା ନିୟମ ପ୍ରସ୍ତୁତି ସଂକ୍ରାନ୍ତରେ ରିପୋର୍ଟ ତଲବ କରିଛନ୍ତି ଓ ଚାରି ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜନୈତିକ ଦଳଙ୍କ ପଞ୍ଜିକରଣ ଏବଂ ପରିଚାଳନା ସମ୍ବନ୍ଧରେ କଠୋର ଆଇନ କାହିଁକି ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି।

### ଅକ୍ଟୋବରରୁ ଓଡ଼ିଶା...

କିଛି ମାତ୍ରାରେ ସତ। ଗତ ୨୪ବର୍ଷର ତଥ୍ୟରୁ ଜଣାପଡୁଛି ଯେ ଲା-ନିନା ସମୟରେ ବଙ୍ଗୋପସାଗରୀୟ ବାତ୍ୟା ସଂଖ୍ୟା ସାମାନ୍ୟ ଅଧିକ। ୨୦୦୫ରୁ ୨୦୨୪ ମଧ୍ୟରେ ହୋଇଥିବା ୫୩ଟି ବଙ୍ଗୋପସାଗରୀୟ ବାତ୍ୟା ସୃଷ୍ଟି ହୋଇଛି। ଏହି ବାତ୍ୟା ମଧ୍ୟରୁ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମଧ୍ୟରୁ କେତେକ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଦକ୍ଷିଣ ଚାଇନା ଓ ଫିଲିପାଇନ୍ସ ଅଞ୍ଚଳରେ ସୃଷ୍ଟି ବାତ୍ୟାର ଅଂଶବିଶେଷ। ଆଣ୍ଡାମାନ ସାଗର ବା ସଂଲଗ୍ନ ଅଞ୍ଚଳରେ ପହଞ୍ଚି ଘନୀଭୂତ ହୋଇଥାଏ। ଏହାବ୍ୟତୀତ ଆଇଓଡି (ଇଣ୍ଡିଆନ୍ ଓସେନ୍ ଡାଇପୋଲ୍) ଓ ଏମ୍‌ଜେଓ (ମେଡେନ୍ ଜୁଲିଅନ୍ ଓସିଲେସନ) ମଧ୍ୟ ବାତ୍ୟା ସୃଷ୍ଟିର ସୃଷ୍ଟି ଏବଂ ଶକ୍ତିଶାଳୀ କରିଥାଏ। ଆଇଓଡି ନେଗେଟିଭ୍ ରହିଲେ, ବଙ୍ଗୋପସାଗରରେ ଜଳପୃଷ୍ଠର ତାପମାତ୍ରା ଅଧିକ ଗରମ ରହିଥାଏ। ସାଧାରଣତଃ ଏଲ୍-ନିନୋ ପରେ ଏହା ହୋଇଥାଏ। ବାତ୍ୟାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହା ବଳ ଯୋଗାଇଥାଏ। ଅକ୍ଟୋବରରେ ଏହା ନେଗେଟିଭ୍ ହେବାକୁ ସମ୍ଭାବନା ଥିବାରୁ ଏହା ମଧ୍ୟ ବାତ୍ୟା ସୃଷ୍ଟିପାଇଁ ଅନୁକୂଳ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେହିପରି ଏମ୍‌ଜେଓ ଯେତେବେଳେ ବଙ୍ଗୋପସାଗର/ଭାରତ ମହାସାଗରରେ ସକ୍ରିୟ ରହେ, ବାତ୍ୟା ସୃଷ୍ଟି ପାଇଁ ପରିସ୍ଥିତି ଅନୁକୂଳ ହୋଇଥାଏ। ମେଘ ଗଠନ, ବାୟୁର ଉର୍ଦ୍ଧ୍ୱଗାମୀ ଗତି ଓ ଲଘୁଚାପ/ଅବପାତର ଚକ୍ରଗତି ଅଧିକ ହୋଇ ବାତ୍ୟା ସୃଷ୍ଟି ଓ ଶକ୍ତିଶାଳୀ ହେବା ପାଇଁ ଅନୁକୂଳ ହୋଇଥାଏ।

ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ଓ କେତେବେଳ ପ୍ରତ୍ୟାବର୍ତ୍ତନ ସମୟରେ ବାତ୍ୟା ହୋଇଥାଏ। ମୌସୁମୀ ସମୟରେ ହୋଇ ନ ଥାଏ। କାରଣ ଉର୍ଦ୍ଧ୍ୱଗାମୀ ବାୟୁର ଗତିର ବେଗ ଘର୍ଷଣ ଯୋଗୁଁ କମ୍ ହୋଇଥାଏ। ଏହାସହ ମୌସୁମୀ ବାୟୁ ପ୍ରବାହ ହେତୁ ବାୟୁମଣ୍ଡଳ ଅସ୍ଥିର ହୋଇଥାଏ। ଯାହାକି ବାତ୍ୟା ପାଇଁ ଅନୁକୂଳ ହୋଇ ନ ଥାଏ। ତେବେ ମୌସୁମୀ ପ୍ରତ୍ୟାବର୍ତ୍ତନ ସମୟରେ ମୌସୁମୀ ଟ୍ରଫ୍ ବଙ୍ଗୋପସାଗରକୁ ଲମ୍ବିଥିଲେ, ଏହା ବାତ୍ୟା ପାଇଁ ଅନୁକୂଳ ହୋଇଥାଏ। ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ଆହୁରି ପ୍ରାୟ ମାସେ ସମୟ ଅଛି। ମାତ୍ର ବଙ୍ଗୋପସାଗର ଓ ବାତ୍ୟାକୁ ପ୍ରଭାବିତ କରୁଥିବା କାରକଗୁଡ଼ିକୁ ଦେଖିଲେ, ଅକ୍ଟୋବର-ନଭେମ୍ବର ମଧ୍ୟରେ ବଙ୍ଗୋପସାଗରରେ ବାତ୍ୟା ହେବାର ୭୦ ପ୍ରତିଶତରୁ ଅଧିକ ରହିଛି ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି। ମାତ୍ର, ସେପ୍ଟେମ୍ବର ଶେଷ ବେଳକୁ ଏନେଇ କରାଯାଉଥିବା ଆକଳନରେ ଅଧିକ ସ୍ପଷ୍ଟତା ଆସିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ, ରାଜ୍ୟରେ ଜାରି ରହିଥିବା ବର୍ଷାର ପ୍ରଭାବ ଧୀରେଧୀରେ ହ୍ରାସ ପାଇବ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶାଠାରୁ ଦୂରକୁ ଯିବା ସହ ରାଜ୍ୟ ଉପରେ ଏହାର ପ୍ରଭାବ କମିବ। ମାତ୍ର ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

### ପୁଲିସ-ତହସିଲ-ଖଣି...

ଫଳରେ ବାଲି, ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ସରକାରୀ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟିକୁ ହ୍ରାସ ପାଇଥିବା ଜଣାପଡ଼ିଛି।

ଗତ ମାର୍ଚ୍ଚ ମାସରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ବାଲି, ପଥର ଚୋରା ଚାଲାଣ ବିରୋଧରେ ଚଢ଼ଉ ଜୋରଦାର କରିବାକୁ ନିର୍ଦ୍ଦେଶ ନେଇଥିଲେ। ସେହିପରି ପ୍ରତ୍ୟେକ ଜିଲ୍ଲାକୁ ସେମାନଙ୍କ ବର୍ତ୍ତମାନର ଉତ୍ସର ୧୫୦ ଗୁଣ ନୂଆ ଉତ୍ସ ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ରାଜ୍ୟବ୍ୟାପୀ ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଜିଲ୍ଲାପାଳ, ଏସପିମାନେ ଯେ ମୁଖ୍ୟ ସଚିବଙ୍କ ପରାମର୍ଶକୁ ସଠିକ୍ ଭାବେ ଅନୁପାଳନ କରୁନାହାନ୍ତି, ତାହା ଜଳଜଳ ଦିଶୁଛି। ତେଣୁ ତୁରନ୍ତ ରାଜ୍ୟ ସରକାର ଏନେଇ ନିଜର ଆଭିମୁଖ୍ୟକୁ କଡ଼ାକଡ଼ି କରିବା ଆବଶ୍ୟକ। ବାଲି, ପଥର ଚୋରାଚାଲାଣକୁ ସରକାର ରୋକିବା ଆବଶ୍ୟକ ବୋଲି ବୁଦ୍ଧିଜୀବି ମହଲରେ ଦାବି ହେଉଛି। ସାଂସଦ ଶ୍ରୀ ଷଡ଼ଙ୍ଗୀ କେବଳ ବାଲେଶ୍ୱରକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ମାତ୍ର ଅନ୍ୟାନ୍ୟ ଏହା କେବଳ ବାଲେଶ୍ୱରର ଚିତ୍ର ନୁହେଁ। ସମ୍ପୂର୍ଣ୍ଣ ଓଡ଼ିଶାରେ ବାଲି, ପଥର ଚୋରି ଏବେ ସାଂଘାତିକ ସ୍ଥିତିରେ ପହଞ୍ଚିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଲକ୍ଷ୍ନୌ ବିମାନବନ୍ଦରରେ...

ବିମାନରେ ସମସ୍ତ ଯାତ୍ରୀଙ୍କୁ ଦିଲ୍ଲୀ ପଠାଯାଇଥିଲା। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ଘଟଣାର ରିପୋର୍ଟ ମାଗିଛି। ବୈଷୟିକ ତ୍ରୁଟି ଯୋଗୁଁ ବିମାନକୁ ଟେକଅଫ୍ କରିବା ପୂର୍ବରୁ ରୋକିବାକୁ ପଡ଼ିଲା ବୋଲି ଇଣ୍ଡିଗୋ ତରଫରୁ କୁହାଯାଇଛି। କମ୍ପାନୀ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଛି। ତେବେ ବିମାନକୁ କ'ଣ ପାଇଁ ରୋକା ଗଲ ସେ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ।

### ସ୍ତ୍ରୀ ଆଗରେ ଚାଲିଗଲେ...

ଛକ ଓଭରବ୍ରିଜ୍ ନିକଟରେ ଏକ ଲୁହାବୋଝେଇ ଟ୍ରେଲର୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସୁରେଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ।

ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଓଭରବ୍ରିଜ୍ ପାଇଁ ବାରମ୍ବାର ଦୁର୍ଘଟଣାରେ ଜୀବନ ଯାଉଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଝାରପୋଖରିଆ ଅଞ୍ଚଳବାସୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଶହଶହ ଯାନବାହନ ଚଳାଚଳ ଅଟକି ରହିଥିଲା। ଖବର ପାଇ ଝାରପୋଖରିଆ ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ। ପ୍ରତିଦିନ ଦୁଇଜଣ ହୋମ୍‌ଗାର୍ଡଙ୍କୁ ଓଭରବ୍ରଜ୍ ତଳେ ଡ୍ୟୁଟି କରିବା, ମୁଖ୍ୟ ରାସ୍ତା ଉପରେ ବାରିକେଡ୍ ଦେବା ଏବଂ ହମ୍ପସ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସାରସକଣା ଅତିରିକ୍ତ ତହସିଲଦାର ରେଡକ୍ରସ୍ ପକ୍ଷରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଝାରପୋଖରିଆ ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲା। ଅପରପକ୍ଷେ, ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ୍ ଅଟକ ରଖି ତଦନ୍ତ ଚଳାଇଛି।

### ଦୁର୍ଘଟଣାରେ ୨...

ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ବାରବାଙ୍କ ଘାଟି ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରୁଗୁଡ଼ି ପୁଲିସ ଶବଦ୍ୱୟକୁ ଜବତ କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏନେଇ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବୀମାରେ ୧୦୦%...

ହୋଇଥାଏ। ଏ ପର୍ଯ୍ୟନ୍ତ, ଭାରତର ବୀମା କ୍ଷେତ୍ର ଏଫ୍‌ଡିଆଇ ମାଧ୍ୟମରେ ୮୨,୦୦୦ କୋଟି ଟଙ୍କା ଆକର୍ଷିତ କରିଛି। ଅର୍ଥ ମନ୍ତ୍ରଣାଳୟ ବୀମା ଆଇନ ୧୯୩୮ ର ବିଭିନ୍ନ ବ୍ୟବସ୍ଥାରେ ସଂଶୋଧନ ପ୍ରସ୍ତାବ ଦେଇଛି, ଯେଉଁଥିରେ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ନିବେଶକୁ ୧୦୦%କୁ ବୃଦ୍ଧି କରିବା, ଦେୟପ୍ରାପ୍ତ ପୁଞ୍ଜି ହ୍ରାସ କରିବା ଏବଂ ଏକ ମିଶ୍ରିତ ଲାଇସେନ୍ସ ପାଇଁ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ପ୍ରସ୍ତାବିତ ସଂଶୋଧନଗୁଡ଼ିକ ମୁଖ୍ୟତଃ ପଲିସିଧାରକଙ୍କ ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା, ସେମାନଙ୍କର ଆର୍ଥିକ ସୁରକ୍ଷା ବୃଦ୍ଧି କରିବା ଏବଂ ବୀମା ବଜାରରେ ଅଧିକ କମ୍ପାନୀଗୁଡ଼ିକର ପ୍ରବେଶକୁ ସହଜ କରିବା ଉପରେ କେନ୍ଦ୍ରିତ। ଏହି ପଦକ୍ଷେପ ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି କରିବ ବୋଲି ସରକାରଙ୍କ ଆଶା। ବର୍ତ୍ତମାନ, ଭାରତରେ ୨୫ଟି ଜୀବନ ବୀମା କମ୍ପାନୀ ଏବଂ ୩୪ଟି ଅଣ-ଜୀବନ କିମ୍ବା ସାଧାରଣ ବୀମା କମ୍ପାନୀ କାର୍ଯ୍ୟରତ।

### ଭଗବାନଙ୍କ ଭରସାରେ...

ହୋଇଛି।। ଏହି ଥାନାପାଇଁ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ସାଢେ ୩ କୋଟି ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୧କୋଟି ୭୫ଲକ୍ଷ ଟଙ୍କାର ଦେଇଛନ୍ତି। ଏହାବ୍ୟତୀତ ଏହି ଥାନାଗୁଡ଼ିକ ପାଇଁ ୩୬ଟି ଦୁଇ ଚକିଆ, ୧୮ଟି ଚାରିଚକିଆ ଓ ୧୫ଟି ଛୋଟ ଏବଂ ବଡ ବୋଟ୍, ନାଇଟ୍ ଭିଜନ ଡିଭାଇସ୍, ଡିଜିଟାଲ କ୍ୟାମେରା, ଏଲ୍‌ଇଡି ସର୍ଚ୍ଚ ଲାଇଟ୍ ସହିତ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ସାଜ ସରଞ୍ଜାମ ପ୍ରଦାନ କରିଛନ୍ତି। ମାତ୍ର ଏହି ଥାନାଗୁଡ଼ିକର କର୍ମଚାରୀ ସ୍ଥିତି ଦେଖିଲେ ମିଳିଥିବା ଗାଡ଼ି ଚଳାଇବାକୁ ଲୋକ ନାହାନ୍ତି। ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ୧୮ଟି ଇନ୍ସପେକ୍ଟର ପଦବୀ ମଧ୍ୟରୁ ୩ଟି ଖାଲି ପଡିଥିବାବେଳେ ୫୪ ସବଇନ୍ସପେକ୍ଟରଙ୍କ ସ୍ଥାନରେ କାର୍ଯ୍ୟ କରୁଥିଲେ ମାତ୍ର ୯। ଅନୁରୂପ ଭାବରେ ୫୪ ଏଏସ୍‌ଆଇ ପଦବୀରୁ ୨୬ ଓ ୧୪୪ ହାବିଲଦାର ପଦରୁ ମାତ୍ର ୧୬ଟି ପୂରଣ ହୋଇ ପାରିଥିଲା। ୧୮ଟି ଥାନା ପାଇଁ ୪୩୨ କନଷ୍ଟେବଳ ପଦ ଥିବାବେଳେ ଏଠି ମାତ୍ର କାର୍ଯ୍ୟ କରୁଛନ୍ତି ୧୧୩। ସେହିପରି ୩୬ଡ୍ରାଇଭର ପଦରୁ ନିଯୁକ୍ତି ପାଇଛନ୍ତି ମାତ୍ର ୫। ବୈଷୟିକ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ଅନୁରୂପ। ୨୮୦ କର୍ମଚାରୀଙ୍କ ସ୍ଥାନରେ କାର୍ଯ୍ୟ କରୁଛନ୍ତି ୯୦ ଜଣ। ଏହି ପରିପ୍ରେକ୍ଷୀରେ କର୍ମଚାରୀ ସଙ୍କଟ ଯୋଗୁଁ ଥାନାଗୁଡିକ ଏକ ପ୍ରକାର ପଙ୍ଗୁ ପାଲଟି ଯାଇଛି ଏବଂ ଉପକୂଳରେ ପଇଁତରା ମାରିବା ତ ଦୂରରକଥା ଥାନା ଆଖପାଖକୁ ସୁରକ୍ଷିତ ରଖିବା ଆହ୍ୱାନ ପାଲଟିଛି।

ପାକିସ୍ତାନ ବିରୁଦ୍ଧରେ ଅପରେସନ ସିନ୍ଦୂର ଓ ବାଂଲାଦେଶ ସହ ଭାରତର ସମ୍ପର୍କ ଖରାପ ହେବା ପରେ ଉପକୂଳ ସୁରକ୍ଷା ଉପରେ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଯେଉଁଥିପାଇଁ ରାଜ୍ୟରେ ବାଂଲା ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମାତ୍ର ରାଜ୍ୟ ପୁଲିସ ସମ୍ଭବତଃ ଏପରି ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱ ଦେଉ ନାହିଁ। ଉପକୂଳ ସୁରକ୍ଷା ପାଇଁ ଆସିଥିବା ଡ୍ରୋନ୍‌କୁ ମାଓବାଦୀଙ୍କୁ ଠାବ ନିମନ୍ତେ ନିୟୋଜନ କରାଯାଇଛି। ଫଳରେ ବାଂଲାଦେଶୀ ଅପରାଧୀମାନେ ଏଠାରେ ଅପରାଧ ଘଟାଇ ପୁଣି ଜଳପଥ ଦେଇ ନିଜ ଦେଶକୁ ଫେରିଯାଉଛନ୍ତି। ତେଣୁ ଉପକୂଳ ସୁରକ୍ଷା ନିହାତି ଆବଶ୍ୟକ ହେଉଥିବା ବେଳେ ଓଡ଼ିଶା ପୁଲିସ ଭଗବାନଙ୍କ ଉପରେ ଛାଡ଼ି ଦେଇଥିବା ଅନେକ ଅଭିଯୋଗ କରିଛନ୍ତି।

## ୩୧ତମ ପୁଣ୍ୟ ତିଥି ଅବସରରେ

# ଚିର ନମସ୍ୟ- ଧନେଶ୍ୱର ରଥ

**ଡାକ୍ତର ରବି ରଂଜନ ସାହୁ**

ସ୍ୱର୍ଗୀୟ ଧନେଶ୍ୱର ରଥ ଆମର ଚିର ନମସ୍ୟ। କଟକ ଜିଲ୍ଲା ଟାଙ୍ଗି ବ୍ଲକର କଏରାପାରି ଏକ ଅଜଣା ଅଶୁଣା ଗ୍ରାମରେ ସେ ୧୯୧୬ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଥିଲେ କପିଳ ରଥ ଓ ମାତା ସାଧବୀ ଦେବୀ। ପିଲାଦିନୁ ସେ ପରିବାରରୁ ସଂସ୍କାର ଲାଭ କଲେ। କପିଳଙ୍କ ପରିବାରର ଶେଷ ସନ୍ତାନ ହୋଇଥିବାରୁ ବାପା ମାଆ ତଥା ବଡ଼ ଭାଇ ଭଉଣୀମାନଙ୍କ ସ୍ନେହ ଶ୍ରଦ୍ଧା ତାଙ୍କ ଉପରେ ଅଜାଡ଼ି ହୋଇ ପଡୁଥିଲା। ସମସ୍ତଙ୍କର ଆଶା ଓ ଭରଷାକୁ ନେଇ ଧନେଶ୍ୱର ବାଲ୍ୟ ଜୀବନ ଆରମ୍ଭ କଲେ। ଅଧ୍ୟୟନ ଓ ଅଧ୍ୟବସାୟ ବଳରେ ଧନେଶ୍ୱର ଜୀବନର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରିଥିଲେ। ଜୀବନ ଧାରଣ ପାଇଁ, ଜୀବନ ପଥରେ ଅଗ୍ରସର ହେବା ପାଇଁ ସେ ପିଲାଦିନୁ ବହୁ କଷ୍ଟ ସ୍ୱୀକାର କରିଥିଲେ। ମାତ୍ର ଜୀବନର ଲକ୍ଷ୍ୟ ଭୁଲି ନଥିଲେ।

୧୯୩୮ ମସିହାରେ ଧନେଶ୍ୱର ରଥ କଟକ ଖ୍ରୀଷ୍ଟ କଲିଜିଏଟ ସ୍କୁଲରୁ ମାଟ୍ରିକ୍ ପାସ କଲେ ଏବଂ ଟାଇପ୍ ରାଇଟିଂ ଶିକ୍ଷା ଲାଭ କରି ଅବକାରୀ କମିଶନଙ୍କ ଅଫିସ୍‌ରେ ଜଣେ ଟାଇପିଷ୍ଟ ଭାବେ ଚାକିରୀ ଜୀବନ ଆରମ୍ଭ କଲେ। ଅଧିକ ପାଠ ପଢ଼ିବା ପାଇଁ ଓ ବଡ଼ ଅଧିକାରୀ ହେବା ପାଇଁ ତାଙ୍କର ଇଚ୍ଛା ଥିଲା। ମାତ୍ର ତାଙ୍କ ଗ୍ରାମ ନିକଟରେ କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନ ନଥିବାରୁ ସେ ଉଚ୍ଚଶିକ୍ଷା ହାସଲ କରିପାରି ନଥିଲେ। ସେହିପରି ପରିବାରର ଆର୍ଥିକ ସମସ୍ୟା ମଧ୍ୟ ତାଙ୍କ ପାଇଁ ବାଧା ସୃଷ୍ଟି କରିଥିଲା। ସେ ସେକ୍ସନ ଅଫିସର ଭାବେ ସରକାରୀ କାମରୁ ଅବସର ନେଇଥିଲେ। ତା'ପରେ ଶିକ୍ଷକତା ଆରମ୍ଭ କରି ଗ୍ରାମାଞ୍ଚଳରେ ଶିକ୍ଷା ସମସ୍ୟାର ସମାଧାନ ପାଇଁ ସେ ଟାଙ୍ଗୀରେ ହାଇସ୍କୁଲ ପ୍ରତିଷ୍ଠା କରି ତା'ର ଉନ୍ନତି ପାଇଁ ଆପଣାକୁ ନିୟୋଜିତ କରିଥିଲେ।

ଧନେଶ୍ୱର ରଥ ଜଣେ କର୍ମଯୋଗୀ ଭାବେ ପରିଚିତ। ଆଧ୍ୟାତ୍ମିକ ଦୃଷ୍ଟି ତାଙ୍କୁ ସେବକ ହେବାକୁ ପ୍ରେରିତ କରିଥିଲା। ଉଭୟ ସଂସ୍କୃତ ଓ ଇଂରାଜୀ ଭାଷାରେ ବିଦ୍ୱାନ ଥିଲେ ଧନେଶ୍ୱର ରଥ। ପିଲାଦିନରୁ ଦେଶପ୍ରେମ ସାହିତ୍ୟ ପଢ଼ିବାର ସୁଯୋଗ ପାଇଥିଲେ। ବିଶେଷ କରି ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ କଥା, ତାଙ୍କ ନୀତି ଓ ଆଦର୍ଶ ତାଙ୍କୁ ଦେଶସେବା ପାଇଁ ଉତ୍ସାହିତ କରିଥିଲା। ଗାନ୍ଧିଜୀ କହୁଥିଲେ ଭାରତର ଆତ୍ମା ଗାଁରେ ରହିଛି। ଗାନ୍ଧିଜୀଙ୍କର ଏହି ବାର୍ତ୍ତା ଧନେଶ୍ୱରଙ୍କୁ ପ୍ରଭାବିତ କରିଥିଲା ଓ ସେ ଗାଁର ଉନ୍ନତି ସହିତ ଦେଶର ବିକାଶ ସମ୍ଭବ ବୋଲି ଭାବିଥିଲେ। ଏହି କାରଣରୁ ସେ ଗ୍ରାମାଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ଜଣେ ଶିକ୍ଷକ ଭାବରେ ଶିକ୍ଷାର ବିକାଶ ଓ ତାହା ଯେପରି ସମସ୍ତଙ୍କ ପାଖରେ ପହଞ୍ଚି ପାରିବ, ଅର୍ଥାତ୍ ତାଙ୍କ ଗାଁ ବା ଦେଶରେ କେହି ଅଶିକ୍ଷିତ ରହିବେ ନାହିଁ, ଏଥିପାଇଁ ଧନେଶ୍ୱର ରଥ ଆଜୀବନ ଉଦ୍ୟମ କଲେ। ତାହାହିଁ ଥିଲା ଜଣେ ଶିକ୍ଷକର କର୍ମ ଓ ଧର୍ମ। ଜଣେ କର୍ମଯୋଗୀ ସେବକ ଯେପରି ଆପଣା କର୍ମ ମାଧ୍ୟମରେ ଅନ୍ୟର ଓ ସମାଜ ତଥା ଦେଶର ଉପକାର କରିପାରେ ଓ ସେବା କରିପାରେ ତାହା ଧନେଶ୍ୱର ରଥଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା। ମାଆଙ୍କ ପ୍ରେରଣାରୁ ଓ ପରିବାରର ସଂସ୍କାରରୁ ସେ ଆପଣା ଆଧ୍ୟାତ୍ମିକ ଦୃଷ୍ଟିକୁ ପ୍ରସାରିତ କରିଥିଲେ। ବିଭୁପ୍ରେମରେ ଲୀନ ରହି ଜଣେ ଈଶ୍ୱରଙ୍କ ସେବକ ହେବାକୁ ଉତ୍ସାହିତ ହୋଇଥିଲେ। ଆଧ୍ୟାତ୍ମିକତାର ଜ୍ଞାନ ତାଙ୍କୁ ଶ୍ରୀମଦ୍ ଭଗବତ ଗୀତାରୁ ମିଳୁଥିଲା। ସେ ବୁଝିଥିଲେ ଯେ ଗୀତା ମଣିଷ ଜୀବନର ମାର୍ଗଦର୍ଶିକା। ଗୀତା ମାନବ ଜୀବନକୁ ପରିମାର୍ଜିତ, ଶୃଙ୍ଖଳିତ ଓ ପରମ ଶକ୍ତିର ସନ୍ଧାନରେ ଆଗେଇ ନେବା ଦିଗରେ ଏକ ପଥ ପ୍ରଦର୍ଶକ ଭାବେ କାମ କରିଥାଏ। ସେ ଶ୍ରୀମଦ୍ ଭଗବତ ଗୀତାର ବାଣୀକୁ ଗ୍ରହଣ କରି ତା'ର ମାର୍ଗଦର୍ଶନକୁ ଆପଣାଇ ତାଙ୍କ ଜୀବନକୁ ଏକ ସାର୍ଥକ ଜୀବନରେ ପରିଣତ କରିଯାଇଛନ୍ତି।



ସେବା ଧର୍ମରେ ସେ ଦୀକ୍ଷିତ ହୋଇଥିଲେ। ସମାଜର ବିକାଶ, ତଳେ ପଡ଼ିଥିବା ମଣିଷର ଉନ୍ନତି ଥିଲା ତାଙ୍କର ଲକ୍ଷ୍ୟ। ସେହି ନମସ୍ୟ ପୁରୁଷ ଯାହାଙ୍କ ତ୍ୟାଗ ଓ ସେବା ବଳରେ, ଶ୍ରଦ୍ଧା ଓ ପୁଣ୍ୟ କାରଣରୁ ଓଡ଼ିଶା ପରି ଏକ ଦରିଦ୍ର୍ୟ ରାଜ୍ୟରେ ବୈଷୟିକ ଶିକ୍ଷାର ଉନ୍ନତି ହୋଇଛି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ସମ୍ଭବ ହୋଇପାରିଛି। ଓଡ଼ିଶାରେ ଅନେକ ମହାପୁରୁଷ ଶିକ୍ଷାରେ ସଂସ୍କାର କରିଛନ୍ତି। ସେମାନଙ୍କ ମଧ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପୁଣ୍ୟଶ୍ଳୋକ ଗୋପବନ୍ଧୁ ଚୌଧୁରୀ ଅନ୍ୟତମ। ସେହିପରି ଧନେଶ୍ୱର ରଥ ମଧ୍ୟ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସ୍ୱପ୍ନ ଦେଖିଥିଲେ, ଯେଉଁ କାରଣରୁ ତାଙ୍କର ସୁଯୋଗ୍ୟ ସନ୍ତାନମାନେ ପ୍ରତିଷ୍ଠା କରିଛନ୍ତି ଉନ୍ନତ ବୈଷୟିକ ଶିକ୍ଷାନୁଷ୍ଠାନ। ପିତାଙ୍କ ନାମରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ 'ଡ୍ରିମ୍‌ସ' ରାଜ୍ୟର ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ସେହିପରି ଆମ ରାଜ୍ୟର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଦିନ ଧନେଶ୍ୱର ରଥ ସ୍ୱପ୍ନ ଦେଖିଥିଲେ। ତାଙ୍କର ସେହି ସ୍ୱପ୍ନକୁ ସାକାର କରାଯାଇଛି ଓ ଗଢ଼ିଉଠିଛି ଏକ ଉନ୍ନତ ଡାକ୍ତରଖାନା "ପଦ୍ମିନୀ କେୟାର ହସ୍‌ପିଟାଲ"। ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍‌ପିଟାଲ ଏହି ଦୁଇଟି ଅନୁଷ୍ଠାନମାନ ସେବାରେ ସମର୍ପିତ। ଜୀବନରେ ଶିକ୍ଷା ଓ ସ୍ୱାସ୍ଥ୍ୟ ହିଁ ପ୍ରକୃତ ଧନ। ଏହା ଧନେଶ୍ୱର ରଥ ବୁଝିଥିଲେ ଓ ତାଙ୍କ ସନ୍ତାନମାନେ ମଧ୍ୟ ଏହାକୁ ଠିକ୍ ଭାବରେ ହୃଦୟଙ୍ଗମ କରି ସେହି କାମରେ ଲାଗିଛନ୍ତି। ସେମାନଙ୍କ ପ୍ରୟାସରୁ ଧନେଶ୍ୱର ରଥଙ୍କର ଆଶା ପୂରଣ ହୋଇପାରିଛି।

ଏପରି ଜଣେ ସେବକ, କର୍ମଯୋଗୀଙ୍କର ପରଲୋକ ୧୯୯୪ ମସିହାରେ ହେଲା। ତାଙ୍କ କର୍ମମୟ ଜୀବନର ଯାତ୍ରା ଶେଷ ହୋଇଯାଇଥିଲେ ମଧ୍ୟ ସେହି କର୍ମର ପ୍ରେରଣା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିଅଛି ଓ ଧନେଶ୍ୱରଙ୍କ କର୍ମଯୋଗ ଜାରି ରହିଛି। ଅନେକ ବ୍ୟକ୍ତି ଜୀବନ ଧାରଣ କରି ଭୋଗ ବିଳାସରେ ଜୀବନ ଅତିବାହିତ କରି ଶେଷରେ ଏ ଦୁନିଆରୁ ବିଦାୟ ନେଇଛନ୍ତି। ମାତ୍ର ସେମାନଙ୍କ ମଧ୍ୟରେ ଧନେଶ୍ୱର ରଥ ଏକ ବ୍ୟତିକ୍ରମ। ସେ ତାଙ୍କ ଜୀବନକୁ ଚାହିଁଥିଲେ ଭୋଗ ବିଳାସରେ ରଖିପାରିଥାନ୍ତେ, ଆପଣାକୁ ସମୃଦ୍ଧ ଓ ସମ୍ପନ୍ନ କରିପାରିଥାନ୍ତେ. ମାତ୍ର ତାଙ୍କ ସଂସ୍କାର ଓ ଶିକ୍ଷା ତାଙ୍କୁ ସେ ଦିଗରେ ବାଧା ଦେଇଛି। ସେ ଅନ୍ୟମାନଙ୍କ ପାଇଁ ଆପଣାକୁ ସମର୍ପଣ କରିଯାଇଛନ୍ତି। ସେହି ପୁଣ୍ୟସ୍ମୃତିଙ୍କୁ ସ୍ମରଣ କରିବା ଆମର କର୍ତ୍ତବ୍ୟ ଓ ତାଙ୍କ ସେବାମୟ ଚିନ୍ତା ଚେତନାକୁ ଆଗକୁ ନେବା ଆମର ଧର୍ମ। ■

ଚାନ୍ଦିନୀଚୌକ, କଟକ-୨

## ଓଏଚ୍‌ଆର୍‌ସିଙ୍କ ତାଗିଦ ପରେ ବିଭାଗ ତତ୍ପର

# ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ କାର୍ଯାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯(ସମିସ): ମାନବାଧିକାର କମିଶନ୍‌ଙ୍କ ନୋଟିସ୍ ପରେ ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ କାର୍ଯାନୁଷ୍ଠାନ ନେବା ନିମନ୍ତେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ବେଆଇନ ଏବଂ ଅଣସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନ୍ୟାସନାଲ ପ୍ୟାରେଣ୍ଟ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ତରଫରୁ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପିଟିସନ ହୋଇଥିଲା। ଯାହାର ଶୁଣାଣି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ରାଜ୍ୟ ମାନବାଧିକାର ଆୟୋଗଅଧ୍ୟକ୍ଷ ନୋଟିସ୍ ଜାରି କରିଥିଲେ। ଏହାକୁ ଭିତ୍ତି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ଚାଲୁଥିବା ଅଣସ୍ୱୀକୃତିପ୍ରାପ୍ତ ସ୍କୁଲ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେପ୍ଟେମ୍ବର ୧୫ ତାରିଖ ଭିତରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଓଡ଼ିଶା ଶିକ୍ଷା ଆଇନ୍ ଏବଂ ଶିକ୍ଷା ଅଧିକାର ଆଇନ୍-୨୦୦୯ ନୀୟମାବଳିକୁ ଉଲ୍ଲଂଘନ କରି ପ୍ରାୟ ୧୫୦୦ରୁ ଉଦ୍ଧ୍ୱର୍ ଅଣସ୍ୱୀକୃତିପ୍ରାପ୍ତ ବେସରକାରୀ ବିଦ୍ୟାଳୟ ଚାଲୁଛି। ଫଳରେ ସେଠାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ନିରାପତ୍ତା, ସୁରକ୍ଷା ଏବଂ ଭବିଷ୍ୟତ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି। ଏହିସବୁ ବିଦ୍ୟାଳୟଠାରୁ ଲକ୍ଷାଧିକ ଟଙ୍କା ଜୋରିମାନା ଆଦାୟ କରିବା ପାଇଁ ମଧ୍ୟ ଆଇନରେ ବ୍ୟବସ୍ଥା ଅଛି। ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ୨୦୧୮ ମସିହାରୁ କ୍ରମାଗତ ଭାବରେ ବାରମ୍ବାର ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ଚିଠି ମାଧ୍ୟମରେ ଏହି ବିଦ୍ୟାଳୟ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରାଯିବା ସତ୍ତ୍ୱେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା। ବରଂ ଜିଲ୍ଲା ଶିକ୍ଷାଧିକାରୀମାନଙ୍କ ପୃଷ୍ଠପୋଷକତାରେ ଏହି ସ୍କୁଲ୍ ସବୁ ଚାଲୁଥିଲା। ଏ ସମ୍ବନ୍ଧରେ ନ୍ୟାସନାଲ ପ୍ୟାରେଣ୍ଟ ଫେଡେରେସନ୍ ତରଫରୁ ନିର୍ଦ୍ଦେଶକ ଏବଂ ଶିକ୍ଷା ସଚିବଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗ ତରଫରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିଲା। ଫଳରେ ବାଧ ହୋଇ ସଭାପତି ପଟ୍ଟନାୟକ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଯାହାର ପ୍ରାଥମିକ ଶୁଣାଣି କରି ଅଗଷ୍ଟ ୧ ତାରିଖରେ ନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରି ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ପକ୍ଷ ରଖିବାକୁ ନୋଟିସ୍ ଜାରି କରିଥିଲେ।

# ୨୦ରେ ବିଧାନସଭା ଘେରିବେ ଶିକ୍ଷକ

ଭୁବନେଶ୍ୱର, ୧୪।୯(ସମିସ): ଶିକ୍ଷା ଅଧିକାର ଆଇନକୁ ରାଜ୍ୟରେ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଶିକ୍ଷାଦାନ ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ଲକ୍ଷାଧିକ ଶିକ୍ଷକ ପଦ ଖାଲି ପଡ଼ିଛି। ଠିକା, ଚୁକ୍ତି ବା ସ୍କିମ୍‌ରେ ଉଚ୍ଚଶିକ୍ଷିତ ଯୁବକଯୁବତୀଙ୍କୁ ନିଯୁକ୍ତ କରି ଶୋଷଣ କରୁଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ପୂରଣ ହେଉନାହିଁ। ଅନୁରୂପ ଭାବେ ଶିକ୍ଷକଙ୍କ ଏକାଧିକ ଦାବିକୁ ମଧ୍ୟ ଦୀର୍ଘ ଦିନ ଧରି




ସରକାର ଅଣଦେଖା କରୁଛନ୍ତି। ବାରମ୍ବାର ଆଲୋଚନା କରୁଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ବାହାର କରୁନାହାନ୍ତି। ଏଣୁ, ଆସନ୍ତା ୨୦ ତାରିଖରେ ବିଧାନସଭା ଘେରାଉ କରିବା ପାଇଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ନିଷ୍ପତ୍ତି ନେଇଛି।

ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ ୨୦୧୧ ପରେ ଶିକ୍ଷକତା ପାଇଁ ଓଟିଇଟି ପରୀକ୍ଷା ବାଧ୍ୟତାମୂଳକ କରିବାକୁ ୨୦୧୯ ମସିହାରେ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାର ପ୍ରାୟ ୧୫ ବର୍ଷ ପରେ, ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ମଧ୍ୟ ଓଟିଇଟି ବାଧ୍ୟତାମୂଳକ କରିବା ନିନ୍ଦନୀୟ। ଏହାକୁ ଆଳ କରି ୪ବର୍ଷ ହେଲା ପଦୋନ୍ନତି ଦିଆଯାଉନାହିଁ। ସେହିପରି, ୨୨ଟି ରାଜ୍ୟରେ କେନ୍ଦ୍ରୀୟ ଢାଞ୍ଚାରେ ଦରମା ୪୨୦୦ ଗ୍ରେଡ୍ ପେ', ଚାକିରି ସର୍ତ୍ତାବଳୀ, ଗ୍ରାଚ୍ୟୁଇଟି ପ୍ରଦାନ କରାଯାଉଥିବା ବେଳେ ରାଜ୍ୟର ଶିକ୍ଷକଙ୍କୁ ୨୨୦୦ ଗ୍ରେଡ୍-ପେ' ଦିଆଯାଉଛି।

ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ୍ ଉଚ୍ଛେଦ ପାଇଁ ଘୋଷଣା ହୋଇଥିଲେ ମଧ୍ୟ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏଣୁ, ତୁରନ୍ତ ସ୍କିମାଟିକ୍ ଉଚ୍ଛେଦ ସହ କେନ୍ଦ୍ରୀୟ ହାରରେ ଦରମା, ୬ ବର୍ଷର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା, ସ୍ୱାସ୍ଥ୍ୟବୀମା ଓ ପୁରୁଣା ପେନସନ୍ ପରି ପ୍ରମୁଖ ଦାବିକୁ ସରକାର ଗୁରୁଦିବସରେ ପୂରଣ କରିବେ ବୋଲି ସଂଘ ଆଶା ରଖିଥିଲା। ହେଲେ ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ଆସନ୍ତା ୨୦ତାରିଖରେ ବିଧାସଭା ଘେରିବେ ବୋଲି ଶ୍ରମିକ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତିଙ୍କ ସମେତ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସୁଧାଂଶୁ ମଣ୍ଡଳ, ଟୁଲୁ ଦେଇ, ଚିନ୍ତାମଣି ପାଢୀ, ଅଗାଧୁ ସେଠୀ, କେଶବ ଚନ୍ଦ୍ର ଦଳାଇ, ଗୋପାଳ ସେନ, ମୁକ୍ତିରାମ ପାଣିଗ୍ରାହୀ, ବିପିନ ବିହାରୀ ପାତ୍ର, ବିରୂପାକ୍ଷ ସେଠୀଙ୍କ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବାପାଙ୍କ ଶବ ନେଇ ଆସୁଥିବା ପୁଅ ଦୁର୍ଘଟଣାରେ ମୃତ



ଠାକୁରମୁଣ୍ଡା, ୧୪।୯ (ସମିସ): କଟକରୁ ବାପାଙ୍କ ମୃତଦେହ ଆମ୍ବୁଲାନ୍ସରେ ନେଇ ଫେରୁଥିବା ବେଳେ ବାଟରେ ଦୁର୍ଘଟଣା ନେଇଗଲା ପୁଅର ଜୀବନ। ମୃତ ଯୁବକ ହେଲେ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ମିଟୁଆଣି ଗ୍ରାମର ଶୁଭ ପ୍ରକାଶ ନାୟକ। ଦିନକରେ ବାପା-ପୁଅଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଶୁଭଙ୍କ ବାପା ଗୋପବନ୍ଧୁ ନାୟକ (୬୫)ଙ୍କ ଉଚ୍ଚ ରକ୍ତଚାପ ଥିଲା। ଏଥିଯୋଗୁଁ ପ୍ରାୟ ୩ ମାସ ତଳେ ସେ ଘର ସମ୍ମୁଖରେ ପଡ଼ି ଗୁରୁତର ହୋଇଥିଲେ। ଅଧିକ ଚିକିତ୍ସା ପାଇଁ କିଛି ଦିନ ତଳେ ଶୁଭ ତାଙ୍କୁ କଟକର ଏକ ମେଡିକାଲରେ ଭର୍ତ୍ତି କରାଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୋପବନ୍ଧୁଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ଶୁଭ ଏକ ଆମ୍ବୁଲାନ୍ସରେ ବାପାଙ୍କ ମୃତଦେହକୁ ଠାକୁରମୁଣ୍ଡା ଆଣୁଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ପାଣିକୋଇଲି-ଯାଜପୁର ରୋଡ୍ ମଧ୍ୟରେ ଥିବା ମାଧପୁର ନିକଟରେ ଆମ୍ବୁଲାନ୍ସ ଅଟକିଥିଲା। ଶୁଭ ଆମ୍ବୁଲାନ୍ସରୁ ଓହ୍ଲାଇ ଏକ ଦୋକାନକୁ ପାଣି ଆଣିବାକୁ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ପିକଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଶୁଭଙ୍କୁ ପ୍ରଥମେ ଯାଜପୁର ରୋଡ୍ ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।


**AFFIDAVIT**

I VAISYARAJU SWAPNA, W/o- VAISYARAJU RAJESH, resident of Mill Sahi, Santoshi Nagar, Po./Ps.- Borigumma, Dist.- Koraput- 764056, Odisha declare by this Affidavit No. 3676, Dated 08/09/2025, that now onwards I shall be known as **VYSYARAJU SWAPNA** for all future purpose.

**AFFIDAVIT**

By virtue of an affidavit of sworn before the notary, Baripada, Mayurbhanj, dated 13.09.2025, I Sujit kumar Sahoo, Adress At - Baghra Road, Ward no 19, Po - Baripada, Ps- Baripada, Dist - Mayurbhanj, State - Odisha, Pin - 757001 declare that I have changed my name from Sujit Kumar Sahu to Sujit Kumar Sahoo. Henceforth, I shall be known as Sujit Kumar Sahoo for all purposes.

SUJIT KUMAR SAHOO

बैंक ऑफ महाराष्ट्र Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍** [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରୋକ୍ତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ସହ-ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଟିଟିଲାଗଡ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଲିଳାମୟ ସାହୁ, ପିତା: ଶ୍ରୀ କେଶରୀ ସାହୁ, ୨) ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: ଶ୍ରୀ କେଶରୀ ସାହୁ, ଉଭୟଙ୍କ ଠିକଣା- ଗ୍ରା.: କୁରୁସୁଡ, ପୋ.: କୁରୁସୁଡ, ସିନ୍ଧେକେଲା, ଜିଲ୍ଲା: ବଲାଙ୍ଗୀର, ପିନ୍-୭୬୭୦୩୫ | ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: କେଶରୀ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା/ଗ୍ରାମ: | ୧୦.୦୬.୨୦୨୫ ସୁଦ୍ଧା ଟ.୧୪,୯୬,୦୪୧.୭୮ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୦.୦୬.୨୦୨୫ / ୦୯.୦୯.୨୦୨୫ |

କୁରୁସୁଡ, ତହସିଲ: ଟିଟିଲାଗଡ, ଥାନା: ସିନ୍ଧେକେଲା, ଥାନା ନଂ.: ୪୫, ପୋ.: କୁରୁସୁଡ, ସିଟିଏସ୍/ସର୍ଭେ ନଂ. /ଏଚ୍‌ଏନ୍ ନଂ.: ୨୭୫/୩୮୩, ପ୍ଲଟ୍ ନଂ.: ୯୮୬/୨୧୨୬, ପରିମିତ କ୍ଷେତ୍ର: ଏକର୦.୦୮ ଡେସିମିଲ୍, କିସମ: ଘରବାରି ଏକ, ଏହାର ଚଉପାର୍ଶ୍ୱରେ- ପୂର୍ବ: ଜୋନାନାଥ ସାହୁଙ୍କ ଜମି, ପଶ୍ଚିମ: ଚେତ୍ରୁ ସାହୁଙ୍କ ଜମି, ଉତ୍ତର: କେଶରୀ ସାହୁଙ୍କ ଜମି, ଦକ୍ଷିଣ: ରାସ୍ତା, ସହିତ ପରିମିତ କ୍ଷେତ୍ର: ଏକର୦.୦୮ ଡେସିମିଲରେ ଥିବା ସମସ୍ତ ଗୃହ ଏବଂ ନିର୍ମିତ ଷ୍ଟ୍ରକ୍‌ଚର୍ସ କିମ୍ବା ନିର୍ମାଣ ହେବାକୁ ଥିବା ଷ୍ଟ୍ରକ୍‌ଚର୍ସ ଏବଂ ସେଥିରେ ସଂଲଗ୍ନ ସମସ୍ତ ଫିକ୍‌ଚର୍ସ (ସାଙ୍କେତିକ ଦଖଲ)।


ତାରିଖ: ୧୪.୦୯.୨୦୨୫, ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

# ବିଦ୍ୟାଳୟରେ ଜେଜେ ବାପା, ଜେଜେ ମା' ଦିବସ



ସିମୁଳିଆ, ୧୪।୯ (ସମିସ): ସିମୁଳିଆ ବ୍ଲକ ଅଧିନସ୍ଥ ମଇତାପୁର ପଞ୍ଚାୟତ ମହାନ୍ତି ସାହିରେ ରୟାଲ ଗ୍ରୁପ୍ ଅଫ ସ୍କୁଲର ପ୍ରତିଷ୍ଠାତା ବିଷ୍ଣୁମୋହନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଜେଜେ ବାପା, ଜେଜେ ମା' ଦିବସ ପାଳିତ ହୋଇଯାଇଛି। ରୟାଲ ଗ୍ରୁପ ଅଫ ସ୍କୁଲର ଡାଇରେକ୍ଟର ପଦ୍ମଲୋଚନ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପବିତ୍ର ପାଣିଗ୍ରାହୀ, ଅନ୍ୟତମ ଅତିଥି ସୂର୍ଯ୍ୟମଣୀ ବୋଇତି, ରାଜୀବ ପରିଡା, ଦୟାନିଧି ଗିରି, ଭଗବାନ ଚରଣ ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦୁଇଶହରୁ ଉର୍ଦ୍ଧ୍ୱ ଜେଜେ ବାପା ଓ ଜେଜେ ମା'ଙ୍କୁ ପୂଜନ କରାଯାଇଥିଲା। କିରଣ କୁମାର ଧିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଦେଖଇ ନେତ୍ର ଯାହା' ଓ 'ଏକାଧିକ ଏକାଙ୍କିକା' ଉନ୍ମୋଚିତ



ବାଲେଶ୍ୱର,୧୪।୯(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଓ 'ସ୍ରଷ୍ଟା' ର ମିଳିତ ଆନୁକୂଲ୍ୟରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟକ ଗ୍ରନ୍ଥ ''ଦେଖଇ ନେତ୍ର ଯାହା' ଓ 'ଏକାଧିକ ଏକାଙ୍କିକା' ଉନ୍ମୋଚିତ ହୋଇଯାଇଛି। ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଗ୍ରନ୍ଥ ଦ୍ୱୟକୁ ଉନ୍ମୋଚନ କରି ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ନବୀନ କୁମାର ପରିଡ଼ା ଓଡ଼ିଆ ନାଟ୍ୟ ସାହିତ୍ୟରେ ହେମେନ୍ଦ୍ରଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତ ଦେଇଥିଲେ। ଅନ୍ୟତମ ଉନ୍ମୋଚକ ଆଲୋକ କୁମାର ସାହୁ ହେମେନ୍ଦ୍ରଙ୍କ ନାଟ୍ୟଗ୍ରନ୍ଥମାନ ପରବର୍ତ୍ତୀ ପିଢ଼ି ଉପରେ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ନାଟ୍ୟକାରଙ୍କ ପତ୍ନୀ ସୁଷମା ମହାପାତ୍ର ମଧ୍ୟ ଉପସ୍ଥିତ ରହି ଥିଲେ। ସମୀକ୍ଷକ ଭାବରେ ଯୋଗ ଦେଇଥିବା ନାଟ୍ୟାଲୋଚକ ଡ. ଭାଗବତ ପ୍ରସାଦ ଦାସ ଓ ଗବେଷକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ହେମେନ୍ଦ୍ରଙ୍କ ନାଟକଗୁଡ଼ିକରେ ଥିବା ବିଭିନ୍ନ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କରିଥିଲେ। ଲେଖକୀୟ ବକ୍ତବ୍ୟରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଦୀର୍ଘ ପଚାଶ ବର୍ଷରୁ ଅଧିକ କାଳ ଧରି ରଚନା କରୁଥିବା ତାଙ୍କର ସୃଷ୍ଟି ଓ ସାଧନା ସଂପର୍କରେ ଶ୍ରୋତାମାନଙ୍କୁ ଅଭିହିତ କରିଥିଲେ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ରାଉତ, ପ୍ରଦୀପ ଚାଟାର୍ଜୀ, ନିବାରଣ ଜେନା, ତପନ ରାୟ, ଅଞ୍ଜଳି ପଣ୍ଡା, ଅରୁଣା ରାୟ, ଦୀପକ ବୋଷ, ଡ. ରମାକାନ୍ତ ନାୟକ, ଡ. ଶିରୀଶ ଚନ୍ଦ୍ର ଜେନା, ଶରତ ମହାପାତ୍ର, ଡ. ଲକ୍ଷ୍ମଣ ବିଶ୍ୱାଳ, ଗଗନ ଦଳାଇ, ବିଦ୍ୟାଧର ସାହୁ, ରାଜେନ୍ଦ୍ର ରାଉତ, ଲକ୍ଷ୍ମୀକାନ୍ତ ବେହେରା, ଡ. ହେମମାଳା ଦାଶ, ବେଣୁଧର ସାହୁ, ଗୌରୀଶଙ୍କର ସାହାଣୀ, ପ୍ରସନ୍ନ ଦାସ, ଡ. ପ୍ରଦୀପ ଭୌମିକ, ଦେବାଶିଷ ସିଂହ, ଉଦୟ ଶଙ୍କର ପରିଡ଼ା, ଡ. ରତ୍ନାକର ସିଂହ, ମନ୍ମଥ କୁମାର ସାହୁ, ଡ. ସମର ବଲ୍ଲଭ ଭୋଇ, କରୁଣାକର ସ, କବିତା ଜେନା, ସୁବ୍ରତା ମହାନ୍ତି, ଦିଲ୍ଲୀପ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

**● ପଞ୍ଚାୟତ ସମିତି ବୈଠକ**

# ବିଭିନ୍ନ ପ୍ରସଙ୍ଗରେ ମତ ରଖିଲେ ବିଧାୟକ

ବାଲେଶ୍ୱର(ଉତ୍ତର),୧୪।୯(ସମିସ): ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ନିଜର ମତ ରଖିଛନ୍ତି। ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ୬ଥର ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଥିଲା ବେଳେ ବିଶେଷ କରି କୃଷି ପ୍ରଭାବିତ ହୋଇଥିଲା ବେଳେ କୃଷକ ମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଇଛି। ତେଣୁ ତୁରନ୍ତ କୃଷକଙ୍କୁ କ୍ଷତିପୂରଣ ପ୍ରଦାନ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ସହିତ, ଶିକ୍ଷା ଓ ଶିକ୍ଷକ ନିଯୁକ୍ତି ସମସ୍ୟା, ଜଳସେଚନ ଓ ଜଳ ନିଷ୍କାସନ, ଭତ୍ତା ପ୍ରଦାନରେ ଅବ୍ୟବସ୍ଥା ଆଦି ପ୍ରସଙ୍ଗରେ ବିଧାୟକ ଶ୍ରୀ ଦାସ ମତ ରଖିଥିଲେ ଏବଂ ଏ ଦିଗରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ଏଥି ସହିତ ଦୀର୍ଘଦିନ ଧରି ଓଡ଼ିଶାର ଅନ୍ୟତମ କୃଷି ପ୍ରଧାନ ଜିଲ୍ଲା ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ସରକାରଙ୍କ ନିକଟରେ ରଖିବା ପାଇଁ ପଞ୍ଚାୟତ ସମିତି ବୈଠକରେ ପ୍ରସ୍ତାବ ପାରିତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ମଧ୍ୟ ସମିତି ବୈଠକରେ ପାରିତ ହୋଇଥିଲା।

# ଆଦିବାସୀ ନାବାଳିକା ଗର୍ଭବତୀ; ଅଭିଯୁକ୍ତ ଅଟକ

ନୀଳଗିରି, ୧୪।୯ (ସମିସ): ନୀଳଗିରି ବ୍ଲକରେ ଏକ ୧୫ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ୫୬ ବର୍ଷର ଜଣେ ପଡ଼ୋଶୀ ବଳାତ୍କାର କରିବା ଯୋଗୁଁ ସମ୍ପ୍ରତି ସେ ୪ ମାସର ଗର୍ଭବତୀ ହୋଇଥିବା ସୂଚନା ମିଳିଛି। କୁଲଡିହା ଅଭୟାରଣ୍ୟ ପାଦଦେଶ ତଥା ନୀଳଗିରିର ବରହମପୁର ଥାନା ଅଞ୍ଚଳରେ ଏଭଳି ଅମାନବୀୟ ଘଟଣା ଘଟିଯାଇଛି। ଗାଁ ପାଖରେ ଥିବା ଏକ ହାଇସ୍କୁଲରେ ପୂର୍ବରୁ ଛାତ୍ରୀ ଜଣକ ପଢୁଥିଲେ। ସ୍କୁଲରୁ ଫେରିବା ବାଟରେ ଅଭିଯୁକ୍ତ ପଡ଼ୋଶୀ ଜଣକ ଛାତ୍ରୀଙ୍କୁ ଚକୋଲେଟ ଦେବା ବାହାନାରେ ଘରକୁ ଡାକି ଦୁଷ୍କର୍ମ କରିଥିବା ସୂଚନା ମିଳିଛି। ଲୋକଲଜ୍ଜାରୁ ଛାତ୍ରୀଜଣକ ଘରେ କାହାରିକୁ କହି ନଥିଲେ। କିନ୍ତୁ ସେ ଅନ୍ତଃସତ୍ତ୍ୱା ହେବା ଜଣାପଡ଼ିବା ପରେ କଥା ପ୍ରଘଟ ହୋଇଥିଲା। ସେପଟେ ଛାତ୍ରୀଙ୍କ ବାପା ଜଣେ ରୋଗୀ ହୋଇଥିବାବେଳେ ମା' ଦିନ ମଜୁରିଆ। ଅପରପକ୍ଷରେ ଦୁଷ୍କର୍ମକାରୀ ଜଣକ ପୀଡ଼ିତା ପରିବାର ଲୋକଙ୍କୁ ଭୟଭୀତ କରୁଥିବା ଯୋଗୁଁ ସେମାନେ ପାଟି ଫିଟାଉ ନ ଥିଲେ ପୀଡିତା ଓ ତାଙ୍କ ପରିବାର ଲୋକେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ବରହମପୁର ଥାନା ନଜରକୁ ଆସିବା ପରେ ବରହମପୁର ପୁଲିସ ୪ ମାସର ଗର୍ଭବତୀ ହୋଇଥିବା ଝିଅ ଓ ତାଙ୍କ ମା'ଙ୍କୁ ଉଦ୍ଧାର କରି ବରହମପୁର ଥାନାକୁ ଆଣିବାପରେ ବୟାନ ରେକର୍ଡ ଓ ଅଭିଯୋଗ ଆଧାରରେ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି ବରହମପୁର ପୁଲିସ।

# କଚୁଆଡ଼ି ଗାଁକୁ ନାହିଁ ସ୍ଥାୟୀ ରାସ୍ତା

**ବର୍ଷା ଦିନେ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ**

ବାଲେଶ୍ୱର(ଉତ୍ତର),୧୪।୯(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର କଚୁଆଡ଼ି ଗ୍ରାମ ପଞ୍ଚାୟତ କଚୁଆଡ଼ି ଗାଁକୁ ପକ୍କା ରାସ୍ତା ନାହିଁ। ଏହି ଗାଁର ଶଙ୍କର ପ୍ରଧାନ ଘରଠାରୁ ପ୍ରତାପ ଦତ୍ତ ପର୍ଯ୍ୟନ୍ତ ଥିବା ୫୦୦ମିଟର ରାସ୍ତା ସହିତ ଗାଁ ଭିତରେ ଅନେକ କଚ୍ଚା ରାସ୍ତା ବର୍ଷା ଦିନରେ କାଦୁଅ ପଚ ପଚ ହୋଇଯାଉଛି। ଫଳରେ ଲୋକେ ଯାତାୟାତ କରିବାରେ ଦୁର୍ଦ୍ଦଶା ଭୋଗୁଛନ୍ତି। ଦେଶ ସ୍ୱାଧୀନତା ପାଇବାର ୭୮ ବର୍ଷ ବିତିଗଲାଣି। ନିର୍ବାଚନ ସମୟରେ ଗ୍ରାମବାସୀଙ୍କ ଦାବି ମୁତାବକ ନେତା ମାନେ ପ୍ରତିଶ୍ରୁତି ଦିଅନ୍ତି, ମାତ୍ର ନିର୍ବାଚନ ଶେଷ ହେଲେ ସବୁ ଭୁଲି ଯାଇଥାନ୍ତି। ଦୀର୍ଘଦିନ ଧରି ଏହି ରାସ୍ତାକୁ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ସ୍ଥାନୀୟ ୱାର୍ଡ ମେମ୍ବରଠୁ ଆରମ୍ଭ କରି ସରପଞ୍ଚ, ତଥା ତହସିଲଦାର, ବିଡ଼ିଓଙ୍କ ଠାରେ ଦାବି ଜଣାଇ ଆସୁଥିଲେ ମଧ କାମ ଶୂନ୍ୟ। ସବୁ ଜାଣି ଶୁଣି କୁମ୍ଭ କର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ପ୍ରଶାସନ ଓ ଜନପ୍ରତିନିଧି ମାନେ। ଅନ୍ୟପକ୍ଷରେ ଏହି ରାସ୍ତାକୁ ସରକାର ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରୁ ନ ଥିବାରୁ ବେଶ କିଛି ଅସାଧୁ ଲୋକ ମାନେ ସର୍ବସାଧାରଣ ରାସ୍ତାକୁ ନିଜ କବ୍ଜାକୁ ନେବାରେ ପଛାଇ ନାହାନ୍ତି। ଏହି ରାସ୍ତାର ଏକ ପ୍ଲଟ ନମ୍ବର (୮୬୮) ଦୁଇ ଡେସିମିଲ ପରିମିତ ସର୍ବସାଧାରଣ କିସମ ଜାଗା ରୁ ଏବେ ମାତ୍ର ଏକ ଡେସିମିଲ ରୁ କମ ଅଛି। ଏହି ପରି ଅନେକ ସ୍ଥାନରେ ରାସ୍ତା ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି। ମଝିରେ ମଝିରେ ସେହି ପ୍ଲଟକୁ ଲାଗିଥିବା ପ୍ଲଟର ହିତାଧିକାରୀ ମାନେ ସେହି ରାସ୍ତାରେ ବାଲି ଗୋଡ଼ି, ଇଟା ଜମାଇ ରଖିବା ସହିତ ଅନେକ ଅମାନବୀୟ କାର୍ଯ୍ୟକରି ସାଧାରଣ ଲୋକଙ୍କ ଯାତାୟାତ ରେ ବାଧା ସୃଷ୍ଟି କରୁଛନ୍ତି। ଅଧିକ ବର୍ଷା କିମ୍ବା ବନ୍ୟା ପାଣି ଆସିଲେ ଉକ୍ତ ରାସ୍ତାଟି ର ଅବସ୍ଥା ଅତି ଶୋଚନୀୟ ଅବସ୍ଥା ହୋଇଯାଏ। ତେଣୁ ନିଜ ପକେଟରୁ ଗରିବ ଖଟିଖିଆ ଲୋକ ମାନେ ଖର୍ଚ୍ଚ କରି ରାସ୍ତାଟିକୁ ମଝିରେ ମଝିରେ ମରାମତି କରନ୍ତି ଏବଂ ଯାତାୟତ ଉପଯୋଗି କରନ୍ତି। ପୁଣି ବର୍ଷା ହେଲେ ବନ୍ୟା ପାଣି ଜମିରେ ଧୋଇ ହୋଇ ଯାଏ। ତେଣୁ ଗ୍ରାମବାସୀ ମାନେ ଜନ ପ୍ରତିନିଧି, ସରକାର ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କ ଠାରେ ଉକ୍ତ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏହାର ସ୍ଥାୟୀ ସମାଧାନ କରାଯିବା ଦିଗରେ ପ୍ରୟାସ କରିବାକୁ ବିନମ୍ର ଅନୁରୋଧ କରିଛନ୍ତି।

# ଦେବ ଭାଷା ବିକାଶ ପରିଷଦର ପ୍ରତିଷ୍ଠା ଦିବସ



ଭୋଗରାଇ,୧୪।୯ (ସମିସ) : ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ସମ୍ମେଳନ କକ୍ଷ ରେ ଆଜି ଦେବଭାଷା ବିକାଶ ପରିଷଦ ପକ୍ଷରୁ ୮ମ ବାର୍ଷିକ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଭାରତଜ୍ୟୋତି ପୁରସ୍କାର ପ୍ରାପ୍ତ ଡାକ୍ତର ଶ୍ରୀଶ କୁମାର ଦାଶଙ୍କ ପୌରହିତ୍ୟରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ। ସଭା ପ୍ରାରମ୍ଭରେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବୈଦିକ ମଙ୍ଗଳା ଚରଣ ପାଠ କରିଥିଲେ। ପରେ ଦେବ ଭାଷା ବିକାଶ ପରିଷଦର ମହାସଚିବ ତଥା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ପରିଷଦର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ମିଶ୍ର , ମୁଖ୍ୟ ବ୍ୟକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପୁରୀର ଅବସରପ୍ରାପ୍ତ ପ୍ରଫେସର କମଳେଶ ମିଶ୍ର ଯୋଗ ଦେଇ ସଂସ୍କୃତ ଭାଷା ଏବଂ ଏହାର ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପଣ୍ଡିତ ଷଷ୍ଠୀ ଚରଣ ନନ୍ଦଙ୍କୁ ପଣ୍ଡିତ ପଦ୍ମନାଭ ସ୍ମୃତି ସମ୍ମାନ ଓ ଅଧ୍ୟାପକ ନିରଞ୍ଜନ ବେହେରାଙ୍କୁ ପଣ୍ଡିତ ଅନିଲ କୁମାର ଦାଶ ସ୍ମୃତି ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ସେହିପରି ଚଳିତ ମାଟ୍ରିକ, ଯୁକ୍ତ ୨ ଓ ଯୁକ୍ତ ୩ ରେ ସଂସ୍କୃତରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତ୍ୟେକ ଛାତ୍ରୀ ଛାତ୍ରମାନଙ୍କୁ ୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ସହ ବିଭିନ୍ନ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ବୌଦ୍ଧିକ ସମାରୋହକୁ ଶିକ୍ଷକ ସମନ୍ୱୟ ସମିତିର ମହା ସଚିବ ନଟରଞ୍ଜନ ଘରାଇ, ଅଧ୍ୟାପକ ବ୍ରଜବିହାରୀ ପତି ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦେବାଶିଷ ପଣ୍ଡା, ଓଷ୍ଟାର ସମ୍ପାଦକ ଶାଶ୍ୱତ ଜେନା, ପ୍ରବୀଣ ଶିକ୍ଷକ ବିଜୟ ସିଂ, ସୁଶାନ୍ତ କୁମାର ମିଶ୍ର, ଚନ୍ଦନ କୁମାର ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗୃହରେ ଥିବା ସାମ୍ବାଦିକ ପ୍ରଦୀପ ଦାସ, ବିକାଶ ପାଣିଗ୍ରାହୀ, ଅନନ୍ତ ପ୍ରଧାନ, ବିଶ୍ୱଜିତ ମହାନ୍ତି ଓ ଦିଲ୍ଲୀପ ଦାସଙ୍କୁ ଉତ୍ତରୀୟ ଓ ଫୁଲ ଗଛ ଦେଇ ସମ୍ମାନିତ କରାଯାଇଥିଲା । ସଂସ୍କୃତ ଶିକ୍ଷକ ଦେବଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ବିଧାୟିକାଙ୍କୁ ଦାବିପତ୍ର



ଲଙ୍ଗଳେଶ୍ୱର,୧୪।୯ (ସମିସ): ବସ୍ତା ବିଧାୟିକାଙ୍କ ଲଙ୍ଗଳେଶ୍ୱର ସ୍ଥିତ ବାସଭବନ ଠାରେ ବସ୍ତା ଓ ବାଲିଆପାଳ ବ୍ଲକର ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ପ୍ରତିନିଧି ମଣ୍ଡଳୀ ବିଧାୟିକା ସୁବାସିନୀ ଜେନାଙ୍କୁ ଭେଟି ସେମାନଙ୍କ ସମସ୍ୟା ବାବଦରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ସମାଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ବିଧାୟିକା ଜେନା ପ୍ରତିଶୃତି ଦେଇଥିଲେ। ୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ଓଡ଼ିଶାର ସରକାରୀ ହାଇସ୍କୁଲ ରେ ନିଯୁକ୍ତ ଠିକା ଶିକ୍ଷକଙ୍କ ୬ବର୍ଷ ର ଠିକା ଚାକିରିରୁ ମୂଳ ଚାକିରି ରେ ଗଣନା ତଥା ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଧାୟିକା ଜେନା ଆଗାମୀ ବିଧାନସଭାର ମୌସୁମୀ ଅଧିବେଶନରେ ଦାବୀ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।ବାଲେଶ୍ୱର ଜିଲ୍ଲା ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନ ଯୋଜନଭୁକ୍ତ ଶିକ୍ଷକ ସଂଘର ବାଲିଆପାଳ ଏବଂ ବସ୍ତା ଶାଖାର ବରିଷ୍ଠ ଓ ଅଗ୍ରଣୀ କର୍ମକର୍ତ୍ତା ପ୍ରସନ୍ନ କୁମାର ଦାସ, ଶାଶ୍ୱତ ମହାପାତ୍ର, ଦିଲ୍ଲିପ କୁମାର ବେହେରା, ବେଣୁଧର ନନ୍ଦୀ, ପ୍ରଫୁଲ୍ଲ କୁମାର ନାୟକ, ଶ୍ରୀକାନ୍ତ ମହାନ୍ତି, ସମରଞ୍ଜନ ଜେନା, ଅଭିମନ୍ୟୁ ବାଗ, ସରୋଜ ପରିଡ଼ା, ସଞ୍ଜୟ ଭୂୟାଁ, ଗୋଲକ ବିହାରି ପଟ୍ଟାୟତ, ପିତବାସ ଗିରି, ପ୍ରକାଶ ଦତ୍ତ, ଜୟନ୍ତୀ ପ୍ରଧାନ, ବୁଲୁ ଟୁଡୁ, ଧନେଶ୍ୱର ମାର୍ଣ୍ଡୀ , ନରହରି ସିଂ, ମନୋଜ କୁମାର ସାହୁ, ଚନ୍ଦନ କୁମାର ପଣ୍ଡା ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ବିଧାୟିକାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ନୀଳଗିରି ରଘୁନାଥଜୀଉ ମଠର ଟ୍ରଷ୍ଟବୋର୍ଡ ଗଠିତ

ନୀଳଗିରି, ୧୪।୯ (ସମିସ): ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରେ ଥିବା ରଘୁନାଥଜୀଉ ମଠର ପୂର୍ଣ୍ଣାଙ୍ଗ ଟ୍ରଷ୍ଟ ବୋର୍ଡ ଗଠନ ହୋଇଛି। ଏହି ପୂର୍ଣ୍ଣାଙ୍ଗ ଟ୍ରଷ୍ଟବୋର୍ଡରେ ନୀଳଗିରି ରାଜ ପରିବାର ସଦସ୍ୟ ତଥା ରାଜାଙ୍କ ସାନଭାଇ ଜଗଦୀଶ ଚନ୍ଦ୍ର ମର୍ଦ୍ଦରାଜ ଟ୍ରଷ୍ଟ ବୋର୍ଡରେ ସାମିଲ ହୋଇଥିବା ଜଣାପଡ଼ିଛି। ଦେବୋତ୍ତର କମିଶନର ତାଙ୍କ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୮୪୬୬୯ ଗତ ୯/୯/୨୫ ରିଖ ରେ ୩ ଜଣ ସରକାରୀ ଅଧିକାରୀ ତଥା ନୀଳଗିରି ଆଇଟିଡିଏ ପି.ଏ, ନୀଳଗିରି ତହସିଲଦାର, ଏନଏସି ନିର୍ବାହୀ ଅଧିକାରୀ ସଦସ୍ୟ ଭାବେ ମନୋନୀତ ହେବା ସହ ଅନୁରୂପ ଭାବେ ଘାଟଘରସାହି ଗ୍ରାମର ସୁରଞ୍ଜନ ମହାପାତ୍ର, ନୀଳଗିରି କମଳଲୋଚନ ମିଶ୍ର, କଦମସାହି ଗ୍ରାମର ରଜନୀ ମହାନ୍ତି, କାହାଳିଆ ଗ୍ରାମର ରାମଚନ୍ଦ୍ର ମହଲ, ଘାଟଘରସାହି ଗ୍ରାମର ଦାଶରଥି ରାଉତ ସମେତ ରାଜପରିବାର ସଦସ୍ୟ ଜଗଦୀଶ ମର୍ଦ୍ଦରାଜ ମଧ୍ୟ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଟ୍ରଷ୍ଟ ବୋର୍ଡ ୨ ବର୍ଷ ପାଇଁ କାର୍ଯ୍ୟକ୍ଷମ ହେବା ।

# ଏସ୍ଏସ୍ବି ଅଧ୍ୟାପକ ପରୀକ୍ଷା ଡିସେମ୍ବର ସୁଦ୍ଧା କରିବାକୁ ନିବେଦନ

ବାଲେଶ୍ୱର,୧୪।୯ (ସମିସ): ଅନେକ ଦିନରୁ ହେବାକୁ ଥିବା ଏସ୍.ଏସ୍.ବି ଅଧ୍ୟାପକ ପରୀକ୍ଷା ହୋଇପାରିନାହିଁ। ଯେଉଁଥିପାଇଁ ପଞ୍ଚାଅଶୀ ହଜାରରୁ ଅଧିକ ଆଶାୟୀ ପ୍ରାର୍ଥୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ଗବେଷକ ରୋହିତ୍ ଦାସ ସୋରେନ ଡିଗ୍ରୀ ମହାବିଦ୍ୟାଳୟ ଇତିହାସ ଅଧ୍ୟାପକ ବିକାଶ କୁମାର ଦଳେଇ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଚିଠି ଲେଖିଛନ୍ତି। ପୂର୍ବ ସରକାର ୨୦୨୪ ମସିହା ମାର୍ଚ୍ଚ ମାସରେ ଏସ୍.ଏସ୍.ବି ଅଧ୍ୟାପକ ଚୟନ କରିବା ପାଇଁ ବିଜ୍ଞପ୍ତି ବାହାର କରିଥିଲେ। ଯେଉଁଥିରେ କି ୨୨ ଟା ବିଷୟର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାହା ପାଇଁ ପଞ୍ଚାଅଶୀ ହଜାରରୁ ଅଧିକ ଆଶାୟୀ ପ୍ରାର୍ଥୀମାନେ ଫର୍ମ ଆବେଦନ କରିଥିଲେ। କିନ୍ତୁ ପିଲାମାନେ ଫର୍ମ ଆବେଦନର କିଛି ମାସ ପରେ କେତେ ପିଲା ଏସ୍.ଏସ୍.ବି ପରୀକ୍ଷାରେ ୟୁଜିସି ନେଟ୍ ବାଧ୍ୟତାମୂଳକ କରାଯାଉ ବୋଲି କେସ କରିଥିଲେ। ଯେତେବେଳେ କିଛି ପିଲା ହାଇକୋର୍ଟରେ କେସ କରିବା ଫଳରେ ନ୍ୟାୟାଳୟ ତାକୁ ରଦ୍ଦ କରି ଦେଇଛନ୍ତି। ଫଳରେ ଏସ୍.ଏସ୍.ବି ପରୀକ୍ଷା ଦୀର୍ଘ ୧୮ ମାସ ବିତିଗଲା ପରେ ମଧ କିଛି ଶୁଣାଣି ହୋଇପାରୁନାହିଁ। ଆଗାମୀ ଅକ୍ଟୋବର ୯ ତାରିଖରେ ଏସ୍.ଏସ୍.ବି ପରୀକ୍ଷାକୁ ନେଇ ଯେଉଁ ଶୁଣାଣୀ ହେବ ତାହାକୁ ଯଥାଶୀଘ୍ର ସମାପ୍ତି କରି ଡିସେମ୍ବର ମାସ ସୁଦ୍ଧା ଏସ୍.ଏସ୍.ବି ପରୀକ୍ଷା କରାଗଲେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ବହୁ ପିଲାମାନେ ଉପକୃତ ହେବେ ବୋଲି ବିକାଶ କହିଛନ୍ତି।

# ଡେଙ୍ଗୁ ଦମନ ଲାଗି ସଚେତନତା କାର୍ଯ୍ୟକ୍ରମ



ଜଳେଶ୍ୱର,୧୪।୯(ସମିସ): ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ଲଗାତାର ୬ଥର ବନ୍ୟା ଓ ବର୍ଷା ଯୋଗୁଁ ଜଳେଶ୍ୱର ବ୍ଲକର କେତେକ ପଞ୍ଚାୟତ ରେ ଜଳବାହିତ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ସଚେତନତା ଅଭାବରୁ ଖୁଦିଆ ମାଝୀ ସାହି ପଂଚାୟତ ଅନ୍ତର୍ଗତ ବେହେରା ସାହି ଗାଁରେ କିଛିଦିନ ଧରି ଡେଙ୍ଗୁର ଭୟାବହତା ପରିଲକ୍ଷିତ ହୋଇଛି। ଜଣ ଜଣ କରି ୨୦ ରୁ ଅଧିକ ଲୋକଙ୍କୁ ଏହି ମାରାତ୍ମକ ରୋଗ ଆକ୍ରାନ୍ତ କରି ସାରିଲାଣି। ଡାକ୍ତର ସ୍ୱାସ୍ଥ୍ୟ କର୍ମୀଙ୍କୁ ଛାଡ଼ି କେହି ପିଣ୍ଡା ମାଡୁ ନଥିବା ବେଳେ ଜଳେଶ୍ୱର ଅଗ୍ରଣୀ ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ ମୋ ପରିବାର, ବେହେରା ସାହି ଗାଁରେ ପହଂଚି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଘରେ ଘରେ ସଚେତନତା ପୋଷ୍ଟର ଲଗାଇବା ସହିତ, ନାଳ ନର୍ଦ୍ଦମା ରେ ବ୍ଲିଚିଙ୍ଗ ପାଉଡର ପକାଇବା, ଘର ଆଗରେ ଜୀବାଣୁ ନାଶକ ସିଞ୍ଚନ କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ। ମଶାରୀ ଟାଙ୍ଗୀ ଶୋଇବା, ସଫା ସୁତୁରା ରହିବା ଓ ଗୃହ ଚାରି ପଟେ ପରିଷ୍କାର ପରିଛନ୍ନ ରଖିବା ସମ୍ପର୍କରେ ବୁଝାଇ ଥିଲେ। ସଂଗଠନର ପ୍ରତିଷ୍ଠାତା ଜଗନ୍ନାଥ ପରିଡାଙ୍କ ନେତୃତ୍ୱରେ ବିପ୍ଲବ କୁମାର ପ୍ରଧାନ, ହରେକୃଷ୍ଣ ଜେନା, ଏମ ଡ଼ି ରାଜୁ, ରାଜୀବ ବେହେରା, ସଂଜୀବ ପ୍ରଧାନ, ଉତ୍ତମ ପାଇକ୍ ରାୟ, ବସନ୍ତ ମହାନ୍ତି, ଅଜୟ ଘୋଷ, ରତିକାନ୍ତ ଘୋଷ, ରଂଜିତ ବେହେରା, ସପନ ବେହେରା ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କୁଲଡିହା ଅଭୟାରଣ୍ୟରେ କମ୍ବିଂ ଅପରେସନ



ନୀଳଗିରି, ୧୪।୯ (ସମିସ): କୁଲଡିହା ଅଭୟାରଣ୍ୟ ଆରମ୍ଭ ହୋଇଛି ଜୋରଦାର କମ୍ବିଂ ଅପରେସନ। ଏହାର ନେତୃତ୍ୱ ନେଇଛନ୍ତି ବାଲେଶ୍ୱରର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକ। ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ବନ କର୍ମଚାରୀ ମାସକୁ ଘଞ୍ଚଜଙ୍ଗଲରେ ୧୦୦ କିଲୋମିଟର ଚାଲି ପାଟ୍ରୋଲିଂ କରିବେ। ସବୁଜବାହିନୀ, ଗାର୍ଡ ୧୦୦ କିଲୋମିଟର ଚାଲିବା ସହ, ଫରେଷ୍ଟର ୭୫ କିଲୋମିଟର, ରେଞ୍ଜର ୫୦ କିଲୋମିଟର, ଏସିଏଫ ୨୫କିଲୋମିଟର, ନିଜେ ଡିଏଫଓ ୧୫ କିଲୋମିଟର ଜଙ୍ଗଲରେ ଚାଲି ଜୀବଜନ୍ତୁ ଗତିବିଧି ଉପରେ ଲକ୍ଷ୍ୟ କରିବା ସହ ଶିକାରୀଙ୍କୁ ରୋକଦେବେ। ରବିବାର କୁଲଡିହା ଅଭୟାରଣ୍ୟ ଚାରିପଟୁ ୪ଟି ଟିମ ବନ୍ଧୁକ ଧରି କମ୍ବିଂ ଅପରେସନ ଆରମ୍ଭ କରି କୁଲଡିହାର ଅଗ୍ରଭାଗ ମଣ୍ଡଳେଶ୍ୱରୀଠାରେ ପହଞ୍ଚିଥିଲେ। ପରେ ସେଠାରେ ପୂଜାର୍ଚ୍ଚନା କରିବା ପରେ ପୁଣି ତଳକୁ ଓହ୍ଲାଇଥିଲେ ବନ କର୍ମଚାରୀ। ହଠାତ ଏହି ଅପରେସନ ଆରମ୍ଭ ହୋଇଥିବା ବେଳେ ଶିକାରୀ ମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି। ପାଟ୍ରୋଲିଂରେ ଡିଏଫଓ ଶ୍ରୀ ମଲ୍ଲିକ, ଏସିଏଫ ଶୋଭନ ଦିଗନ୍ତ ଚାନ୍ଦ ଓ କୁଲଡିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ ସୁବ୍ରତ କୁମାର ବେହେରା ପ୍ରମୁଖ ରହିଛନ୍ତି।

# ନୀଳଗିରି ଉପଖଣ୍ଡ ହସ୍ପିଟାଲରେ କର୍ମଚାରୀ ମରୁଡ଼ି

ନୀଳଗିରି, ୧୪।୯ (ସମିସ)



ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ହସ୍ପିଟାଲ ଭାଗ୍ୟ ଏବେ ଆଶା କର୍ମୀଙ୍କ ହାତରେ। ରୋଗୀଙ୍କ କାମ ଆଟେଣ୍ଡାଣ୍ଟ ବଦଳରେ କରୁଛନ୍ତି ଆଶା କର୍ମୀ। କେତେବେଳେ ବି କିଛି ଭୁଲ ରୋଗୀଙ୍କ ଜୀବନ ନେଇ ପାରେ। ସେପଟେ ଶତାଧିକ ରୋଗୀଙ୍କ ସେବା ପାଇଁ ଜଣେ ନର୍ସ ନିୟୋଜିତ ହୋଇଥିବା ଦେଖାଯାଇଥିବା ବେଳେ ନୀଳଗିରିବାସୀ ଖାଲି ପ୍ରତାରଣାର ଶିକାର ପାଲଟିଛି।

ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତ, ଔପଦା ବ୍ଲକର ୫ଟି ପଞ୍ଚାୟତ, ରେମୁଣା ଓ ବାହାନାଗା ବ୍ଲକର ୨ ଲେଖାଏଁ ପଞ୍ଚାୟତ ସମେତ ନୀଳଗିରି ଏନଏସିର ରୋଗୀମାନେ ନୀଳଗିରି ଉପଖଣ୍ଡ ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ହେଲେ ରୋଗୀ ମାନଙ୍କ ଶଯ୍ୟାଠାରୁ ଦ୍ୱିଗୁଣିତ ରୋଗୀ ତଳେ ପଡିମଧ ଚିକିତ୍ସିତ ହେଉଥିବା ଦେଖାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ବିଭିନ୍ନ ଡାକ୍ତର ଓ ନର୍ସ ପଦବୀ ଖାଲି ପଡିବା। ଏପରିକି ଆଟେଣ୍ଡାଣ୍ଟ ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ଖାଲିପଡିଛି। ହେଲ୍ପଡେସ୍କର କିଛି କର୍ମଚାରୀ ପଦବୀ ଉଚ୍ଛେଦ କରାଯାଇ ତାଙ୍କୁ ଟିକେଟ କାଉଣ୍ଟରରେ ନିୟୋଜିତ ହୋଇଛନ୍ତି। ଆଉ କିଛି ଗୋଗୀଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ କିଛି ଡାକ୍ତରଙ୍କ ସେବା କାର୍ଯ୍ୟରେ ନୋୟୋଜିତ ହୋଇଛନ୍ତି। ସେହିପରି ଡେ ଡିଉଟି ଓ ନାଇଟ ଡିଉଟି ସମୟରେ ଅପରାହ୍ନ ଠାରୁ ଆରମ୍ଭ କରି ମଧ୍ୟରାତ୍ରୀ ଓ ସକାଳ ପର୍ଯ୍ୟନ୍ତ ରୋଗୀଙ୍କୁ ଭଗବାନ ଭରସା ବୋଲି ଜଣାପଡିଛି। ଶତାଧିକ ରୋଗୀଙ୍କୁ ପୁରୁଷ ଓ ମହିଳା ବିଭାଗ ପାଇଁ ଜଣେ ମାତ୍ର ନର୍ସ ନିୟୋଜିତ ହୋଇଛନ୍ତି। ଏକସାଙ୍ଗରେ ଅନେକ ଗୁରୁତର ରୋଗୀ ଆସିଗଲେ କେଉଁ ରୋଗୀଙ୍କୁ ଚିକିତ୍ସା କାର୍ଯ୍ୟ ପ୍ରଥମେ ଯୋଗାଇ ଦିଆଯିବ ଏ ନେଇ ତୁମ୍ବିତୋଫାନ ଉଠିଥାଏ। ଖାଲି ସେତିକ ନୁହଁ ଗତ ଶନିବାର ରାତ୍ରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। କାର୍ଯ୍ୟରତ ଆଟେଣ୍ଡାଣ୍ଟ ଆସିନଥିବା ବେଳେ ନର୍ସ ଜଣକ ଖାଲି ଦୌଡ଼ି ବୁଲି ସେବାକାର୍ଯ୍ୟ ଯୋଗାଇ ଦେଉଥିବା ଦେଖିବାକୁ ମିଳିଥିଲା। ପରେ ତାଙ୍କ ସହିତ ଜଣେ ଆଶା ଦିଦିଙ୍କୁ ସହଯୋଗ ପାଇଁ ଦିଆଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନଭିଜ୍ଞ ଆଶା ଜଣକ କଣ କରିବେ ଠିଆ ହୋଇ ଖାଲି ଦେଖିବା ଛଡା କିଛି ନଥିଲା। ପୂର୍ବରୁ ଅନେକ ସଂଗଠନ ଓ ବରିଷ୍ଠ ମାନେ ହସ୍ପିଟାଲ ଅବ୍ୟବସ୍ଥା ସୁଧାରିବା ପାଇଁ ଆନ୍ଦୋଳନ କରି ଆସୁଥିବା ବେଳେ ସେହିମାନେ ଏବେ ଡାକ୍ତର ଓ ଏସଡ଼ିଏମଙ୍କ ସହ ଉତ୍ତମ ସମ୍ପର୍କ ରଖିବା ଘଟଣା ନେଇ ଅଞ୍ଚଳବାସୀ ସବୁ ବୁଝି ସାରିଲେଣି। ଡାକ୍ତର ଓ ନର୍ସ ପଦବୀ ପୂରଣ ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ଡବଲ ଇଂଜିନ କୁହାଯାଉଥିବା ସାଂସଦ ଓ ବିଧାୟକ ହସ୍ପିଟାଲର ଅବ୍ୟବସ୍ଥାର ସୁଧାର କରିନପାରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି।

# ଆମିଷ ବର୍ଜ୍ୟବସ୍ତୁରେ ବୈତରଣୀ ପାଣି ଅପବିତ୍ର

ଆନନ୍ଦପୁର, ୧୪।୯ (ସମିସ)



ମାଛ ଓ ମାଂସ ଦୋକାନର ବର୍ଜ୍ୟବସ୍ତୁକୁ ପ୍ରତିଦିନ ବୈତରଣୀ ନଦୀରେ ପକାଯାଉଥିବାରୁ ନଦୀଜଳ ପ୍ରଦୂଷିତ ହେବା ସହିତ ଜଳ ଅପବିତ୍ର ହେଉଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ପୌରପାଳିକା ପରିମଳ ବିଭାଗ ପକ୍ଷରୁ ଏଥିପ୍ରତି ନିଘା ନଥିବା ଚିନ୍ତାର କାରଣ ହୋଇଛି। ଗଙ୍ଗା ପରି ପବିତ୍ର ବୈତରଣୀ ନଦୀର ଜଳକୁ ମୁଣ୍ଡ ଓ ତୁଣ୍ଡରେ ମାରି ଶ୍ରଦ୍ଧାଳୁମାନେ ମୋକ୍ଷ ହେଉଥିବା ବେଳେ ବୈତରଣୀ ନଦୀର ଜଳକୁ ପ୍ରଦୂଷିତ କରୁଥିବା ଦୋକାନୀ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଆନନ୍ଦପୁର ପୌରାଞ୍ଚଳରେ ମାଛ ମାଂସ ବିକ୍ରି କରିବାକୁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ପାଇଁ ବିଭିନ୍ନ ଅଞ୍ଚଳରେ ସ୍ଥାନ ନିରୂପଣ ହୋଇଥିଲେ ମଧ୍ୟ ଏଯାଏଁ କାର୍ଯ୍ୟକାରୀ ହୋଇପାରୁ ନଥିବା ଓ ବର୍ଜ୍ୟବସ୍ତୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି।

**କାହାରି ନିଘା ନାହିଁ; ପୌର ପ୍ରଶାସନ ଲାଗୁ କରୁନି କଟକଣା**

ଆନନ୍ଦପୁର ପୌରାଞ୍ଚଳରେ ଆମିଷ ବିକ୍ରିୟ ପାଇଁ ଆନନ୍ଦପୁର ବଡ଼ବଜାର ଫକୀରପୁର, ଶାଳପଡା ଓ ଶୌଳଙ୍ଗ ଅଞ୍ଚଳରେ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଥିଲା ହେଲେ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନାହିଁ। ପୌରାଞ୍ଚଳରେ ଆମିଷ ବିକ୍ରି ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନର ବ୍ୟବସ୍ଥା ନଥିବାରୁ ବ୍ୟବସାୟୀମାନେ ନିଜ ଇଚ୍ଛା ମୁତାବକ ରାସ୍ତାକଡ଼ରେ ଦୋକାନ ଖୋଲି ମାଛ ମାଂସ ବିକ୍ରି କରୁଛନ୍ତି। ରାସ୍ତାକଡରେ ଖୋଲାଖୋଲି ଭାବେ ଛେଳି, କୁକୁଡ଼ା ମାଛ ମାଂସ କଟାଳି ଦୋକାନ ଖୋଲି ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ରାସ୍ତା ପାର୍ଶ୍ୱରେ ପକାଉଛନ୍ତି। ପରିବେଶ ପ୍ରଦୂଷଣ ଗୁରୁତର ଭାବେ ବୃଦ୍ଧି ପାଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ଫଳରେ ପୂତିଗନ୍ଧମୟ ପରିବେଶ ଦ୍ୱାରା ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେଉଛି। ସାଧାରଣ ଲୋକଙ୍କ ଯାତାୟାତ କରିବା ସମ୍ଭବ ହେଉନାହିଁ। ପୌର ପରିଷଦ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।

## ସ୍ୱଧର୍ମକୁ ଫେରିଲେ ୫ ପରିବାର



ରାମଚନ୍ଦ୍ରପୁର, ୧୪।୯(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗୌଁପୁର ଆଦିବାସୀ ବସ୍ତିର ୫ ପରିବାର ସ୍ୱଧର୍ମକୁ ଫେରିଛନ୍ତି। ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ରଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଂସ୍କୃତି ପ୍ରମୁଖ ଶରତଚନ୍ଦ୍ର ସ୍ୱାଇଁ, ରାଷ୍ଟ୍ରୀୟ ଧର୍ମ ଜାଗରଣ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ଦାସଙ୍କ ସମେତ ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଅନ୍ୟଧର୍ମ ଗ୍ରହଣ କରିଥିବା ପରିବାର ଲୋକଙ୍କ ସହ ବିଭିନ୍ନ ଆଳାପ ଆଲୋଚନା କରିବା ପରେ ୫ ପରିବାର ସଦସ୍ୟ ପୁନର୍ବାର ନିଜର ସ୍ୱଧର୍ମକୁ ଫେରିଛନ୍ତି। ସ୍ୱଧର୍ମକୁ ଫେରିଥିବା ସଦସ୍ୟଙ୍କୁ ମିଷ୍ଟାନ୍ନ ଖୁଆଇ ସ୍ୱାଗତ କରାଯାଇ ହିନ୍ଦୁ ରୀତିନୀତି ପରମ୍ପରା ଅନୁସାରେ କାର୍ଯ୍ୟ କରିବେ ବୋଲି ସାମୂହିକ ଶପଥ ପାଠ କରାଯାଇଥିଲା। ଆର୍‌ଏସ୍‌ଏସ୍‌ର ଧର୍ମ ଜାଗରଣ ସଦସ୍ୟ ବିକାଶ ଚକ୍ର, ଅଞ୍ଜନ ବେହେରା, ରବିନ୍ଦ୍ର ପଟ୍ଟନାୟକ, ହାପି ପାତ୍ର, ପ୍ରଶାନ୍ତ ବିଶାଳ ସମେତ ଅନେକ ସଂଘ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ଛେଳି ଚୋରି ଅଭିଯୁକ୍ତ ଗିରଫ

ତୁରୁମୁଙ୍ଗା, ୧୪।୯(ସମିସ): ତୁରୁମୁଙ୍ଗା ଥାନା ନିଜୁଆଁ ଗ୍ରାମର ହୃଷୀକେଶ ସିଂଙ୍କ ଘରେ ମାଂସ କଟାଳି ଏମ୍‌ଡି ଆଲାମ ରଖିଥିବା ୮ଟି ଛେଳି ଖାସି ଶୁକ୍ରବାର ରାତିରେ ଚୋରି ଘଟଣାରେ ତୁରୁମୁଙ୍ଗା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛି କରଞ୍ଜିଆ ଥାନା ମହାଦେବ ଦେଉଳି ଗ୍ରାମର ସାବିର ଖାନ୍ (୪୮)। ତୁରୁମୁଙ୍ଗା ବଜାରରେ ଏମ୍‌ଡି ଆଲାମଙ୍କ ମାଂସ ଦୋକାନ ରହିଛି। ସେ ଖାସିଗୁଡ଼ିକୁ ନିଜୁଆଁ ଗ୍ରାମର ହୃଷୀକେଶ ସିଂଙ୍କ ଘରେ ରଖିଥିବା ବେଳେ ଶୁକ୍ରବାର ରାତି ଦୁର୍ବୃତ୍ତମାନେ ଘର ବାହାର ପଟରୁ କବାଟ ବନ୍ଦ କରି ଗୁହାଳ ଘରୁ ୮ ଛେଳିଙ୍କ ପାଟିରେ ବ୍ଲାକ୍ ଟେପ୍ ମାରି ଚୋରି କରିନେଇଥିଲେ। ଏମ୍‌ଡି ଆଲାମ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ଯୁବକଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅନ୍ୟ ସହଯୋଗୀମାନେ ଫେରାର ଅଛନ୍ତି।

## ମିଳୁନି ୟୁରିଆ ସାର; ଚାଷୀ ହନ୍ତସନ୍ତ



ରାମଚନ୍ଦ୍ରପୁର,୧୪।୯(ସମିସ): ଧାନ ଚାଷ ପାଇଁ ସାର ପକାଇବା ଏବେ ପ୍ରକୃଷ୍ଟଙ୍କ ସମୟ ଆସିଥିବା ବେଳେ ଘଷିପୁରା ବ୍ଲକ ଗଡବାନ୍ଧଗୋଡା ଏବଂ ଦେଓଗାଁ ସେବା ସମବାୟ ସମିତିକୁ ୟୁରିଆ ସାର ଯୋଗାଣ ହୋଇ ନଥିବାରୁ ଚାଷୀ ଚଢ଼ା ଦରରେ ବଜାରରୁ କିଣି ଧାନ ବିଲରେ ପକାଇବାକୁ ବଧ୍ୟ ହେଉଛନ୍ତି। ସମିତି ଅଧୀନରେ ଥିବା ଚାଷୀ ସରକାରୀ ଦରରେ ସାର ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ସମିତିର ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ସାରର କୃତିମ ଅଭାବ ଦୂର କରିବା ନିମନ୍ତେ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଉକ୍ତ ସମିତି ଉପରେ ନିର୍ଭର କରୁଥିବା ଗଡବାନ୍ଧଗୋଡା ଏବଂ ଦେଓଗାଁ ସମିତିର ହଜାର ହଜାର ଚାଷୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଗଡବାନ୍ଧଗୋଡା ସମିତି ସମ୍ପାଦକ ଇଶ୍ୱରଚନ୍ଦ୍ର ସାହୁ ଏବଂ ଦେଓଗାଁ ସମ୍ପାଦକ ଆଶିଷ ମହାନ୍ତି କହିଛନ୍ତି ଯେ ସାର ପାଇଁ ସମିତି ପକ୍ଷରୁ ଦରଖାସ୍ତ ଦିଆଯାଇଛି। ସାର ଆସିବା ମାତ୍ରେ ଚାଷୀଙ୍କୁ ଯୋଗାଇ ଦିଆଯିବ।

## ବର୍ଷା ପାଇଁ ବେଙ୍ଗ ବେଙ୍ଗୁଲି ବାହାଘର

**ଷ୍ଟିଲପ୍ଲାଣ୍ଟକୁ ବିରୋଧ କରି ଦେବତୀଙ୍କ ପୀଠରେ ଶପଥ ନେଲେ ଗ୍ରାମବାସୀ**



ତୁରୁମୁଙ୍ଗା, ୧୪।୯(ସମିସ): ଭାଦ୍ରବ ମାସରେ ଟାଇଁ ଟାଇଁ ଖରା। ବର୍ଷା ନହେବାରୁ ଲୋକେ ବେଙ୍ଗ ବେଙ୍ଗୁଲି ବାହାଘର କରିଛନ୍ତି। ଏଥିସହ ଅଞ୍ଚଳରେ ହେବାକୁ ଥିବା ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟକୁ ବିରୋଧ କରି ଗ୍ରାମଦେବତୀଙ୍କ ପୀଠରେ ଶପଥ ପାଠ କରିଛନ୍ତି। ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତ ଗୋଡିପୋଖରୀ ଗ୍ରାମରେ ରବିବାର ଢିପଜମିରେ ପାଣିର ଅଭାବ ପାଇଁ ପୋଥି ମାଜଣା ବସାଇ ଗ୍ରାମର ଦେହୁରୀ ରବୀନ୍ଦ୍ର ନାଏକଙ୍କ ଦ୍ୱାରା ମା' ମହାବୀରାପାଟ ଦେବତୀ ପୀଠରେ ପୂଜାର୍ଚ୍ଚନା ସହ ବେଙ୍ଗବେଙ୍ଗୁଲିର ବାହାଘର କରାଯାଇଛି। ବିଶ୍ୱାସ ରହିଛି ବର୍ଷା ନହେଲେ ବେଙ୍ଗ ବେଙ୍ଗୁଲି ବାହାଘର କଲେ ଇନ୍ଦ୍ରଦେବ ପ୍ରସନ୍ନ ହୋଇ ଧରାପୃଷ୍ଠରେ ବର୍ଷା କରନ୍ତି। ପୋଥି ମଣ୍ଡପରେ ବ୍ରାହ୍ମଣ ଦେବେନ୍ଦ୍ର ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ସ୍ଥାପନକୁ ବିରୋଧ କରି ଶପଥ ନେଇଥିଲେ।

## ଆନନ୍ଦପୁର ଡାକ୍ତରଖାନା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

**ଛଟେଇ ପ୍ରତିବାଦରେ**



ଆନନ୍ଦପୁର, ୧୪।୯ (ସମିସ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ସଫେଇ କର୍ମଚାରୀଙ୍କୁ ଛଟେଇ କରିବାରୁ ପ୍ରତିବାଦରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଫଳରେ ପରିମଳ ସେବା ବାଧାପ୍ରାପ୍ତ ହୋଇଛି। ଠିକା ସଂସ୍ଥା ମାଧ୍ୟମରେ ଏଠାରେ ୨୬ ଜଣ ସଫେଇ କର୍ମଚାରୀ ୧୦ ବର୍ଷରୁ ଅଧିକ ସମୟ ହେବ କାମ କରିଆସୁଛନ୍ତି। ଠିକସଂସ୍ଥାର ଗତ ଅଗଷ୍ଟ ମାସରେ ଟେଣ୍ଡର ଅବଧି ସରିଥିବାବେଳେ ବିଭାଗ ତରଫରୁ ନୂଆ ଟେଣ୍ଡର ଡକାଯାଇ ନୂଆ ଏକ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ନୂଆ କରି କାମ ପାଇଥିବା ଠିକସଂସ୍ଥା ଏବେ ଏହି କର୍ମଚାରୀଙ୍କୁ ସେମାନଙ୍କ ୭ମ ପାସ୍ ଶିକ୍ଷାଗତ ଯୋଗ୍ୟତା ମାର୍କସିଟ୍ ଓ ପ୍ରମାଣପତ୍ର ମାଗୁଥିବାରୁ ପ୍ରମାଣପତ୍ର ନଦେଇପାରିବାରୁ ୮ ଜଣ କର୍ମଚାରୀଙ୍କୁ ଛଟେଇ କରିଦେଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଛଟେଇ କର୍ମଚାରୀଙ୍କୁ ସମର୍ଥନ ଜଣାଇ ରବିବାର ସମସ୍ତ ସଫେଇ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇବାରୁ ମେଡିକାଲ ପରିସରରେ ପରିମଳ ବ୍ୟବସ୍ଥାରେ ଦେଖାଦେଇଛି ଅଚଳାବସ୍ଥା। କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଛଟେଇ କର୍ମଚାରୀଙ୍କୁ ତୁରନ୍ତ ପୁନଃନିଯୁକ୍ତି ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ କିମ୍ବା ଠିକସଂସ୍ଥା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ ଜିଲ୍ଲା କର୍ମକର୍ତ୍ତାଙ୍କ ଶପଥ ପାଠ ସମାରୋହ



ତୁରୁମୁଙ୍ଗା, ୧୪।୯ (ସମିସ): କେନ୍ଦୁଝର ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ କର୍ମକର୍ତ୍ତା ପାଟଣା ମୁଖ୍ୟାଳୟରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଶପଥ ପାଠ ଗ୍ରହଣ କରିଛନ୍ତି। ଜିଲ୍ଲା ସଂଘର ପୂର୍ବତନ ସଭାପତି ଅତୁଲ କୁମାର ବଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କୈଳାଶଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ରାଜ୍ୟ ସଂଘ ଉପଦେଷ୍ଟା ବିଜୟ ନାୟକ, ସଂଗଠନର ପୂର୍ବତନ ଜିଲ୍ଲା ସମ୍ପାଦକ ମୁକୁନ୍ଦ ଚରଣ ସାହୁ , ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ସାମ୍ବାଦିକ ନୃସିଂହନାଥ ସିଂହ, ସମାଜସେବୀ ଅଜୟ ଦାଶ, ସଂଘର ବ୍ଲକ୍ ସଭାପତି ନନ୍ଦକିଶୋର ନାଏକ, ଶିକ୍ଷାବିତ ଭବାନୀଶଙ୍କର ମହାନ୍ତ, ଅବସରପ୍ରାପ୍ତ ଏବିଓ ବିଜୟ ଓଝା, ପୂର୍ବତନ ବ୍ଲକ୍ ସଂପାଦକ ବିଶ୍ୱନାଥ ମହାନ୍ତ, ପୂର୍ବତନ ଘଟଗାଁ ବ୍ଲକ୍ ସଂପାଦକ ଶିଶିର ରାଉତ ଯୋଗ ଦେଇଥିଲେ। ନବନିର୍ବାଚିତ ସଭାପତି ସନ୍ତୋଷ ଜେନା, ଉପସଭାପତି ତିଳତ୍ତମା ବେହେରା, ଗୋବର୍ଦ୍ଧନ ଜେନା, ସମ୍ପାଦକ କମଳାକାନ୍ତ ପତି, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ବିଶ୍ୱନାଥ ମାଝି, ବୁଦ୍ଧଦେବ ନାୟକ, ସଂଗଠନ ସମ୍ପାଦକ ସଚିଦାନନ୍ଦ ପ୍ରଧାନ, ଜିଲା ସଂଯୋଜକ ରବିନ୍ଦ୍ର ନାୟକ ଓ କୋଷାଧ୍ୟକ୍ଷ ଅଶୋକ ବରାଳ ଶପଥ ଗ୍ରହଣ କରିଥିଲେ। ଶିକ୍ଷାବିତ୍ ପାର୍ଥସାରଥି ବେଜ ଓ ଶିକ୍ଷକ ରାମେଶ୍ୱର ବାରିକ ସଂଯୋଜନା କରିଥିଲେ।

## କୈରାଳି କଲେଜରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ



ଚମ୍ପୁଆ, ୧୪।୯ (ସମିସ): ଚମ୍ପୁଆ କୈରାଳି +୩ ବିଜ୍ଞାନ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରାଜମୋହନ ପି.ଏସ.ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୁରଲୀଧରନ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ବି.ରାମାରାଜୁ, ପ୍ରଧାପକ ଗିରିଜା ଶଙ୍କର କର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକ ସେବାର ଭିନ୍ନ ଭିନ୍ନ ଉଦାହରଣ ଦେଇ ସମର୍ପିତ ସେବା, ବନ୍ଧୁତା ଓ ମାନବୀୟ ଆଚରଣ ମାଧ୍ୟମରେ ଦୁର୍ଘଟଣାରେ ଆହତ, ସାପକାମୁଡା ଓ ଦୈବି ଦୁର୍ବିପାକରେ ଆହତଙ୍କୁ ତୁରନ୍ତ ପ୍ରାଥମିକ ସହାୟତା ଯୋଗାଇ ଦେଇ ନିକଟସ୍ଥ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିପାରିଲେ ଅନେକ ମୂଲ୍ୟବାନ ଜୀବନ ରକ୍ଷା ପାଇପାରନ୍ତା ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏନେଇ ବିଭିନ୍ନ କୌଶଳ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଛି।

## କେନ୍ଦୁଝର ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ



କେନ୍ଦୁଝର/ଚମ୍ପୁଆ, ୧୪।୯(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ, ବଡବିଲ, ହାଟଡିହୀ, ତେଲକୋଇ ଓ ଘଟଗାଁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟଗୁଡିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୬୭୩୬ଟି ମାମଲା ସମାଧାନ କରାଯାଇ ୧୭,୫୯,୬୦,୯୨୬ ଟଙ୍କା ଆଦାୟ ହୋଇଥିଲା। ଜିଲ୍ଲା ଓ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭଗବାନ ପ୍ରଧାନ, ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲାଜଜ୍ ମମିତା ଦାସ, ଅଧ୍ୟକ୍ଷ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଇ. ବିଶ୍ୱେଶ୍ୱର ରାଓ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଅମ୍ବିକେଶ ପାଣିଗ୍ରାହୀ, ଜଙ୍ଗମ ଈଶ୍ୱର ନିଜ ନିଜ କୋର୍ଟଗୁଡିକରେ ମକଦ୍ଦମା ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ପ୍ରାଧିକରଣର ସଚିବ ତଥା ମହିଳା କୋର୍ଟ ବିଚାରପତି ନେହା ଦାସ କୋର୍ଟ ପରିଚାଳନା ଭାର ସମେତ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳିଥିଲେ। ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୫୫ଟି ମାମଲାର ସମାଧାନ ହୋଇ ୧୧,୦୯,୧୦୦ ଟଙ୍କା, ମଟରଯାନ ଦୁର୍ଘଟଣା ୬୧ଟି ମାମଲା ସମାଧାନ ହୋଇ ୧୫,୨୬,୧୭,୮୧୦ ଟଙ୍କା, ପ୍ରାକ୍ ଲୋକ ଉପଯୋଗୀ ସେବା ୨୩ଟି ସମାଧାନ ହୋଇ ୧,୧୩,୦୦୦ ଟଙ୍କା, ପ୍ରାକ ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୨୫ଟି ମାମଲାର ସମାଧାନ ହୋଇ ୨୮,୩୯୬ ଟଙ୍କା, ରାଜସ୍ୱ ମକଦ୍ଦମା ୬୨୪୧ଟି ମାମଲାର ସମାଧାନ ହୋଇ ୫,୧୦,୯୭୮ ଟଙ୍କା, ଦେୱାନୀ ମକଦ୍ଦମା ୫୯ଟି ମାମଲା ସମାଧାନ ହୋଇ ୪୦,୮,୦୪୯ ଟଙ୍କା, ଫୌଜଦାରୀ ମକଦ୍ଦମା ୨୫୮ଟି ମାମଲା ସମାଧାନ ହୋଇ ୧,୭୮,୩,୫୯୩ ଟଙ୍କା ଆଦାୟ ହୋଇଥିଲା। ପାରିବାରିକ ମାମଲା ୧୪ଟି ଫଇସଲା ହୋଇ ୨,୭୦,୦୦୦ ଟଙ୍କା ଆଦାୟ ହୋଇଥିଲା। କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାୟ, ନାଜିର ଦିଲ୍ଲୀପ ବେହେରା, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ସୁନିଲ କୁମାର ମହାନ୍ତ, କରୁଣାକର ବ୍ରହ୍ମ, ଅର୍ଚ୍ଚନା ଦାସ, ରମଣୀ ରଞ୍ଜନ ସେଠୀ, ପଦ୍ମଲୋଚନ ବାରିକ, ଦୀପକ ଦାସ, ହୁସେନ ଉଦ୍ଦିନ, ଶକ୍ତିପ୍ରସାଦ ଶତପଥି, ସନ୍ଦୀପ ବେହେରା, ରେଣୁଦେବୀ ସିଂ, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ମାନସ ରଞ୍ଜନ ନାଏକ, ଶିଶିର ସାହୁ ସହଯୋଗ କରିଥିଲେ। ଚମ୍ପୁଆ କୋର୍ଟ ପରିସରରେ ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ବିଚାରଧୀନ ଥିବା ୩ଟି ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ କେସ୍ ବାବଦକୁ ୪୨ ଲକ୍ଷ ୭୦ ହଜାର ଟଙ୍କା ପକ୍ଷଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ୩ଟି ଏନ୍‌ଆଇ ଧାରା ଅନୁଯାୟୀ କେସରୁ ୯ ଲକ୍ଷ ୩୯ ହଜାର ଟଙ୍କା, ୭ଟି ବ୍ୟାଙ୍କ୍ କେସରୁ ୧୩ ଲକ୍ଷ ୪୧ ହଜାର ୪ ଶହ ୩୯ ଟଙ୍କା ୧୯ ପଇସା ଏବଂ ୨ଟି ସିଏମ୍‌ସି କେସରୁ ୩୩ ହଜାର ଆଦାୟ କରାଯାଇଥିଲା। ସର୍ବମୋଟ ୧୧୭ଟି ମାମଲାରୁ ୧୭ ଗୋଟି ମାମଲାର ଫଏସଲା କରାଯାଇ ୬୫ ଲକ୍ଷ ୮୩ ହଜାର ୪ ଶହ ୩୯ ଟଙ୍କା ୧୯ ପଇସା ଆଦାୟ କରାଯାଇଥିଲା। କମିଟିର ସହକାରୀ ଅବଦୁଲ ସୁରଜ୍ ଖାନ୍ ପରିଚାଳନା କରିଥିଲେ।

## ୭୮ତମ ରାଜ୍ୟ ପୁଲିସ ପୁରୁଷ କବାଡ଼ି ଓ ଦଶମ ପୁଲିସ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଉଦ୍‌ଯାପିତ

କେନ୍ଦୁଝର, ୧୪।୯ (ସମିସ)




**କବାଡ଼ିରେ ରାଉରକେଲାକୁ ହରାଇ କଟକ ବିଜୟୀ**

**ହ୍ୟାଣ୍ଡବଲରେ କେନ୍ଦୁଝରକୁ ହରାଇ ଢେଙ୍କାନାଳ ବିଜୟୀ**

କେନ୍ଦୁଝରଠାରେ ୭୮ତମ ରାଜ୍ୟ ପୁଲିସ ପୁରୁଷ କବାଡି ଚାମ୍ପିଅନସିପ୍ ଓ ଦଶମ ପୁଲିସ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଯେ ଓଡ଼ିଶା ପୁଲିସର ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଗେମରେ ସମଗ୍ର ଭାରତର ପଦକ ତାଲିକାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। କବାଡି ଚାମ୍ପିଅନସିପ୍‌ରେ ରାଉରକେଲାର ପୁଲିସ ଚତୁର୍ଥ ବାଟାଲିୟନକୁ ହରାଇ କଟକ ପୁଲିସ ଷଷ୍ଠ ବାଟାଲିୟନ ବିଜୟୀ ହୋଇଥିବା ବେଳେ ଓ ହ୍ୟାଣ୍ଡବଲ ଚାମ୍ପିଅନସିପ୍‌ରେ ଢେଙ୍କାନାଳ ଜିଲ୍ଲା କେନ୍ଦୁଝର ଜିଲ୍ଲାକୁ ହରାଇ ବିଜୟୀ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଥିଲେ ଯେ ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ନିମନ୍ତେ ଆଗାମୀ ୫ ବର୍ଷରେ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୨୦୨୫-୨୬ରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକାଶ କରାଯିବ। ରାଜ୍ୟସଭା ସାଂସଦ ସୁଜିତ କୁମାର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୁଲିସ ଡିଜି. ଯୋଗେଶ ବାହାଦୁର ଖୁରାନିଆ, ଏସଟିଏ କମିଶନର ଅମିତାଭ ଠାକୁର, ଡିଆଇଜି ବ୍ରିଜେଶ ରାୟ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ବାଙ୍ଗୋରରୁ ବରପାଳ ନାଏକସାହିକୁ ଫୁଟ୍ ବ୍ରିଜ ନିର୍ମାଣ ଦାବି



**ସମସ୍ୟା ଅନୁଧ୍ୟାନ କଲେ ବିଧାୟକ**

ହାଟଡ଼ିହୀ,୧୪।୯ (ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ବାଙ୍ଗୋର ପଞ୍ଚାୟତ ଅଧୀନ ବରପାଳ ନାଏକସାହିଠାରୁ ବାଙ୍ଗୋର ପଞ୍ଚାୟତକୁ ସବୁଦିନିଆ ପୋଲଟିଏ ନଥିବାରୁ ଲୋକେ ହୁଲି ଡ଼ଙ୍ଗା ଉପରେ ନିର୍ଭର କରୁଛନ୍ତି। ବରପାଳ ଗ୍ରାମଟି ବାଙ୍ଗୋର ପଞ୍ଚାୟତରେ ଅନ୍ତର୍ଭୁକ୍ତ ଥିବାରୁ ଉକ୍ତ ବରପାଳ ଗ୍ରାମର ଗ୍ରାମବାସୀ ସାଳନ୍ଦୀ ନଦୀରେ ହୁଲି ଡ଼ଙ୍ଗା ଦ୍ୱାରା ପାରିହୋଇ ଆରପାରିରେ ଥିବା ବାଙ୍ଗୋର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଭତ୍ତା, ପିଡ଼ିଏସ୍ ସାମଗ୍ରୀ ଆଣିବା ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ହିତାଧିକାରୀ ମାନେ ଯାଇଥା'ନ୍ତି। ଅତି ଜରୁରୀ ସମୟ କିମ୍ବା କୌଣସି ଜରୁରୀ କାମରେ ରାତିଅଧିଆ ଯିବାକୁ ହେଲେ ସେମାନେ ମଧୁବନ ନିକଟ ନୂଆ ପୋଲ ଡେଇଁ ବାଙ୍ଗୋରକୁ ଯାଆନ୍ତି। ପଞ୍ଚାୟତ ବିଭାଜନ ସମୟରୁ ସେମାନେ ବାଙ୍ଗୋର ପଞ୍ଚାୟତରେ ରହିଆସୁଛନ୍ତି। ଗ୍ରାମରେ ବସବାସ କରୁଥିବା ୪୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ପାଇଁ ବର୍ଷାଦିନଟି ଅତ୍ୟନ୍ତ କଷ୍ଟଦାୟକ ହୋଇପଡ଼େ। ଯାତାୟାତରେ ଗ୍ରାମବାସୀଙ୍କ ପାଇଁ ଉପୁଜୁଥିବା ସମସ୍ୟାକୁ ନେଇ ଏଠାରେ ଏକ ଫୁଟ୍ ବ୍ରିଜ୍ ନିର୍ମାଣ ଏକାନ୍ତ ଆବଶ୍ୟକ ବୋଲି ବାରମ୍ବାର ଅଭିଯୋଗ ହୋଇଆସୁଛି। ଗ୍ରାମବାସୀଙ୍କ ପକ୍ଷରୁ କ୍ରମାଗତ ଭାବେ ଅଭିଯୋଗ ଆସିବାରୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଆଜି ନିଜ କର୍ମୀଙ୍କ ସହ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବସନ୍ତ ପଢ଼ିଆରୀଙ୍କୁ ନେଇ ଉକ୍ତ ସ୍ଥାନ ପରିଦର୍ଶନ କରି ଗ୍ରାମବାସୀଙ୍କ ପ୍ରକୃତ ଦୁଃଖକୁ ଉପଲବ୍ଧି କରିଥିଲେ। ଆସନ୍ତା ଦିନରେ ରାଜ୍ୟ ସରକାର ଓ ସମ୍ପୃକ୍ତ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଧାନସଭାରେ ପୋଲ ନିର୍ମାଣ ପ୍ରସଙ୍ଗ ଉପସ୍ଥାପନ କରି ଖୁବଶୀଘ୍ର ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ହାଟଡ଼ିହୀ ତହସିଲରେ କର୍ମଚାରୀ ଅଭାବ; ହିତାଧିକାରୀ ହନ୍ତସନ୍ତ

## କାର୍ଯ୍ୟାଳୟ ଫାଙ୍କା; ମିଳୁନି ରାଜସ୍ୱ ସେବା

ହାଟଡ଼ିହୀ,୧୪।୯ (ସମିସ):

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ ଅଞ୍ଚଳଟି ଆୟତନ କ୍ଷେତ୍ରରେ ସମଗ୍ର ଜିଲ୍ଲାର ସର୍ବବୃହତ ଭାବେ ବିବେଚିତ ହେଉଥିଲା ବେଳେ ଏଠାରେ କର୍ମଚାରୀଙ୍କ ଅଭାବ। ତହସିଲଦାରଙ୍କ ସ୍ଥାନଠାରୁ ଆରମ୍ଭ କରି ରାତ୍ର ଜଗୁଆଳି ଯାଏଁ ମୋଟ୍ ୭୭ଜଣ ଅଧିକାରୀ ଓ କର୍ମଚାରୀଙ୍କ ସ୍ଥାନ ରହିଛି। ବର୍ତ୍ତମାନ ୩୧ଜଣ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ୪୬ଜଣଙ୍କ ସ୍ଥାନ ଫାଙ୍କା ପଡ଼ିଛି। ତହସିଲ ଅଞ୍ଚଳଟି ବିସ୍ତୃତ କ୍ଷେତ୍ର ଏବଂ ଜନସଂଖ୍ୟା ଅନୁଯାୟୀ ଏଠାକୁ ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟ ନେଇ ଆସିଥା'ନ୍ତି। ଅଧିକାରୀ ଓ କର୍ମଚାରୀ ଅଭାବରୁ ମାସ ମାସ ବିତୁଥିଲେ ବି ଲୋକେ ସମୟ ଅନୁସାରେ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଜାଗା ଚିହ୍ନଟ ଓ ଜମିଜମା ମାପଚୁପ ପାଇଁ ଆବେଦନ କରୁଥିବା ହିତାଧିକାରୀଙ୍କ କାର୍ଯ୍ୟରେ ମୁଖ୍ୟ ସମସ୍ୟା ଉପୁଜୁଛି। ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ ଓ ଚେନ୍‌ମ୍ୟାନ୍, ପ୍ରକ୍ରିୟା ସର୍ଭର ଓ



ଚପରାସୀ ସ୍ଥାନ ପୂରଣ ହେଲେ କାର୍ଯ୍ୟ ପ୍ରକ୍ରିୟାର ଗତି ଚଞ୍ଚଳ ହୋଇପାରନ୍ତା।

ସେକ୍ସନ ଅଫିସର ଭୁବନେଶ୍ୱର ମହାପାତ୍ରଙ୍କ ବଦଳି ପରେ ଉକ୍ତ ସ୍ଥାନଟି ଫାଙ୍କା ରହିଥିବା ବେଳେ ଏହି ସ୍ଥାନରେ ଜଣେ ବରିଷ୍ଠ ସହାୟକଙ୍କୁ ଅସ୍ଥାୟୀ ଭାବେ କାର୍ଯ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି। ଜଣେ କର୍ମଚାରୀ ଏକାଧିକ କାର୍ଯ୍ୟ କରିବାରୁ କାର୍ଯ୍ୟ ବିଳମ୍ବ ଘଟୁଛି। ରାଜସ୍ୱ ପରିଦର୍ଶକ ସ୍ଥାନରେ ୨ଜଣ କର୍ମଚାରୀ କାର୍ଯ୍ୟ କରିବା ବଦଳରେ ଜଣେ ହିଁ ସମସ୍ତ ଦାୟିତ୍ୱ ତୁଲାଉଛନ୍ତି। ରାଜସ୍ୱ ନିରୀକ୍ଷକ ଭାବେ ମୋଟ୍ ୧୧ଜଣରୁ ୯ଜଣ କାର୍ଯ୍ୟରତ ଥିବାବେଳେ ୨ଜଣଙ୍କ ସ୍ଥାନ ଫାଙ୍କା ରହିଛି। ସହକାରୀ ରାଜସ୍ୱ ନିରୀକ୍ଷକ ଭାବେ ମୋଟ୍ ୧୧ଟି ସ୍ଥାନରୁ ମାତ୍ର ୨ଜଣ କାର୍ଯ୍ୟରତ ଏବଂ ୯ଗୋଟି ସ୍ଥାନ ଫାଙ୍କା ପଡ଼ିଛି। ସେହିପରି ୨ଜଣ ଅମିନ କାର୍ଯ୍ୟରତ ଥିବାବେଳେ ୯ଟି ସ୍ଥାନ ଫାଙ୍କା ରହିଛି। ଚେନ୍‌ମ୍ୟାନ୍ ସ୍ଥାନରେ ୬ଜଣ ରହିବା ଜାଗାରେ ୨ଜଣ କାର୍ଯ୍ୟ କରୁଛନ୍ତି। ୪ଟି ସ୍ଥାନ ଫାଙ୍କା ରହିଛି। ପ୍ରକ୍ରିୟା ସର୍ଭର କାର୍ଯ୍ୟ ପାଇଁ ୪ଜଣ କର୍ମଚାରୀ ଆବଶ୍ୟକ ଥିବାବେଳେ ସେହି ସ୍ଥାନରେ କେହି ଜଣେ ବି କାର୍ଯ୍ୟରତ ନାହାନ୍ତି। କାର୍ଯ୍ୟାଳୟରେ ମୋଟ ୧୩ଜଣ ଚପରାସୀଙ୍କ ଆବଶ୍ୟକ ରହିଥିବା ବେଳେ ମାତ୍ର ଜଣେ ହିଁ କାର୍ଯ୍ୟ କରୁଛନ୍ତି। ରେଷ୍ଟସେଡ୍ ୱାଚମ୍ୟାନ ସ୍ଥାନରେ ୩ଜଣ କର୍ମଚାରୀଙ୍କ ଆବଶ୍ୟକ ଥିବାବେଳେ ଏଥିରେ କେହି ଜଣେ ମଧ୍ୟ ନିଯୁକ୍ତି ପାଇନାହାନ୍ତି। ପଦଗୁଡ଼ିକ ଫାଙ୍କା ପଡ଼ିଥିବାରୁ କାର୍ଯ୍ୟାଳୟର କାର୍ଯ୍ୟ ପ୍ରକ୍ରିୟା ମନ୍ଥର ହେଉଛି। ଲୋକଙ୍କ କାର୍ଯ୍ୟ ହୋଇପାରୁ ନଥିବାରୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ତହସିଲଦାର ଶିବବ୍ରତ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କହିଥିଲେ, ଏଠାରେ ସେ ନିଯୁକ୍ତି ପାଇବା ପରେ ଏଭଳି ସମସ୍ୟା ସମ୍ପର୍କରେ ଅନୁଭବ କରି ଉପଖଣ୍ଡ ଏବଂ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି। ଖୁବ୍‌ଶୀଘ୍ର ଏହାର ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ବୋଲି ତହସିଲଦାର ଶ୍ରୀ ତ୍ରିପାଠୀ ଜଣାଇଛନ୍ତି।

**■ ବର୍ଷତମାମ୍ ଗାଁ ଦାଣ୍ଡରେ ଜମୁଛି ପାଣି**

# ଅସ୍ୱାସ୍ଥ୍ୟକର ପରିବେଶରେ ୫୦ ପରିବାର

ରାମଚନ୍ଦ୍ରପୁର,୧୪।୯ (ସମିସ): ନେତାଠାରୁ ପ୍ରଶାସନିକ ଅଧିକାରୀଙ୍କଠାରେ ଅନେକଥର ଗୁହାରିକରି ଦୀର୍ଘଦିନ ହେଲା ଅସ୍ୱାସ୍ଥ୍ୟକର ପରିବେଶରେ ଜୀବନ ଅତିବାହିତ କରି ଆସୁଛନ୍ତି ଘଷିପୁରା ବ୍ଲକ ଅଙ୍ଗାରୁଆ ତଳସାହିର ୫୦ ପରିବାର। ସାହିର ମୁଖ୍ୟରାସ୍ତା ଉପରେ ଅନବରତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଡ୍ରେନେଜ ସୁବିଧା ନଥିବାରୁ ସେହି ଦୁର୍ଗନ୍ଧ ପାଣିରେ ପଶି ଲୋକେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ପାଣି ଜମିରହିଥିବା ନଳକୂପ ଏବଂ ପାଣିଟ୍ୟାପରୁ ମଧ୍ୟ ଲୋକେ ପିଇବା ପାଣି ସଂଗ୍ରହ କରୁଛନ୍ତି। କିଡନୀଜନିତ ରୋଗ, ଡେଙ୍ଗୁ, ମେଲେରିଆ, ଥଣ୍ଡାଜ୍ୱର, ଝାଡାବାନ୍ତି ସହ ଅନେକ ସଂକ୍ରାମକ ରୋଗର ଶିକାର ହେଉଛନ୍ତି। ଏଠି



**ଡ୍ରେନ୍ ନହେଲେ ଭୋଟ୍ ବର୍ଜନ ଚେତାବନୀ**

ପ୍ରଶାସନିକ ଅବହେଳା କାରଣରୁ ସରକାରୀ ଯୋଜନା ସତେ ଯେମିତି ଫେଲ ମାରିଛି। ତ୍ରୁଟିପୂର୍ଣ୍ଣ ରାସ୍ତା ଏବଂ ତଳସାହି ଡ୍ରେନେଜ୍ ବ୍ୟବସ୍ଥାକୁ ସଠିକ ଢଙ୍ଗରେ କରାଯାଇ ନଥିବାରୁ ସାମାନ୍ୟ ବର୍ଷା ହେଲେ ମଧ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଦୀର୍ଘ ଦିନର ଏହି ସମସ୍ୟାକୁ ସମାଧାନ କରିବାକୁ ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି, ସବୁଠି କେବଳ ପ୍ରତିଶୃତି ମିଳିଛି, ହେଲେ କାର୍ଯ୍ୟ ଶୂନ। ସାହିବାସିନ୍ଦା ଏଥିନେଇ ଏବେ ଭୋଟ ବର୍ଜନ ଭଳି ଚରମ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ସ୍ୱାଇଁ, ରବିନ୍ଦ୍ର ପଟ୍ଟନାୟକ,ମହେନ୍ଦ୍ର ସା, ସୁରେନ୍ଦ୍ର ସା, ଅକ୍ଷୟ ସେଠୀ, ଲକ୍ଷ୍ମୀଧର ସା, ପିତାମ୍ବର ସେଠୀ, ବୀଣାପାଣୀ ପଣ୍ଡା, ଗୀତାଞ୍ଜଳି ଦାସ, ମନୋରମା ସେଠୀ, କାଞ୍ଚନ ବାରିକ, ହେମଲତା ସେଠୀ ପ୍ରମୁଖ ଏନେଇ ଚେତାବନୀ ଦେଇଛନ୍ତି।

# ବିଦ୍ୟାଳୟକୁ ବିପଦ ବିଦ୍ୟୁତ ତାର

କୁଆମରା,୧୪।୯ (ସମିସ): ବିଦ୍ୟାଳୟ ପରିସରରେ ଅତି ବିପଜ୍ଜନକଭାବେ ୩୩ କେଭି ବିଦ୍ୟୁତ୍ ଟଣାଯାଇଛି। ଏ ନେଇ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ଶୁଣୁନାହାନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ୮୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଛାତ୍ରାବାସରେ ୫୦ ପିଲା ରହିଛନ୍ତି। ଏହି ବିପଦପୂର୍ଣ୍ଣ ତାର ସ୍ମାର୍ଟ କ୍ଲାସ ରୁମ ଉପର ଦେଇଯାଇଛି। ଯେଉଁଠି ନବମ ଓ ଦଶମ ଶ୍ରେଣୀର୍ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏଥିସହିତ ଛାତ୍ରାବାସରେ ରହିଥିବା ପିଲା ବିପଦପୂର୍ଣ୍ଣ ତାର ତଳେ ଖେଳାବୁଲା କରୁଛନ୍ତି। ଏଣୁ ଛାତ୍ରଛାତ୍ରୀଙ୍କ ମୁଣ୍ଡ ଉପରେ ସର୍ବଦା ବିପଦ ଝୁଲୁଛି। କେତେବେଳେ କେଉଁ ସମୟରେ ବିପଦ ଘଟିବ ତାହା କହି ହେବ ନାହିଁ। ତେବେ ଏ ନେଇ ଗତ ୨୦୨୩ ମସିହା ଜୁନ୍ ମାସରେ ଖୁଣ୍ଟା ବିଦ୍ୟୁତ ବିଭାଗ ଏସ୍‌ଡିଓ ଏବଂ ମାଣତ୍ରୀ କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଦିଆ ଯାଇଥିବାର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା କହିଛନ୍ତି। ମାତ୍ର ଅଭିଯୋଗକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେଇ ନିରବ ଦ୍ରଷ୍ଟା ସାଜିଛନ୍ତି। ଆଗାମୀ ଦିନରେ ତାର ନ ହଟିଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ଅଭିଭାବକ।

# ବାଲିବରେଇ ହାଇସ୍କୁଲ ଉନ୍ନତିକରଣ ପ୍ରକଳ୍ପ କାର୍ଯ୍ୟକ୍ଷମ



ହାଟଡ଼ିହୀ,୧୪।୯ (ସମିସ): ହାଟଡ଼ିହୀ ବ୍ଲକ ବାଲିବରେଇ ହାଇସ୍କୁଲଠାରେ ବିଧାୟକଙ୍କ ପାଣ୍ଠିରୁ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସୋଲାର ଲାଇଟ୍ ମାଧ୍ୟମରେ ଆଲୋକୀକରଣ ସୁବିଧା ସହିତ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପର ଶୁଭ ଉଦଘାଟନ ହୋଇଯାଇଛି। ଉତ୍ସବରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲା ବେଳେ ସ୍ଥାନୀୟ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅଞ୍ଚଳର ବରିଷ୍ଠ କନିଷ୍ଠ ବିଜେଡ଼ି କର୍ମୀମାନେ ସାମିଲ ହୋଇଥିଲେ। ବିଧାୟକଙ୍କ ପାଣ୍ଠିରୁ ଆଲୋକୀକରଣ ସହ ବିଶୁଦ୍ଧ ପାନୀୟଜଳ ଏବଂ ପରିମଳ ବ୍ୟବସ୍ଥା ହୋଇପାରିଥିବାରୁ ବିଧାୟକଙ୍କୁ ସ୍ଥାନୀୟବାସିନ୍ଦଙ୍କ ସହ ସ୍କୁଲ କର୍ତ୍ତୃପକ୍ଷ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ସ୍କୁଲର ଅନ୍ୟ ମୌଳିକ ସମସ୍ୟା ମଧ୍ୟରୁ ରୋଷେଇ ଘର ସହ ଡାଇନିଙ୍ଗ ହଲ୍ ଏବଂ ଖେଳପଡ଼ିଆ ଉନ୍ନତିକରଣ ପାଇଁ ବିଦ୍ୟାଳୟ ପକ୍ଷରୁ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍କୁଲରେ ଥିବା ଅନ୍ୟାନ୍ୟ ମୌଳିକ ସମସ୍ୟାଗୁଡ଼ିକ ଯଥାଶୀଘ୍ର ସମାଧାନ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ

ହାଟଡ଼ିହୀ, ୧୪।୯ (ସମିସ): ହାଟଡ଼ିହୀ ବ୍ଲକ୍ ବାଙ୍ଗୋର ପଞ୍ଚାୟତସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ ହୋଇଯାଇଛି। ଅସନ୍ତୁଳିତ ଜଳବାୟୁକୁ ପୁନର୍ବାର ସନ୍ତୁଳିତ କରିବା ଲକ୍ଷ୍ୟରେ ପରିବେଶକୁ ସବୁଜିମାରେ ପୂର୍ଣ୍ଣାଙ୍ଗ କରିବାକୁ ନେଇ ବୃକ୍ଷରୋପଣ ହିଁ ଏକମାତ୍ର ଉପାୟ ବୋଲି କୁହାଯାଇଛି। ବିଜେଡ଼ି କର୍ମୀ ବସନ୍ତ ପଢ଼ିଆରୀଙ୍କ ସଂଯୋଜନାରେ ଆଜି ମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ ହୋଇଛି। ଏଥିରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣର ଶୁଭାରମ୍ଭ କରିଥିବା ବେଳେ ଗ୍ରାମବାସୀ ସାମିଲ ହୋଇଥିଲେ।

# ଚାକିରି ଜୀବନ ଆରମ୍ଭ ଯେଉଁଠି ଅବସର ଗ୍ରହଣ ସେଇଠୁ



ରାମଚନ୍ଦ୍ରପୁର,୧୪।୯ (ସମିସ): ଘଷିପୁରା ବ୍ଲକ ପୁରୁଣାବାନ୍ଧଗୋଡା ପଞ୍ଚାୟତ ନଣ୍ଡାବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତକୁମାର ଧୀରଙ୍କୁ ବିଦ୍ୟାଳୟ ତଥା ଗ୍ରାମବାସୀଙ୍କ ପକ୍ଷରୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ସଂଜିବ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଘସିପୁରା ବ୍ଲକ ଶିକ୍ଷକ ସଂଘ ସଭାପତି ରଞ୍ଜନ ପାତ୍ର, ନିଖିଳ ଉତ୍କଳ ଶିକ୍ଷକସଂଘର ପରାମର୍ଶଦାତା ପ୍ରତାପ ନାୟକ, ଶିକ୍ଷାବିତ ରାମଚନ୍ଦ୍ର ଚକ୍ର, ପୂର୍ବତନ ସରପଞ୍ଚ ବୈଷ୍ଣବଚରଣ ସେନାପତି, ଗାଁ ମୁରବୀ ନିରଞ୍ଜନ ଜେନା ଏବଂ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଉମାକାନ୍ତ ଜେନା ଯୋଗ ଦେଇଥିଲେ। ଶ୍ରୀ ଧୀର ୨୦୦୨ରୁ ନଣ୍ଡାବର ଉପ୍ରା ବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରିବା ପରେ ଅଳତି, ରାମଚନ୍ଦ୍ରପୁର ଏବଂ ବରାଙ୍ଗ ସିଆରସି ଭଳି ଗୁରୁଦାୟିତ୍ୱ ନିଷ୍ଠାପର ଭାବେ ସମ୍ପାଦନ କରିଥିଲେ। ୨୯ ବର୍ଷ ଧରି ଶିକ୍ଷକତା କରିବା ପରେ ସେହି ନଣ୍ଡାବର ଉପ୍ରା ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଗ୍ରାମବାସୀ ତଥା ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସହକର୍ମୀ ତଥା ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରାଙ୍ଗ ସିଆରସିସି ବିଶିକେଶନ ଭୂୟାଁ ସଭା ପରିଚାଳନା କରିଥିଲେ। ଘସିପୁରା ବ୍ଲକ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକଶିକ୍ଷୟିତ୍ରୀମାନେ ଶ୍ରୀ ଧୀରଙ୍କ ଅବସର ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷକଙ୍କୁ ଏକ ବିରାଟ ପଟୁଆରରେ ତାଙ୍କ ପୈତୃକ ଗ୍ରାମ ପୁରୁଣାବାନ୍ଧଗୋଡାକୁ ପାଛୋଟି ନିଆଯାଇଥିଲା।

**■ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ**

# ବରିଷ୍ଠ ସମାଜ ଓ ପରିବାର ପାଇଁ ଅମୂଲ୍ୟ ସମ୍ପଦ




ବଡସାହି,୧୪।୯ (ସମିସ): ବଡସାହି ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବାର୍ଷିକ ଉତ୍ସବ ରବିବାର ସଭାପତି ସୁନୀଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିରୂପେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶ୍ୟାମସୁନ୍ଦର ଦାସ, ସମ୍ମାନିତ ଅତିଥି ଭାବେ ବଡସାହି ବଧାୟକ ସନାତନ ବିଜୁଳି, ପୂର୍ବତନ ବିଧାୟକ କାନ୍ଦରା ସରେନ ଓ ତହସିଲଦାର କରୁଣାକର ଧିନ୍ଦା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ବହୁ ଉପାଦେୟ କଥା କହିବା ସହିତ ବରିଷ୍ଠ ହେଉଛନ୍ତି ଦେଶ, ସମାଜ ଓ ପରିବାର ପାଇଁ ଅମୂଲ୍ୟ ସମ୍ପଦ। ତେଣୁ ସେମାନଙ୍କର ଅଭିଜ୍ଞତା ସମାଜ ଓ ଯୁବପିଢିଙ୍କ ପାଇଁ ପ୍ରେରଣା ହେଉ ବୋଲି ବକ୍ତବ୍ୟ ରଖିଥିଲେ। ଉପ ସଭାପତି ସୁବୋଧ କୁମାର ଦଣ୍ଡପାଟ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସଂପାଦକ ରତ୍ନାକର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ବଡସାହି ଅଞ୍ଚଳର ବିକାଶ ପ୍ରସଙ୍ଗକୁ ନେଇ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ମନ୍ତ୍ରୀ ଓ ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ବଡସାହିକୁ ଏନଏସି ମାନ୍ୟତା ସହିତ ସବଟ୍ରେଜେରୀ ଓ ବସଷ୍ଟାଣ୍ଡ ନିର୍ମାଣ, ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟାଳୟ ପାଇଁ ଜମି ଓ ସ୍ଥାୟୀ ଗୃହ ନିର୍ମାଣ, ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଭତ୍ତା ୧ହଜାର ଟଙ୍କାରୁ ୩ହଜାର ଟଙ୍କାକୁ ବୃଦ୍ଧି, ଆୟୁଷ୍ମାନ ଭାରତ ଯୋଜନାକୁ ୭୦ ପରିବର୍ତ୍ତେ ୬୦ବର୍ଷରୁ ଉର୍ଦ୍ଧ୍ୱଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ କରିବା, ରେଳଗାଡି ଯାତ୍ରା ସମୟରେ ପୂର୍ବ ପ୍ରଚଳିତ ରିହାତି ପ୍ରଦାନ କରିବା, ବେତନଟୀରୁ ନୀଳଗିରି ଭାୟା ବଡସାହି ଓ ଉଦଳା ଦେଇ ନୂତନ ରେଳଲାଇନ ସଂଯୋଗୀକରଣ କରିବା, ବେତନଟୀ, ଉଦଳା ଭାୟା ବଡସାହି ରାସ୍ତାର ପ୍ରଶସ୍ତିକରଣ କରିବା ଆଦି ଦାବି ରହିଛି। ମନ୍ତ୍ରୀ ଶ୍ରୀ ମହାପାତ୍ର ଏନଏସି ସହିତ ଅନ୍ୟ ଦାବିଗୁଡିକ କିପରି କାର୍ଯ୍ୟକାରୀ ହୋଇପାରିବ ସେଥିପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମନୋରଂଜନ ବଳ, ସୁଷମା ପାତ୍ର, ଡାକ୍ତର ସୁବୋଧ କୁମାର ଦାସ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସିଂ, ପୂର୍ବତନ ବାୟୁସେନା ଅଫିସର ସରୋଜ କୁମାର ବେହେରା, ପୂର୍ବତନ ମାଇନିଂ ଅଫିସର ଶ୍ୟାମସୁନ୍ଦର ସିଂ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ମହେଶ୍ୱର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦ରେ କୁଡମୀ ସମାଜର ରେଲରୋକ

ବାରିପଦା, ୧୪।୯ (ସମିସ): ନିଜର ହକ ଅଧିକାର ଏବଂ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକାରେ ସାମିଲ ଦାବି କରାଯାଇଛି। କୁଡୁମୀ ସମାଜ କେନ୍ଦ୍ରୀୟ କମିଟି ନିର୍ଦ୍ଦେଶ ଅନୁସାରେ ଝାରଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡିଶାରେ କୁଡୁମୀ ସମାଜ ତରଫରୁ ଆଗାମୀ ସେପ୍ଟେମ୍ବର ୨୦ ତାରିଖରେ ରେଲରୋକ ଆନ୍ଦୋଳନ ହେଉଥିବା ବେଳେ ବାରିପଦା ଭଞ୍ଜପୁର୍ ରେଲ ଷ୍ଟେସନରେ ରେଲରୋକ ଆନ୍ଦୋଳନ କରାଯିବ। ଏ ବାବଦରେ ସୋମବାର ଅପରାହ୍ନରେ ସମୟରେ ବାରିପଦା ଛଉ ପଡିଆ ନିକଟରେ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ତଥ୍ୟ ପ୍ରଦାନ କରିବେ ବୋଲି ଆଦିବାସୀ କୁଡୁମୀ ସମାଜର ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତ ସୂଚନା ଦେଇଛନ୍ତି।

# ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳିତ

ଶରତ, ୧୪।୯ (ସମିସ): ଶରତ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୟୁଥ୍ ରେଡକ୍ରସର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ଼ ଭଗବାନ ପଣ୍ଡା ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଉପଚାର ଦିବସର ଗୁରୁତ୍ୱ ସମ୍ବନ୍ଧେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଇତିହାସ ଅଧ୍ୟାପକ ଅଶୋକ କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ ପ୍ରଦୀପ କୁମାର ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ମନୋରଞ୍ଜନ ବିହାରୀ ଛାତ୍ରଛାତ୍ରୀଙ୍କୁ ଦୁର୍ଘଟଣା ସମୟରେ କିପରି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିକୁ ପ୍ରାଥମିକ ଉପଚାର ଦିଆଯାଏ ସେ ନେଇ ବିଭିନ୍ନ କୌଶଳ ଶିଖାଇଥିଲେ।

# ସିଆର୍‌ସିସିଙ୍କ ୫ ଦିନିଆ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ



ବାରିପଦା, ୧୪।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆରସିସି)ଙ୍କ ନିମନ୍ତେ ଏକ ୫ ଦିନିଆ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଜିଲ୍ଲା ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀଙ୍କ ସମେତ ସମସ୍ତ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷିକା ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣରେ ସିଆରସିସିଙ୍କ ଭୂମିକା ଓ କାର୍ଯ୍ୟ, ଜାତୀୟ ଶିକ୍ଷା ନୀତି, ଶିକ୍ଷାର ଗୁଣାତ୍ମକ ଉନ୍ନତି, ପ୍ରାଥମିକ ସ୍ତରରେ ପାଠ୍ୟକ୍ରମ କାର୍ଯ୍ୟାନ୍ୱୟନ, ଶିକ୍ଷାରେ ନେତୃତ୍ୱର ଭୂମିକା, ଅନୁଭୂତି ଆଧାରିତ ଶିକ୍ଷଣ, ନିପୁଣ ଭାରତ ମିଶନ୍, ଶ୍ରେଣୀକକ୍ଷ ପର୍ଯ୍ୟବେକ୍ଷଣ ସାଧନୀ, ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର, ଅନ୍ତର୍ନିବେଶୀ ଶିକ୍ଷା, ସାମାଜିକ ଆବେଗିକ ଆଦି କ୍ଷେତ୍ର ପରିଦର୍ଶନ କରି ବ୍ୟବହାରିକ ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପ୍ରଶିକ୍ଷଣରେ ଜିଲ୍ଲାର ଠାକୁରମୁଣ୍ଡା, ବିଜାତଳା, ଜାମଦା, ବାଙ୍ଗିରିପୋଷି, ମୋରଡ଼ା, କୁଳିଅଣା, ବାରିପଦା ବ୍ଲକର ୪୬ଜଣ ସିଆରସିସି ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।

# ପୁଣି ନାଟକ ଲେଖିବେ ନାଟ୍ୟକାର ସୂର୍ଯ୍ୟକାନ୍ତ ଆରୁଖ

ଶୁକୁଳି, ୧୪।୯ (ସମିସ): ଦୀର୍ଘ ଦୁଇ/ତିନି ଦଶନ୍ଧି ପରେ ପୁଣି ନାଟକ ଲେଖିବେ ନାଟ୍ୟକାର ସୂର୍ଯ୍ୟକାନ୍ତ ଆରୁଖ। ନିର୍ଦ୍ଦେଶକ ରଘୁ ଆଚାର୍ଯ୍ୟଙ୍କ ଅନୁରୋଧ କ୍ରମେ ପୁଣି ଶ୍ରୀ ଆରୁଖ ଲେଖା ଆରମ୍ଭ କରିବେ। ସେ ୩୦ ବର୍ଷ ପୂର୍ବରୁ ଶାଗୁଣା ବସିଛି ଡେଣା ମେଲାଇ ବହି ଲେଖି ଚର୍ଚ୍ଚାକୁ ଆସିଥିଲେ; କିନ୍ତୁ ତାଙ୍କର ପାଣ୍ଡୁଲିପି ନେଇ ଯିବା ପରେ ଆଉ ବହିରେ ନାଟ୍ୟକାର ସୂର୍ଯ୍ୟକାନ୍ତ ଆରୁଖଙ୍କ ନାମ



ରହିଲାନାହିଁ। ଯେଉଁଥିପାଇଁ ସେ ଅଭିମାନ କରି ନାଟକ ଲେଖା ବନ୍ଦ କରିଦେଇଥିଲେ। ତେବେ ନିର୍ଦ୍ଦେଶକଙ୍କ ଅନୁରୋଧ ପରେ ପୁଣି ନାଟକ ଲେଖିବେ। ସେଥିପାଇଁ ଆଜି ମୟୂରଭଞ୍ଜର ଖିଚିଂସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରି ପାଣ୍ଡୁଲିପି ଲେଖା ଆରମ୍ଭ ହେବ। ବହିର ନାମ ରଖାଯାଇଛି, "ବ୍ରହ୍ମ ଚୋରି'। ଏହି ବହିସାମାଜିକ, ପୌରାଣିକ, କାଳ୍ପନିକ, ଇତିହାସ, ବିଜ୍ଞାନ ଉପରେ ଆଧାରିତ ରହିବ। ତେବେ "ବ୍ରହ୍ମ ଚୋରି' ନାଟକ ଶାଗୁଣା ବସିଛି ଡେଣା ମେଲାଇ ଭଳି ନାଟ୍ୟପ୍ରେମୀଙ୍କ ମନ ଛୁଇଁବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ନ୍ୟାସନାଲ ଆଦିବାସୀ ମିଡିଆ ଆସୋସିଏସନ ଗଠିତ



ରାଇରଙ୍ଗପୁର/ବହଳଦା, ୧୪।୯ (ସମିସ): ରାଇରଙ୍ଗପୁର ସ୍ଥିତ ଆସେକା ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନ୍ୟାସନାଲ ଆଦିବାସୀ ମିଡିଆ ଏସୋସିଏସନ ଗଠିତ ହୋଇଯାଇଛି। ବୈଠକରେ ସଂଗଠନର ସଭାପତି ଭାବେ ବୁଦ୍ଧେଶ୍ୱର କିସ୍କୁ, ଉପସଭାପତି ବାବଲୁ ଟୁଡୁ, ସଂପାଦକ ରମେଶ ସୋରେନ୍, କୋଷାଧ୍ୟକ୍ଷ ବାରିଆଲ ହେମ୍ବ୍ରମ, ଯୁଗ୍ମ କୋଷାଧ୍ୟକ୍ଷ ଛୋଟରାୟ ମୁର୍ମୁ, ଉପଦେଷ୍ଟା ଚୁନାରାମ ମାଝୀ ଏବଂ ସାମାଜିକ ଉପଦେଷ୍ଟା ଭାବେ ଜଗଦୀଶ ମୁର୍ମୁ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ଅବସରରେ ସମ୍ବାଦିକମାନେ ସଂଗଠିତ ହୋଇ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଥିଲେ। ଏହାଦ୍ୱାରା ଆଦିବାସୀଙ୍କ ଶିକ୍ଷା, ପରମ୍ପରା, ସାମାଜିକ ବ୍ୟବସ୍ଥା ଓ ସଂସ୍କୃତି ବଞ୍ଚାଇବା ସହିତ ମୁଖ୍ୟସ୍ରୋତରେ ସାମିଲ ହେବାରେ ସହଯୋଗ କରିପାରିବେ। ବୈଠକରେ ଓଡିଶା, ଝାରଖଣ୍ଡ, ବିହାର ଓ ବେଙ୍ଗଲର ଆଦିବାସୀ ସାମ୍ବାଦିକ ଓ ସାମାଜିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

**ଆଦିବାସୀ କୁଡୁମୀ ସମାଜର ନୂତନ କମିଟି ଗଠିତ**

# ଏସ୍‌ଟି ତାଲିକାରେ ସାମିଲ ନ କଲେ ଆନ୍ଦୋଳନ

ବଡ଼ସାହି,୧୪।୯ (ସମିସ):

ବଡ଼ସାହି ବ୍ଲକ ଆଦିବାସୀ କୁଡୁମୀ ସମାଜର ଏକ ନୂତନ କମିଟି ଗଠନ ହୋଇଛି। ବ୍ଲକର ୩୦ଟି ପଞ୍ଚାୟତରେ ଥିବା ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ କୁଡୁମୀ ଭୋଟର ଅଛନ୍ତି। ମାତ୍ର ସେମାନେ ଦୀର୍ଘ ୭୫ ବର୍ଷ ଧରି ସରକାରଙ୍କଦ୍ୱାରା ପ୍ରତାରଣାର ଶିକାର ହୋଇଆସୁଛନ୍ତି। ଏପରିକି ସେମାନେ ଶିକ୍ଷା, ଆର୍ଥିକ, ରାଜନୈତିକ ଅଧିକାରିରୁ ବଞ୍ଚିତ ହେଉଛନ୍ତି। ରାଜନୈତିକ ଦଳଗୁଡିକ ପ୍ରତିଶୃତି ପାଳନ କରୁନଥିବାରୁ କୁଡୁମୀ ଜନଜାତି ମୌଳିକ ଅଧିକାରରୁ ବଞ୍ଚିତ ହୋଇ ଆସୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନ ସମୟରେ ସମସ୍ତ ରାଜନୈତିକ ଦଳକୁ ଆଦିବାସୀ କୁଡୁମୀ ସମାଜ ତରଫରୁ ଜବାବ ଦିଆଯିବ ବୋଲି ଏବେଠାରୁ ସଜବାଜ ହେଲେଣି। ସେଥିପାଇଁ ବଡ଼ସାହି ବ୍ଲକ କୁଡୁମି ଯୁବ ସମାଜ ପକ୍ଷରୁ ନୂତନ କମିଟି ଗଠନ କରାଯାଇଛି। ଜିଲ୍ଲା ଆଦିବାସୀ କୁଡୁମୀ ସମାଜ ଯୁବ ସଭାପତି ଉଦୀୟମାନ ନେତା ସ୍ନେହାଶିଷ ମହାନ୍ତ ଏହାର ନେତୃତ୍ୱ ନେଇଛନ୍ତି। ସଭାପତି ଭାବେ କ୍ଷିରୋଦ ଚନ୍ଦ୍ର ମହାନ୍ତ, କାର୍ଯ୍ୟକାରୀ ସଭାପତି ନକୁଳ ମହାନ୍ତ, ଉପସଭାପତିଭାବେ ଗୁଲସନ ମହାନ୍ତ, ଜଗଦୀଶ ମହାନ୍ତ, ଗଙ୍ଗାଧର ମହାନ୍ତ ଓ ମିଟୁ ମହାନ୍ତ, ସାଧାରଣ ସମ୍ପାଦକ ରତିକାନ୍ତ ମହାନ୍ତ, କୈଳାସ ମହାନ୍ତ ବୈଦ୍ୟନାଥ ମହାନ୍ତ ଓ ସମ୍ପାଦକଭାବେ ଡାକ୍ତର ମହାନ୍ତ, ସାନୁ ମହାନ୍ତ, ରଜତ ମହାନ୍ତ, ଦୁର୍ଗାଚରଣ ମହାନ୍ତ, ବିଜୟ କୁମାର ମହାନ୍ତ, ରାଜୀବ ଲୋଚନ ମହାନ୍ତ ମନୋନୀତ ହୋଇଛନ୍ତି। ଗଣେଶ୍ୱର ମହାନ୍ତ କୋଷାଧ୍ୟକ୍ଷ ଓ ଲଳିତ ମହାନ୍ତ ମିଡ଼ିଆ ସେଲରେ ରହିଥିବାବେଳେ ଦୀନବନ୍ଧୁ ମହାନ୍ତ ୨୨ନଂ ଜୋନ ସଭାପତି, ବିଶ୍ୱଜିତ ମହାନ୍ତ ୨୩ ନମ୍ବର ସଭାପତି ଓ ଦୀପକ ମହାନ୍ତଙ୍କୁ ୨୪ନଂ ଜୋନ ସଭାପତିଭାବେ ଦାୟିତ୍ୱ ଦିଆଯାଇଛି। ସରକାର ଆଗାମୀ ଦିନରେ କୁଡୁମୀ ଜନଜାତିଙ୍କୁ ଯଦି ଏସଟି ତାଲିକାଭୁକ୍ତ ନ କରନ୍ତି ତେବେ କୁଡୁମୀ ସଂପ୍ରଦାୟ ସଂଗ୍ରାମ କରିବେ ବୋଲି ନୂତନ କର୍ମକର୍ତ୍ତା ଶପଥ ନେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।


**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୮୭୬- ବଙ୍ଗଳା ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜନ୍ମ।
- ୧୯୩୧- ଗାନ୍ଧୀ-ଇରୱିନ୍ ଚୁକ୍ତି ସ୍ୱାକ୍ଷରିତ।
- ୧୯୫୯- ଦୂରଦର୍ଶନର ପ୍ରସାରଣ ସେବା ଆରମ୍ଭ ହେଲା।
- ୧୯୯୮- ଗୁଗଲ୍ ଡଟ୍‌କମ୍ ଡୋମେନ୍ ନେମ୍ ଭାବେ ପଞ୍ଜୀକୃତ ହେଲା।
- ୨୦୦୧- ଆମେରିକୀୟ ସିନେଟ୍ ରାଷ୍ଟ୍ରପତିଙ୍କୁ ଆଫଗାନିସ୍ତାନରେ ସେନା କାର୍ଯ୍ୟକଳାପ ପାଇଁ ଅନୁମତି ଦେଲା।

## 'ଦୃଶ୍ୟମ୍ ୩'ର ରିଲିଜ୍ ଡେଟ୍ ଫାଇନାଲ

'ଦୃଶ୍ୟମ୍' ଭାରତୀୟ ସିନେମା ଇତିହାସରେ ଏପରି ଏକ ଫିଲ୍ମ ଯାହାକୁ ଦର୍ଶକେ ବାରମ୍ବାର ଦେଖିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି। ମଲାୟାଲମ୍ ଭାଷାରେ ନିର୍ମିତ ଏହି ଫିଲ୍ମରେ ମୋହନଲାଲ ଜର୍ଜ କୁଟ୍ଟି ଭୂମିକାରେ ଅଭିନୟ କରିଥିଲେ। ଏହାର ହିନ୍ଦୀ ଭର୍ସନରେ ଅଜୟ ଦେବଗନ୍ ଲିଡ୍ ରୋଲରେ ନଜର ଆସିଥିଲେ। 'ଦୃଶ୍ୟମ୍' ସିରିଜ୍‌ର ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ଏବେ ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ 'ଦୃଶ୍ୟମ୍ ୩'ର ଲେଖକ ତଥା ନିର୍ଦ୍ଦେଶକ ଜିତୁ ଜୋସେଫ୍‌ଙ୍କର ଏକ ଭିଡିଓ ଭାଇରାଲ ହେଉଛି। ଏହି ଭିଡିଓରେ ସେ କହିଛନ୍ତି, 'ମୋତେ ବକ୍ସ ଅଫିସ୍ କଲେକ୍ସନ୍‌କୁ ନେଇ ଚିନ୍ତା ନାହିଁ। ଏହି ଫିଲ୍ମ ଦର୍ଶକଙ୍କୁ ଏକ ଭଲ ଅନୁଭବ ଦେଉ। ଏହାର କାହାଣୀ 'ଦୃଶ୍ୟମ୍'ର ଅଲଗା ଦୁଇଟି ଫିଲ୍ମଠାରୁ ପୂରାପୂରି ଭିନ୍ନ ହେବ। ଏଥିରେ 'ଦୃଶ୍ୟମ୍ ୨'ର ଚାରି ବର୍ଷ ପରର କାହାଣୀକୁ ଦେଖାଯିବ। ଏଥିରେ ଜର୍ଜକୁଟ୍ଟୀଙ୍କ ଜୀବନର ଏକ ନୂଆ ଦିଗ ଦର୍ଶକଙ୍କ ସାମ୍ନାକୁ ଆସିବ।' 'ଦୃଶ୍ୟମ୍ ୩'ର ସୁଟିଂ ଆସନ୍ତା ଅକ୍ଟୋବରରୁ ହିନ୍ଦୀ ଓ ମଲାୟାଲମ୍ ଦୁଇଟି ଭାଷାରେ ଆରମ୍ଭ ହେବ। ଏହା ପୂର୍ବ ନିର୍ଦ୍ଧାରିତ ଡେଟ୍ ଅନୁଯାୟୀ, ୨ ଅକ୍ଟୋବର, ୨୦୨୬ରେ ରିଲିଜ୍ ହେବ ବୋଲି ଜିତୁ କହିଛନ୍ତି। ଏହାର ହିନ୍ଦୀ ଭର୍ସନ୍‌ରେ ଅଜୟ ଦେବଗନ୍ ଓ ମଲାୟାଲମ୍‌ରେ ମୋହନଲାଲଙ୍କୁ ପୁଣି ଥରେ ଜର୍ଜ କୁଟ୍ଟି ଭୂମିକାରେ ଦେଖିବାକୁ ମିଳିବ।



## କାଫେରେ ନୀରବତା

ଜେନରେସନ ଜେଡ୍‌ଙ୍କ ମଧ୍ୟରେ ଆଜିକାଲି ବିଭିନ୍ନ ପ୍ରକାର ଟ୍ରେଣ୍ଡ ଭାଇରାଲ ହେଉଛି। ସେଥିରୁ ଅନ୍ୟତମ ସାଇଲେଣ୍ଟ କାଫେ। ଏହା ହେଉଛି ଏମିତି ଏକ କାଫେ, ଯେଉଁଠି କଥାବାର୍ତ୍ତା ନ ଥାଏ। ଏଠାରେ ଯୁବକଯୁବତୀମାନେ କାହାରି ସହିତ କଥାବାର୍ତ୍ତା ନ କରି ନିଜ କାମ କରନ୍ତି, ପଢ଼ନ୍ତି, ଲେଖାଲେଖି କରନ୍ତି ଏବଂ ନିଜ ଭାବନାରେ ମଗ୍ନ ରହିବାକୁ ଭଲପାଆନ୍ତି। ସେହିପରି ଏଭଳି କାଫେରେ ସଙ୍ଗୀତର ଧୂନ୍ ନ ଥାଏ କି ଲୋକଙ୍କ କଥାବାର୍ତ୍ତା। ତେବେ ଆଜିର ନୂଆପିଢ଼ି ନିଜ କାମ ଓ ବ୍ୟକ୍ତିଗତ ଜୀବନରେ ଅଧିକ ବ୍ୟସ୍ତ ରହିବା ଯୋଗୁଁ ନିଜ ପାଇଁ ସମୟ ବାହାର କରିପାରୁନାହାନ୍ତି। ଏଭଳି କ୍ଷେତ୍ରରେ ସାଇଲେଣ୍ଟ କାଫେ ସେମାନଙ୍କୁ ଶାନ୍ତିରେ ବସି କାମ କରିବାର ସୁଯୋଗ ପ୍ରଦାନ କରୁଛି। ସେହିପରି ସାଇଲେଣ୍ଟ କାଫେ ଲୋକଙ୍କୁ ସ୍କ୍ରିନ୍‌ଠାରୁ ଦୂରେଇ ରହିବାର ଅବସର ପ୍ରଦାନ କରୁଛି। ବିଶେଷକରି ଛାତ୍ରଛାତ୍ରୀ ତଥା କ୍ରିଏଟିଭ୍ ପ୍ରଫେସନାଲଙ୍କ ମଧ୍ୟରେ ଏହି ଟ୍ରେଣ୍ଡ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି। ଏଭଳି କାଫେରେ ବସି ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତି କରିବା, ନିଜର କ୍ରିଏଟିଭ୍ ପ୍ରୋଜେକ୍ଟ ଉପରେ କାମ କରିବାକୁ ପସନ୍ଦ କରୁଛନ୍ତି। ବିଶେଷକରି ଲେଖକ ଓ ଚିତ୍ରଶିଳ୍ପୀଙ୍କ ପାଇଁ ଏହା ଏକ ଉତ୍ତମ ସ୍ଥାନ ପାଲଟିଛି। ବହୁତ ଲୋକ ନିଜ ସାଙ୍ଗସାଥୀଙ୍କ ସହିତ ଏଠାକୁ ଆସି ବହିପଢ଼ିବା ସହ ନିଜର ଅନ୍ୟାନ୍ୟ କାମ କରି କଫିର ମଜା ନେଇଥାନ୍ତି। ଅନ୍ୟପଟେ ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇ, ପୁନେର ଲୋକେ ସାଇଲେଣ୍ଟ କାଫେ କଲଚରକୁ ଖୁବ୍ ପସନ୍ଦ କରୁଛନ୍ତି।



## ଜାତୀୟ ଯନ୍ତ୍ରୀ ଦିବସ ଓ ସାର୍ ବିଶ୍ୱେଶ୍ୱରାୟା

ଇଂ ପ୍ରଦୀପ୍ତ କୁମାର ଶତପଥି



ଆଜି ଇଞ୍ଜିନିୟର ଦିବସ। ଦେଶର ଉନ୍ନତିରେ ଯନ୍ତ୍ରୀଙ୍କ ଭୂମିକାକୁ ମନେପକାଇବା ଲାଗି ମହାନ୍ ଇଞ୍ଜିନିୟର ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନରେ ଜାତୀୟ ଯନ୍ତ୍ରୀ ଦିବସ ପାଳିତ ହୁଏ। ସାର୍ ବିଶ୍ୱେଶ୍ୱରାୟଙ୍କ ସଫଳତାକୁ ସ୍ମରଣ କରିବା ଏବଂ ସେଥିରୁ ଅନୁପ୍ରାଣିତ ହୋଇ ଭବିଷ୍ୟତରେ ଇଞ୍ଜିନିୟରିଂ କ୍ଷେତ୍ରକୁ କିପରି ଆହୁରି ଉନ୍ନତ ଓ ପ୍ରଶସ୍ତ କରାଯିବ ସେସମ୍ବନ୍ଧରେ ଚିନ୍ତନ ମନ୍ଥନ କରିବା ଉଦ୍ଦେଶ୍ୟରେ ଏହି ଦିବସର ପରିକଳ୍ପନା କରାଯାଇଛି। ୧୯୬୮ ମସିହାରେ ପ୍ରଥମେ ଇଞ୍ଜିନିୟର ଦିବସ ପାଳନ କରାଯାଇଥିଲା। ଇଞ୍ଜିନିୟରମାନଙ୍କ ଅକ୍ଳାନ୍ତ ଉଦ୍ୟମ ଓ ଅସାଧାରଣ ବୁଦ୍ଧି ଯୋଗୁଁ ଆମେ ଆଜି ଏକ ଆଧୁନିକ ତଥା ଉନ୍ନତ ସମାଜରେ ବାସ କରିବା ସମ୍ଭବ ହୋଇପାରିଛି। ସମାଜ ପ୍ରତି ଯନ୍ତ୍ରୀମାନଙ୍କର ଉଲ୍ଲେଖନୀୟ ଉପଲବ୍ଧି ଓ ଅବଦାନକୁ ସମ୍ମାନ ଜଣାଇବା ସହ ସେମାନଙ୍କ ଅଭିନବ ବିଚାରକୁ ସ୍ୱୀକୃତି ଦେବା ଏବଂ ବିଶ୍ୱ ଗଠନରେ ସେମାନଙ୍କର ଅପରିହାର୍ଯ୍ୟ ଭୂମିକାକୁ ଉଲ୍ଲେଖ କରିବା ପାଇଁ ଏହି ଦିବସ ଉତ୍ସର୍ଗୀକୃତ। ସାର୍ ବିଶ୍ୱେଶ୍ୱରାୟା ଖାଲି ଯେ ଜଣେ ଇଞ୍ଜିନିୟର ଥିଲେ ତାହା ନୁହେଁ, ସେ ଜଣେ ଦୂରଦର୍ଶୀ ବିଦ୍ୱାନ ହେବା ସହ ଜଣେ ନିପୁଣ ରାଜନେତା ମଧ୍ୟ ଥିଲେ। ସରଳ ଜୀବନ ଯାପନ ଏବଂ ଉଚ୍ଚ ଚିନ୍ତାଧାରା ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା। ସାର୍ ବିଶ୍ୱେଶ୍ୱରାୟା ବାଙ୍ଗାଲୋର ନିକଟ ମୁଦ୍ଦେନାହାଲ୍ଲିଠାରେ ୧୮୬୧ ମସିହା ସେପ୍ଟେମ୍ବର ୧୫ ତାରିଖରେ ଏକ ତାମିଲ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କୁ ୧୫ ବର୍ଷ ହୋଇଥିବାବେଳେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ପିତାଙ୍କ ଦେହାନ୍ତ ପରେ ସାର୍ ବିଶ୍ୱେଶ୍ୱରାୟା ବାଙ୍ଗାଲୋରରେ ତାଙ୍କ ମାମୁଁଘରେ ରହି ପାଠ ପଢ଼ିଥିଲେ। ମାଧ୍ୟମିକ ଶିକ୍ଷା ସମାପ୍ତ ପରେ ସେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ୧୮୮୧ ମସିହାରେ ଡିଗ୍ରୀ ହାସଲ କରିଥିଲେ। ପରବର୍ତ୍ତୀ କାଳରେ ସେ ପୁନା ଇଞ୍ଜିନିୟରିଂ କଲେଜରୁ ସିଭିଲ ଇଂଜନିୟରିଂ ପାସ୍ କରିଥିଲେ। ମହାରାଷ୍ଟ୍ର ସରକାର ସାର୍ ବିଶ୍ୱେଶ୍ୱରାୟାଙ୍କୁ ୧୮୮୫ ମସିହାରେ ନାସିକଠାରେ ସହକାରୀ ଯନ୍ତ୍ରୀ ଭାବରେ ନିଯୁକ୍ତି ପ୍ରଦାନ କରିଥିଲେ ଏବଂ ଦୀର୍ଘ ୬୫ ବର୍ଷ ଧରି ସେ ସେଠାରେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ସାର୍ ବିଶ୍ୱେଶ୍ୱରାୟା ଭାରତର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ଉଚ୍ଚକୋଟୀର ଇଞ୍ଜିନିୟରିଂ ପ୍ରକଳ୍ପମାନ ନିର୍ମାଣ କରିଥିଲ। ଦାକ୍ଷିଣାତ୍ୟ ମାଳଭୂମିରେ ଅତ୍ୟାଧୁନିକ ଜଳସେଚନ ପ୍ରଣାଳୀର ଡିଜାଇନ୍ ଓ ନିର୍ମାଣ, ହାଇଦ୍ରାବାଦ ପାଇଁ ଏକ ବନ୍ୟା ନିରୋଧକ ପ୍ରକଳ୍ପର ଡିଜାଇନ୍ ଓ ନିର୍ମାଣ, ବିଶାଖାପାଟଣା ବନ୍ଦରକୁ ସମୁଦ୍ର ଜୁଆରରୁ ରକ୍ଷା କରିବା ପାଇଁ ପ୍ରତିରୋଧକ ପ୍ରକଳ୍ପ ନିର୍ମାଣ, ମହୀଶୁର ସାବୁନ କାରଖାନାର ଯୋଜନା ପ୍ରଣୟନ ଏବଂ ନିର୍ମାଣ, ମହୀଶୂରର ଭଦ୍ରାବତୀ ଲୌହ ଏବଂ ଇସ୍ପାତ ପ୍ରକଳ୍ପ ନିର୍ମାଣ, ନଦୀବନ୍ଧ ଯୋଜନା ଏବଂ ବ୍ୟାରେଜଗୁଡ଼ିକ ପାଇଁ ସ୍ୱୟଂଚାଳିତ ଫାଟକର ନିଜ ଡିଜାଇନ୍ ଏବଂ ନିର୍ମାଣ ତାଙ୍କ କାର୍ଯ୍ୟଦକ୍ଷତାର ପ୍ରମାଣ ଦିଏ। ବ୍ରିଟିଶ ଇଞ୍ଜିନିୟରମାନେ ସାର୍ ବିଶ୍ୱେଶ୍ୱରାୟାଙ୍କ କାର୍ଯ୍ୟକୁଶଳତା ପାଇଁ ତାଙ୍କୁ ଅନେକଥର ପ୍ରଶଂସା କରିଥିଲେ। ୧୯୦୯ ମସିହାରେ ସେ ମହୀଶୂର ରାଜ୍ୟର ମୁଖ୍ୟଯନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ୧୯୧୨ ମସିହାରେ ତତ୍‌କାଳୀନ ମହୀଶୂର ମହାରାଜା ତାଙ୍କୁ ମହୀଶୂର ରାଜ୍ୟର ଦେୱାନ ଭାବେ ମନୋନୀତ କରିଥିଲେ। ତାଙ୍କ କାର୍ଯ୍ୟକାଳରେ ସେ ମହୀଶୂର ରାଜ୍ୟର ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥାର ଉନ୍ନତି ପାଇଁ ବିଶେଷ ଧ୍ୟାନ ଦେଇଥିଲେ। ୧୯୩୦ ମସିହାରେ ସାର୍ ବିଶ୍ୱେଶ୍ୱରାୟା କ୍ରିଷ୍ଣାରାଜା ସାଗର ବନ୍ଧ ଉନ୍ନୟନ ଯୋଜନାର ମୁଖ୍ୟଯନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। କାବେରୀ ନଦୀ ଉପରେ ନିର୍ମିତ ଏହି ବହୁମୁଖୀ ନଦୀବନ୍ଧ ଯୋଜନାର ଡିଜାଇନ୍ ଏବଂ ନିର୍ମାଣ କାର୍ଯ୍ୟର ସେ ବ୍ୟକ୍ତିଗତ ଭାବରେ ତଦାରଖ କରୁଥିଲେ। ଏହି ନଦୀବନ୍ଧ ଯୋଜନା ଏବଂ କେନାଲମାନ ନିର୍ମାଣ ହେବା ପରେ ସେହି ଅଞ୍ଚଳର ଜଳସେଚନ ଏବଂ କୃଷିଭିତ୍ତିକ ଯୋଜନାମାନଙ୍କରେ ବ୍ୟାପକ ଉନ୍ନତି ହୋଇଥିଲା। ଭାରତରେ ବ୍ରିଟିଶ ଶାସନ ସମୟରେ ରାଜା ପଞ୍ଚମ ଜର୍ଜ ତାଙ୍କର ବୁଦ୍ଧିମତା, କାର୍ଯ୍ୟକୁଶଳତା ଓ ସମାଜପ୍ରତି ତାଙ୍କର ଅବଦାନ ପାଇଁ ତାଙ୍କୁ "ନାଇଟ କମାଣ୍ଡର୍" ଉପାଧିରେ ଭୂଷିତ କରିଥିଲେ। ୧୯୫୫ ମସିହାରେ ଭାରତ ସରକାର ସାର୍ ବିଶ୍ୱେଶ୍ୱରାୟଙ୍କୁ "ଭାରତ ରତ୍ନ"ଉପାଧିରେ ଭୂଷିତ କରିଥିଲେ। ୧୯୬୨ ମସିହା ଏପ୍ରିଲ ୧୪ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ।

ଅବସର ପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଜଳ ସମ୍ପଦ ବିଭାଗ
ଓଡ଼ିଶା

## ଦେବଶିଳ୍ପୀ ବିଶ୍ୱକର୍ମା



ପ୍ରତିବର୍ଷ କନ୍ୟା ସଂକ୍ରାନ୍ତି ଦିନ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ଏହିଦିନ ଭଗବାନ ବିଶ୍ୱକର୍ମାଙ୍କ ଜନ୍ମ ହୋଇଥିଲା। ବିଶ୍ୱକର୍ମାଙ୍କୁ ବିଶ୍ୱର ପ୍ରଥମ ଯନ୍ତ୍ରୀ କୁହାଯାଏ। ସକଳ ଶିଳ୍ପକଳାର ସେ ଜନକ। ତାଙ୍କୁ ନିର୍ମାଣର ଅଧିଦେବତା ବୋଲି କୁହାଯାଏ। ବ୍ରହ୍ମାଙ୍କ ନିର୍ଦ୍ଦେଶନାରେ ଦେବଶିଳ୍ପୀ ବିଶ୍ୱକର୍ମା ସମଗ୍ର ସୃଷ୍ଟି ଅର୍ଥାତ ବିଶ୍ୱ ଭୁବନ ନିର୍ମାଣ କରିଥିଲେ। ଦେବତାମାନଙ୍କର ସମସ୍ତ ଶସ୍ତ୍ର, ବିମାନ ଆଦି ତାଙ୍କ ଦ୍ୱାରା ନିର୍ମିତ। ସ୍ୱର୍ଗର ଅମରାବତୀ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ। ବିଶ୍ୱକର୍ମା ଇନ୍ଦ୍ରପୁରୀ, ଦ୍ୱାରିକା, ହସ୍ତିନାପୁର, ସ୍ୱର୍ଗଲୋକ, ସ୍ୱର୍ଣ୍ଣଲଙ୍କା ଆଦି ନିର୍ମାଣ କରିଛନ୍ତି। ସେଥିପାଇଁ ଏହି ଅବସରରେ ବିଭିନ୍ନ ଯନ୍ତ୍ର ତଥା ଯନ୍ତ୍ରପାତିର ପୂଜା କରାଯାଇଥାଏ।

ଏହିଦିନ କଳକାରଖାନା ଶିଳ୍ପ ପ୍ରତିଷ୍ଠାନରେ ବିଧିବିଧାନ ସହ ଭଗବାନ ବିଶ୍ୱକର୍ମାଙ୍କୁ ପୂଜା କରାଯାଇଥାଏ। ବିଭିନ୍ନ ଶିଳ୍ପକଳାରେ ଜଡ଼ିତ ଗୋଷ୍ଠୀ ବେଶ୍ ଜାକଜମକରେ ବିଶ୍ୱକର୍ମା ପୂଜା କରିଥାନ୍ତି। ବିଶ୍ୱକର୍ମାଙ୍କୁ ପୂଜା କରିବା ଦ୍ୱାରା ଭକ୍ତମାନଙ୍କର ସମସ୍ତ ମନୋକାମନା ପୂର୍ଣ୍ଣ ହୋଇଥାଏ। ଏହାସହ ବ୍ୟବସାୟରେ ମଧ୍ୟ ସୁଧାର ଆସିଥାଏ। କେବଳ ସେତିକି ନୁହେଁ, ବିଶ୍ୱକର୍ମାଙ୍କୁ ପୂଜା କରିବା ଦ୍ୱାରା ଘରେ ଧନ ସମ୍ପତ୍ତିର ଅଭାବ ରହି ନ ଥାଏ। ଚଳିତବର୍ଷ ଏହି ପୂଜା ସେପ୍ଟେମ୍ବର ୧୭ ତାରିଖରେ ପାଳନ କରାଯିବ।

## ସ୍ୱସ୍ତି

## ଆଶ୍ୱିନ ମାସର ନିୟମ



ଏବେ ଆଶ୍ୱିନ ମାସ ଚାଲିଛି। ହିନ୍ଦୁ ଧର୍ମରେ ଆଶ୍ୱିନ ମାସର ବିଶେଷ ମହତ୍ତ୍ୱ ଅଛି। ଏହି ମାସରେ ପୂଜା-ପାଠ କରିବା ଦ୍ୱାରା ବିଶେଷ ଫଳ ପ୍ରାପ୍ତି ହୁଏ। ଏହି ମାସରେ 'ପିତୃପକ୍ଷ', ଦେବୀ ପକ୍ଷ, 'ଶାରଦୀୟ ନବରାତ୍ରୀ', 'ବିଜୟଦଶମୀ', 'ନରକ ଚତୁର୍ଦ୍ଦଶୀ' ଭଳି ପର୍ବ ପାଳନ କରାଯାଏ।

- ଆଶ୍ୱିନ ମାସ ପିତୃପକ୍ଷ ଅବଧି ମଧ୍ୟରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରିବା ଉଚିତ। ଏହା ଦ୍ୱାରା ବିଶେଷ ଫଳପ୍ରାପ୍ତି ହୁଏ।
- ସେହିପରି ପିତୃପକ୍ଷ ଶେଷ ସହ ଶାରଦୀୟ ନବରାତ୍ରୀ ଆରମ୍ଭ ହୁଏ। ଏହି ନଅଦିନ ଯାକ ମା' ଭଗବତୀଙ୍କ ଦିବ୍ୟରୂପକୁ ଉପାସନା କଲେ, ମନୋକାମନା ପୂରଣ ହୁଏ।
- ଆଶ୍ୱିନ ନବରାତ୍ର ସମୟରେ ପ୍ରତ୍ୟେକ ଦିନ ଦୁର୍ଗାସପ୍ତସତୀ ପାଠ କରିବା ଉଚିତ।
- ଏହି ମାସରେ ସ୍ନାନ-ଦାନ କରିବା ଦ୍ୱାରା ବିଶେଷ ଲାଭ ମିଳେ।
- ଏହି ମାସରେ ଗୁଡ଼ ଖାଇବା ଭଲ।
- ଆଶ୍ୱିନ ମାସରେ କ୍ଷୀର ଓ କଦଳୀ ଖାଇବା ମନା। ଏହାସହ ଆମିଷ, ବାଇଗଣ, ଚଣା, ସୋରିଷ ଶାଗ ନ ଖାଇବା ଭଲ।

## ପିତୃକର୍ମରେ ପଞ୍ଚବଳି ଶ୍ରାଦ୍ଧର ମହତ୍ତ୍ୱ

ଚାଲିଛି ପିତୃପକ୍ଷ। ଏହି ୧୬ ଦିନ ସମ୍ପୂର୍ଣ୍ଣ ପିତୃପୁରୁଷଙ୍କୁ ସମର୍ପିତ। ଲୋକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ପୂର୍ବପୁରୁଷଗଣ ପିତୃଲୋକ ତ୍ୟାଗ କରି ନିଜ ନିଜର ଉତ୍ତର ପୁରୁଷଙ୍କ ଘରେ ଅବସ୍ଥାନ କରିଥାନ୍ତି। ଏହିପକ୍ଷରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରାଯାଏ। ଏହି ପିତୃକର୍ମରେ ପଞ୍ଚବଳି ଶ୍ରାଦ୍ଧର ବିଶେଷ ମହତ୍ତ୍ୱ ଅଛି। ଏହା ବିନା ପିତୃକର୍ମ ଅନୁଷ୍ଠାନ ପୂରା ହୁଏ ନାହିଁ।

ଧାର୍ମିକ ମାନ୍ୟତାନୁସାରେ, ପିତୃପକ୍ଷରେ ପୂର୍ବପୁରୁଷମାନେ ପଶୁପକ୍ଷୀଙ୍କ ରୂପରେ ଆସନ୍ତି। ଦିଆଯାଉଥିବା ଶ୍ରାଦ୍ଧକୁ ସେମାନେ ଏହି ରୂପରେ ସ୍ୱୀକାର କରନ୍ତି। ଏଥିରେ ତୃପ୍ତ ତଥା ପ୍ରସନ୍ନ ହୋଇ ସେମାନେ ପରିବାରକୁ ଆଶୀର୍ବାଦ ଦିଅନ୍ତି। ଶ୍ରାଦ୍ଧ ଭୋଜନ ପ୍ରସ୍ତୁତି ସମୟରେ କିଛି ଭାଗ ପିତୃପୁରୁଷଙ୍କ ପାଇଁ ଅଲଗା ରଖାଯାଏ। ଏହି ଭୋଜନକୁ ଅଲଗା ଅଲଗା ଭାଗରେ ବଣ୍ଟନ କରି ଗାଈ, କୁକୁର, କାଉ, ପିମ୍ପୁଡ଼ି, ଦେବତାଙ୍କୁ ଅର୍ପଣ କରାଯାଏ। ଏହି ପାଞ୍ଚ ଜଣଙ୍କ ପାଇଁ ଭୋଜନର ଯେଉଁ ଅଂଶ କାଢ଼ି ଅର୍ପଣ କରାଯାଏ, ଏହାକୁ ପଞ୍ଚବଳି କର୍ମ ବା ପଞ୍ଚବଳି ଶ୍ରାଦ୍ଧ କୁହାଯାଏ। ଏଠାରେ ବଳିର ଅର୍ଥ କୌଣସି ପ୍ରାଣୀ ବଳି କଥା କୁହାଯାଇ ନାହିଁ, ବରଂ ପିତୃପୁରୁଷଙ୍କ ନିମିତ୍ତ ୫ ଭାଗରେ ଆହର ଅର୍ପଣ କରିବାର ଏହା ହେଉଛି ପରମ୍ପରା। ଯାହା ମାଧ୍ୟମରେ ପିତୃପୁରୁଷ ତୃପ୍ତ ହୁଅନ୍ତି। ପଞ୍ଚବଳି କର୍ମ କରିବାର ବିଧି ମଧ୍ୟ ରହିଛି। ପଞ୍ଚବଳିରେ ୫ ଭାଗର ଅଲଗା ମହତ୍ତ୍ୱ ଅଛି। ଏଥିରେ କୁକୁର ଜଳ ତତ୍ତ୍ୱର ପ୍ରତୀକ ହୋଇଥିବା ବେଳେ ପିମ୍ପୁଡ଼ି ଅଗ୍ନି ତତ୍ତ୍ୱର, କାଉ ବାୟୁ ତତ୍ତ୍ୱର, ଗାଈ ପୃଥିବୀର ପ୍ରତିନିଧିତ୍ୱ କରୁଥିବା ବେଳେ ଦେବତା ଆକାଶର ପ୍ରତୀକ ହୋଇଥାନ୍ତି। ତେବେ ମାନବ ଶରୀର ଏହି ପଞ୍ଚ ତତ୍ତ୍ୱର ମିଶ୍ରଣରେ ତିଆରି ଏବଂ ମୃତ୍ୟୁ ପରେ ଶରୀର ଏହି ପଞ୍ଚ ତତ୍ତ୍ୱରେ ବିଲୀନ ହୋଇଥାଏ। ତେଣୁ ପଞ୍ଚବଳି ଶ୍ରାଦ୍ଧ ମାଧ୍ୟମରେ ଭୋଜନ ଏବଂ ଜଳ ଅର୍ପଣ କରାଯାଏ।



## ପିତୃପୁରୁଷଙ୍କୁ ପିଣ୍ଡଦାନ

**ଆଶ୍ୱିନ କୃଷ୍ଣ ପକ୍ଷ ପିତୃପକ୍ଷ ଭାବେ ପରିଚିତ। ଏହି ପକ୍ଷର ଶେଷଦିନ ଅର୍ଥାତ୍ ଅମାବାସ୍ୟା ତିଥିକୁ 'ମହାଳୟା' ଭାବେ ପାଳନ କରାଯାଏ। ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଏହିଦିନ ଅପରପକ୍ଷର ଶେଷ ଶ୍ରାଦ୍ଧ ଅର୍ପଣ କରାଯାଉଥିବାରୁ ଏହାକୁ ପିତୃପର୍ବ ବୋଲି କୁହାଯାଏ। ମହାଳୟା ଅମାବାସ୍ୟାରେ ପିତୃକୁଳ ଏବଂ ମାତୃକୁଳଙ୍କୁ ପିଣ୍ଡଦାନ କରାଯାଏ। ପିଣ୍ଡଦାନ ଦ୍ୱାରା ପରଲୋକଗତ ଆତ୍ମାର ସଦ୍‌ଗତି ପ୍ରାପ୍ତି ହୋଇଥାଏ। ତେବେ ଧାର୍ମିକ ପରମ୍ପରା ଅନୁସାରେ, ପିତୃପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧକର୍ମ ମଧ୍ୟରେ ମହାଳୟା ସବୁଠୁ ଶ୍ରେଷ୍ଠ।**

ମହାଳୟାକୁ 'ସାମ୍ବତ୍ସରିକ ଶ୍ରାଦ୍ଧ', 'ପାର୍ବଣ ଶ୍ରାଦ୍ଧ' ଏବଂ 'ମଉଳା ଶ୍ରାଦ୍ଧ' ମଧ୍ୟ କୁହାଯାଏ। ଯଦି କୌଣସି ବ୍ୟକ୍ତି ନିଜ ପୂର୍ବପୁରୁଷଙ୍କ ଦେହାନ୍ତ ତିଥି ମନେ ରଖି ନାହାନ୍ତି, ସେମାନଙ୍କ ଶ୍ରାଦ୍ଧକର୍ମ ପିତୃପକ୍ଷର ଶେଷଦିନ ଅର୍ଥାତ୍ ମହାଳୟା ଅମାବାସ୍ୟାରେ କରାଯିବ ଉଚିତ। ମହାଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ପ୍ରଜାପତି, ଆଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଃଷ୍ଟୟ ଏବଂ ପୃଥିବୀ ଇତ୍ୟାଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ, ସନତ, ସନ୍ଦନ, ସନାତନ, କପିଳ, ଆସୁରୀ, ଭୋଢୁ ଏବଂ ପଞ୍ଚଶିଖ ଇତ୍ୟାଦି ସପ୍ତ ଋଷିଙ୍କୁ ଦୁଇଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନିଥର ତର୍ପଣରେ ଆପ୍ୟାୟିତ କରାଯାଏ। ପିତୃ ତର୍ପଣରେ ପିତାଙ୍କୁ ରୁଦ୍ର ରୂପେ, ପିତାମହଙ୍କୁ ବସୁ ରୂପେ ଏବଂ ପ୍ରପିତାମହଙ୍କୁ ଆଦିତ୍ୟ ରୂପେ କଳ୍ପିତ କରାଯାଏ। ପିଣ୍ଡଦାତାଙ୍କ ଆଳୟରେ ସର୍ବଦେବ, ଋଷି ଏବଂ ପିତୃପୁରୁଷଙ୍କ ଉପସ୍ଥିତି ହେତୁ ଏହାକୁ ମହାଳୟା ଶ୍ରାଦ୍ଧ କୁହାଯାଏ।

କିମ୍ବଦନ୍ତୀ ଅନୁସାରେ, ମହାଦାନୀ କର୍ଣ୍ଣଙ୍କର ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୁପା ମିଳିଥିଲା। କିନ୍ତୁ ଖାଦ୍ୟ ଦିଆଯାଇ ନ ଥିଲା। କାରଣ ସେ ଜୀବିତାବସ୍ଥାରେ କେବେ ଅନ୍ନଦାନ କରି ନ ଥିଲେ। ଯମରାଜଙ୍କୁ ପ୍ରାର୍ଥନା କରି ସେ ଚଉଦ ଦିନ ପାଇଁ ମର୍ତ୍ତ୍ୟମଣ୍ଡଳକୁ ଆସି ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ କରିଥିଲେ। ଫଳରେ ଯମପୁର ଫେରିବା ପରେ ତାଙ୍କୁ ଆଉ ଅନ୍ନରୁ ବଞ୍ଚିତ କରାଯାଇ ନ ଥିଲା। ତେବେ ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନ ଥିଲା ପିତୃପକ୍ଷ। ଏହି ଶ୍ରାଦ୍ଧରେ ସନ୍ତୁଷ୍ଟ ହେଲେ ପିତୃଗଣ ସେମାନଙ୍କ ଦାୟାଦମାନଙ୍କୁ ଆଶୀର୍ବାଦ ଢ଼ାଳିଥାନ୍ତି ବୋଲି ମାର୍କଣ୍ଡ ପୁରାଣରେ ଉଲ୍ଲେଖ ରହିଛି। ପିତୃପକ୍ଷରେ ଗୟାରେ ପିଣ୍ଡଦାନର ବିଶେଷ ମହତ୍ତ୍ୱ ରହିଥାଏ। ସେହିପରି ଓଡ଼ିଶାର ବିଭିନ୍ନ ଘାଟରେ ପିଣ୍ଡଦାନ କରିବାର ପରମ୍ପରା ଅଛି। ଅନ୍ୟପଟେ ମହାଳୟା ପରଦିନରୁ ଆଶ୍ୱିନ ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହୋଇଥାଏ ନବରାତ୍ରୀ।

## ଏସିଆ କପ୍ କ୍ରିକେଟ୍: ଫେଲ୍ ମାରିଲେ ପାକିସ୍ତାନୀ ବ୍ୟାଟର୍

# ଭାରତର ପ୍ରଭାବଶାଳୀ ବୋଲିଂ

ଦୁବାଇ,୧୪।୯ (ଏଜେନ୍ସି)

ଏସିଆ କପ୍‌ର ସବୁଠାରୁ ହାଇଭୋଲଟେଜ୍ ମୁକାବିଲାରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଦଳ ଟସ୍ ଜିତି ବ୍ୟାଟିଂ ନେବା ପରେ ୧୩ ଓଭର ଖେଳ ଶେଷ ସୁଦ୍ଧା ଦଳ ୬ ୱିକେଟରେ ୬୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଯୁବ ଓପନର ସାହିବଜାଦା ଫରହାନ ୨୫ ଓ ଫହିମ ଅଶ୍ରଫ ୧ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଦଳ ପକ୍ଷରୁ ଓପନର ସାଏମ ଆୟୁବ ୦, ମହମ୍ମଦ୍ ହାରିସ ୩, ଅଧିନାୟକ ସଲମାନ ଅଲି ଆଘା ୩, ସବୁଠାରୁ ଅଭିଜ୍ଞ ଖେଳାଳି ଫକର ଜମାନ ୧୭, ହାସନ ନୱାଜ ୫ ଓ ମହମ୍ମଦ୍ ନୱାଜ ୦ ରନ୍ କରି ଆଉଟ ହୋଇଛନ୍ତି। ଭାରତ ପକ୍ଷରୁ ଦୁଇ ସ୍ପିନର ଅକ୍ଷର ପଟେଲ ଓ କୁଲଦୀପ ଯାଦବ ୨ଜଣ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମ୍ରା ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଏଠାରେ ପ୍ରଥମ ମ୍ୟାଚ୍ ଖେଳି ସହଜରେ ଜିତିଥିବା ଉଭୟ ଦଳ କୌଣସି ଖେଳାଳି ପରିବର୍ତ୍ତନ ନ କରି ଏଠାରେ ପଡ଼ିଆକୁ ଓହ୍ଲାଇଛନ୍ତି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-୪'କୁ ଉନ୍ନିତ ହେବେ। ଗ୍ରୁପ୍-ଏ'ରେ ଭାରତ ଓ ପାକିସ୍ତାନ ସୁପର-୪'କୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ହେଲେ ସୁପର-୪'ରେ ଏମାନେ ପୁଣିଥରେ ପରସ୍ପର ସହ ମୁକାବିଲା କରିବେ ବୋଲି ଆଶା କରାଯାଉଛି। ସୁପର-୪ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ। ଭାରତ ଓ ପାକିସ୍ତାନ ଯଦି ସୁପର-୪ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରନ୍ତି, ତେବେ ଫାଇନାଲରେ ଏବଂ ତୃତୀୟ ଥର ଏହି ଟୁର୍ଣ୍ଣାମେଣ୍ଟରେ ମୁକାବିଲା କରିବାର ସୁଯୋଗ ପାଇବେ।




### ■ ପ୍ରଥମ ବଲ୍‌ରେ ୱିକେଟ

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ପାକିସ୍ତାନ ପ୍ରଥମ ବୈଧ ବଲ୍‌ରେ ଓପନର ଆୟୁବଙ୍କ ୱିକେଟ ହରାଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌କୁ ମାରିବାକୁ ଯାଇ ପଏଣ୍ଟ ଅଞ୍ଚଳରେ ଯଶପ୍ରୀତ୍ ବୁମ୍ରାଙ୍କ ହାତରେ ଧରାପଡ଼ିଥିଲେ ଆୟୁବ। ସେ ଖାତା ଖୋଲି ପାରି ନ ଥିଲେ, କିନ୍ତୁ ପ୍ରଥମ ବଲ ୱାଇଡ୍ ହୋଇଥିବାରୁ ପାକିସ୍ତାନ ୧ ରନ୍ କରିଥିଲା। ଏହାର ପର ଓଭରରେ ମଧ ମହମ୍ମଦ୍ ହାରିସ ମଧ ୩ ରନ୍ କରି ଆଉଟ ହୋଇଥିଲେ। ସେ ବୁମ୍ରାଙ୍କ ବୋଲିଂରେ ହାର୍ଦ୍ଦିକଙ୍କ ହାତରେ ଧରା ପଡ଼ିଥିଲେ। ଫରହାନ ଓ ଫକର ତୃତୀୟ ୱିକେଟରେ ୩୯ ରନ୍ ଉଠାଇ ୱିକେଟ ପତନର ଧାରାକୁ କିଛି ସମୟ ଅଟକାଇଥିଲେ। କିନ୍ତୁ ପାକିସ୍ତାନର କୌଣସି ବ୍ୟାଟର ବ୍ୟାଟିଂ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ସେମାନଙ୍କ ଖେଳରୁ ଜଣାପଡୁଥିଲା।

### ■ ବୁମ୍ରାଙ୍କୁ ଡବଲ ଛକା

ଏହି ମ୍ୟାଚ୍‌ରେ ପାକିସ୍ତାନର ଯୁବ ଓପନର ସାହିବଜାଦା ଫରହାନ ବିଶ୍ୱର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରାଙ୍କୁ ୨ଟି ବିରାଟ ଛକା ମାରିଥିଲେ। ଏହା ନିଶ୍ଚିତପକ୍ଷେ ସାହାସିକ ବ୍ୟାଟିଂ। ପାକିସ୍ତାନ ବିପକ୍ଷରେ ବୁମ୍ରା ଏହା ପୂର୍ବରୁ ଖେଳିଥିବା କ୍ରମାଗତ ୫ଟି ମ୍ୟାଚ୍‌ରେ କେହି ଛକା ମାରିବାରେ ସମର୍ଥ ହୋଇଥିଲେ।

### ଫାଙ୍କା ପଡ଼ିଲା ଷ୍ଟାଡିୟମ୍

ଦୁବାଇ: ଏଠାରେ ଆଜି ଖେଳାଯାଇଥିବା ଭାରତ ଓ ପାକିସ୍ତାନ କ୍ରିକେଟ ମୁକାବିଲାରେ ଷ୍ଟାଡିୟମ୍ ଫାଙ୍କା ପଡ଼ିବାର ଦେଖାଯାଇଥିଲା। ଯେଉଁ ମ୍ୟାଚ୍ ଦେଖିବା ଲାଗି ଦୁଇ ଦେଶର ସମର୍ଥକଙ୍କ ସମେତ ବାହାର ଦେଶର ଦର୍ଶକ ଅପେକ୍ଷା କରିଥାନ୍ତି, ସେହି ମ୍ୟାଚ୍‌ରେ ୨୫,୦୦୦ କ୍ଷମତା ବିଶିଷ୍ଟ ଷ୍ଟାଡିୟମ୍ ଫାଙ୍କା ପଡ଼ିବା ନିଶ୍ଚିତ ଭାବେ ଏହି ମୁକାବିଲା ପ୍ରତି ଆକର୍ଷଣ କମିଯାଇଛି। ବିଶେଷକରି ପହଲଗାମ୍‌ରେ ଭାରତୀୟ ପର୍ଯ୍ୟଟକଙ୍କୁ ପାକିସ୍ତାନୀ ସନ୍ତ୍ରାସବାଦୀଙ୍କ ହତ୍ୟା, ଏହା ବିରୋଧରେ ଭାରତୀୟଙ୍କ କ୍ରୋଧ ଏହି ମ୍ୟାଚ୍ ପ୍ରତି ଆକୃଷ୍ଟ ନ ହେବାକୁ ସ୍ୱତଃସ୍ଫୂର୍ତ୍ତ ପ୍ରବର୍ତ୍ତାଇଛି। ମ୍ୟାଚ୍‌କୁ ବୟକଟ କରିବାକୁ ମୃତ ପର୍ଯ୍ୟଟକଙ୍କ ପରିବାରର ନିବେଦନ, ଷ୍ଟାଡିୟମ୍‌ରେ ଅହେତୁକ ଟିକଟ ବୃଦ୍ଧି (ପ୍ୟାକେଜ ସିଷ୍ଟମ) ମଧ ଦର୍ଶକଙ୍କୁ ଷ୍ଟାଡିୟମ୍‌ରୁ ମୁହଁ ଫେରାଇନେବାକୁ ଖୋରାକ ଯୋଗାଇଛି। ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ହୋଇଥିବାରୁ ଆର୍‌ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବ। କେବଳ ଏହି ମ୍ୟାଚ୍ ନୁହେଁ ପ୍ୟାକେଜ ସିଷ୍ଟମ ଯୋଗୁଁ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ଉପସ୍ଥିତି ଅତି ନଗଣ୍ୟ ହୋଇଛି। ଦର୍ଶକଙ୍କ ଅନୁପସ୍ଥିତି ସତ୍ତ୍ୱେ ଉଭୟ ଦେଶର ସମର୍ଥକ ଏହି ମ୍ୟାଚ୍‌କୁ ଟେଲିଭିଜନରେ ଉପଭୋଗ କରିଛନ୍ତି।

DP WORLD ASIA CUP
ଆଜିର ମ୍ୟାଚ୍
ୟୁଏଇ-ଓମାନ୍
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ସନ୍ଧ୍ୟା ୫.୩୦
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

### ■ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## ଟାଇଗର୍ସ-ପାନ୍ଥର୍ସ ଉଦ୍‌ଘାଟନୀ ମୁକାବିଲା

କଟକ,୧୪।୯ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୭ରୁ କଟକ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଖେଳାଯିବ। ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ନେତୃତ୍ୱାଧୀନ ଭୁବନେଶ୍ୱର ଟାଇଟନ୍ସ ଏବଂ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହେବ। ପ୍ରଥମ ଦିବସରେ ଗୋଟିଏ ମ୍ୟାଚ୍ ରହିଛି। ପରେ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୨ଟି ଲେଖାଏ ଲିଗ୍ ମ୍ୟାଚ୍ ଖେଳାଯିବ। ୨୫ ତାରିଖରେ ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଏବଂ ୨୬ ତାରିଖରେ ଫାଇନାଲ ମୁକାବିଲା ହେବ ବୋଲି ଆଜି ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ବିଜୟ ଦ୍ୱାରରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୪।୯ (ଏଜେନ୍ସି): କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲା ଏକତରଫା ଭାବେ ଶେଷ ହେବା ଦ୍ୱାରରେ ପହଞ୍ଚିଛି। ସୋମବାର ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସ ହୋଇଥିବାବେଳେ କେନ୍ଦ୍ରାଞ୍ଚଳ ସାମ୍ନାରେ ବିଜୟ ଲକ୍ଷ୍ୟ ମାତ୍ର ୬୫ ରନ ରହିଛି। ତେଣୁ ୧୧ ବର୍ଷ ପରେ ଏହି ସମ୍ମାନଜନକ ଟ୍ରଫି ଜିତିବା ଲାଗି କେନ୍ଦ୍ରାଞ୍ଚଳ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ଶେଷଥର ଲାଗି କେନ୍ଦ୍ରାଞ୍ଚଳ ୨୦୧୪-୧୫ ସିଜନରେ ଦୁଲୀପ୍ ଟ୍ରଫି ବିଜୟୀ ହୋଇଥିଲା। ୩୬୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍‌ରେ ୧୨୯ ରନ କରିଥିଲା। ରବିବାର ଚତୁର୍ଥ ଦିବସରେ ଦକ୍ଷିଣାଞ୍ଚଳର ବ୍ୟାଟର୍‌ମାନେ ମିଳିତ ଭାବେ ଲଢୁଆ ପ୍ରଦର୍ଶନ କରିବାରୁ ଦଳ ୪୨୬ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ଫଳରେ କେନ୍ଦ୍ରାଞ୍ଚଳ ଆଗରେ ୬୫ ରନର ଛୋଟିଆ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଦ୍ୱିତୀୟ ପାଳିରେ ଦକ୍ଷିଣାଞ୍ଚଳ ପକ୍ଷରୁ ଅଙ୍କିତ ଶର୍ମା ୯୯, ଆନ୍ଦ୍ରେ ସିଦ୍ଧାର୍ଥ ୮୪, ସ୍ମରଣ ରବିଚନ୍ଦ୍ରନ ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପୂର୍ବରୁ ଏହି ମ୍ୟାଚରେ ଦକ୍ଷିଣାଞ୍ଚଳ ପ୍ରଥମ ପାଳିରେ ୧୪୯ ଓ କେନ୍ଦ୍ରାଞ୍ଚଳ ୫୧୧ ରନ କରିଥିଲା।

## ଡେଭିସ୍ କପ୍ ମୁଖ୍ୟ ଡ୍ର'ରେ ଭାରତ


ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ସ୍ୱିଜରଲାଣ୍ଡକୁ ୩-୧ ରେ ପରାସ୍ତ କରି ଭାରତ ୱାର୍ଲ୍ଡ ଗ୍ରୁପ୍-୧ ଡେଭିସ୍ କପ୍ ମୁକାବିଲା ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହା ଫଳରେ ଭାରତ ବିଦେଶ ମାଟିରେ ୧୯୯୩ ପରେ ପ୍ରଥମଥର କୌଣସି ୟୁରୋପୀୟ ଦେଶକୁ ପରାସ୍ତ କରିବାର ଗୌରବ ଲାଭ କରିଛି। ୧୯୯୩ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସକୁ ଶେଷଥର ଲାଗି ବିଦେଶ ମାଟିରେ ପରାସ୍ତ କରିଥିଲା। ସେହିପରି କୌଣସି ୟୁରୋପୀୟ ଦଳକୁ ଯଥା ଡେନ୍‌ମାର୍କକୁ ୨୦୨୨ ଦିଲ୍ଲୀରେ ହରାଇଥିଲା।

## ସୁଟିଂ ବିଶ୍ୱକପ୍‌ରେ ଭାରତ ୫ମ



ନିନ୍‌ବୋ,୧୪।୯ (ଏଜେନ୍ସି): ଭାରତର ମେଘନା ସାଜନର ଚୀନର ନିନ୍‌ବୋରେ ଚାଲିଥିବା ବର୍ଷର ଶେଷ ଟୁର୍ଣ୍ଣାମେଣ୍ଟ ବା ଆଇଏସ୍ଏସ୍ଏଫ୍ ସୁଟିଂ ବିଶ୍ୱକପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଇଶା ସିଂ ସ୍ୱର୍ଣ୍ଣପଦକ ଜିତିଥିଲାବେଳେ ଭାରତ ଏହି ପ୍ରତିଯୋଗିତାରେ ୫ମ ସ୍ଥାନ ଅଧିକାର କରିଛି। ୩ ସ୍ୱର୍ଣ୍ଣ ସହ ଚୀନ୍ ପ୍ରଥମ ଓ ୨ ସ୍ୱର୍ଣ୍ଣ ସହ ନରୱେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ପ୍ରତିଯୋଗିତାରେ ୧୦ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ସ୍କୁଲ ଚେସ୍‌ରେ ଶିବମ୍ ବିଜେତା




ଭୁବନେଶ୍ୱର,୧୪।୯ (ସମିସ): ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଜେଭି ଶିବମ ସ୍ୱିଗ୍ରା ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତାରେ ବିଜେତା ହୋଇଛନ୍ତି। ସେ ଗୋଟିଏ ଦିନରେ ଖେଳାଯାଇଥିବା ୫ ରାଉଣ୍ଡ ବିଶିଷ୍ଟ ଖେଳରେ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଟକର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍, ପଟିଆର ଦିବ୍ୟାଂଶୁ ପଶାୟତ ତୃତୀୟ, ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ଚତୁର୍ଥ ଓ ଆୟୋଜକ ଚନ୍ଦ୍ରଶେଖରପୁର ଡିଏଭିର ଆଶୁତୋଷ ଅରୁଣ ଦାସ ୫ମ ସ୍ଥାନ ଅଧିକାର କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ ସ୍ୱିଗ୍ରା ଏକାଡେମୀର ଏମ୍‌ଡି ବିଚିତ୍ରା ରଥ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ମନୋଜ କୁମାର ବେହେରା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏକାଡେମୀ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍

## ଭାରତର ଜୟସ୍ମିନ, ମିନାକ୍ଷୀଙ୍କୁ ସ୍ୱର୍ଣ୍ଣ






ନୂଆଦିଲ୍ଲୀ,୧୪।୯ (ଏଜେନ୍ସି): ଇଂଲଣ୍ଡର ଲିଭରପୁଲଠାରେ ଶେଷ ହୋଇଥିବା ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ଭାରତର ଦୁଇ ମହିଳା ପ୍ରତିଯୋଗୀ ଜୟସ୍ମିନ୍ ଲାମ୍ବୋରିଆ ଓ ମିନାକ୍ଷୀ ହୁଡା ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଏମାନେ ଭାରତର ପ୍ରଥମ ଦୁଇ ମହିଳା ଯିଏକି ଚଳିତ ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହେବାରେ ଗୌରବ ଲାଭ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ଆଉ ଦୁଇ ଜଣ ମହିଳା ପ୍ରତିଯୋଗୀ ନୁପୁର ରୌପ୍ୟ ଓ ପୂଜା ରାଣୀ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ଭାରତ ଏହି ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ସହ ମୋଟ ୪ଟି ପଦକ ଜିତି ସମ୍ମାନର ସହ ସ୍ୱଦେଶ ଫେରିଛି। କିନ୍ତୁ ପ୍ରଥମଥର ଲାଗି ପୁରୁଷ ବକ୍ସରମାନେ ଗୋଟିଏ ହେଲେ ପଦକ ଜିତିବାକୁ ସମର୍ଥ ହୋଇନାହାନ୍ତି।

ଶନିବାର ରାତି ଥିଲା ଭାରତୀୟ ମହିଳା ବକ୍ସିଂ ଲାଗି ଇତିହାସର ଦିନ। ଏହି ଦିନ ମହିଳା ୫୭ କିଲୋଗ୍ରାମ ଲଢ଼େଇରେ ଜୟସ୍ମିନ୍ ଅଲିମ୍ପିକ ରୌପ୍ୟ ପଦକ ବିଜେତା ପୋଲାଣ୍ଡର ଯୁଲିଆ ଜେରେମେଟାଙ୍କୁ ପରାସ୍ତ କରି ପ୍ରଥମଥର ଲାଗି ସ୍ୱର୍ଣ୍ଣପଦକ ଜିତିବା ସହ ଇତିହାସ ସୃଷ୍ଟି କରିଥିଲେ। ଏହା ପରେ ମହିଳା ୮୦ କେଜିରୁ ଉର୍ଦ୍ଧ୍ୱ ବିଭାଗ ଫାଇନାଲରେ ନୁପୁର ହାରିଯିବାରୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ରବିବାର ପ୍ରତିଯୋଗିତାର ଶେଷ ଦିନରେ ମିନାକ୍ଷୀ ୪୮ କିଲୋଗ୍ରାମ୍ ଶ୍ରେଣୀରେ ସ୍ୱର୍ଣ୍ଣପଦକ ଜିତି ଭାରତର ଗୌରବକୁ ଆହୁରି ବଢ଼ାଇଦେଇଥିଲେ। ଫାଇନାଲରେ ସେ କାଜାକସ୍ତାନର ନାଜିମ କିଜେବେଙ୍କୁ ୪-୧ରେ ପରାସ୍ତ କରିଥିଲେ। ଜୟସ୍ମିନ୍ ମଧ ୪-୧ ବ୍ୟବଧାନରେ ଜିତିଥିଲେ। ୨୦୨୨ ଏସିଆନ୍ ଚାମ୍ପିଅନସିପ୍‌ରେ ମିନାକ୍ଷୀ ରୌପ୍ୟ ପଦକ ଜିତିଥିଲେ। ଉଭୟ ଜୟସ୍ମିନ୍ ଓ ମିନାକ୍ଷୀ ହରିଆଣାର ବାସିନ୍ଦା। ଜୟସ୍ମିନ୍ ଜଣେ ବକ୍ସିଂ ପରିବାରୀଚ ଆସିଥିଲାବେଳେ ମିନାକ୍ଷୀ ଜଣେ ଅଟୋ ଡ୍ରାଇଭରଙ୍କ ଝିଅ। ଏମାନଙ୍କ ସଫଳତା ଭାରତର ମହିଳା ବକ୍ସିଂକୁ ଆଉ ପାଦେ ଆଗେଇ ନେବାରେ ସହାୟତା କରିବ। ଏମାନଙ୍କ ପୂର୍ବରୁ ଭାରତର ମେରୀ କମ୍ ୬ଥର, ନିଖତ ଜରିନ୍ ୨ଥର, ସରିତା ଦେବୀ, ଜେନ୍ନି ଆର୍‌ଏଲ୍, ନୀତୁ ଘାଙ୍ଗାସ, ଲଭଲିନା ବୋରୋଗୋହାଇଁ ଓ ସ୍ୱିଟି ବୋରା ଥରେ ଲେଖାଏଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି।

### ମହିଳା ଦିନିକିଆ ସିରିଜ୍

## ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠୁ ହାରିଲା ଭାରତ

ଚଣ୍ଡିଗଡ଼, ୧୪।୯ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ରବିବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଭାରତ ପରାସ୍ତ ହୋଇଛି। ଭାରତୀୟ ମହିଳା କ୍ରିକେଟ୍ ଦଳ ଏହି ମ୍ୟାଚକୁ ୮ ୱିକେଟ୍‌ରେ ହାରିଯାଇଥିଲା। ଭାରତ ପକ୍ଷରୁ ଧାର୍ଯ୍ୟ ୨୮୧ ରନର ବଡ଼ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୪୪.୧ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ବିଜୟୀ ଅଷ୍ଟ୍ରେଲିଆ ମହିଳା ଦଳ ପକ୍ଷରୁ ଓପନର୍ ଫୋଏବ ଲିଚଫିଲ୍ଡ (୮୮ ରନ), ବେଥ୍ ମୁନୀ (୭୭) ଓ ଆନାବେଲ୍ ସଦରଲାଣ୍ଡ (୫୪) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭାରତୀୟ ଖେଳାଳିମାନେ ଦୁର୍ବଳ ଫିଲ୍ଡିଂ କରି ଏକାଧିକ କ୍ୟାଚ୍ ହାତଛଡ଼ା କରିବା ମହଙ୍ଗା ପଡ଼ିଥିଲା। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ମହିଳା ଦଳ ସମସ୍ତ ବ୍ୟାଟର୍‌ଙ୍କ ଉପଯୋଗୀ ପାଳି ଯୋଗୁ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୧ ରନ କରିଥିଲା। ବ୍ୟାଟିଂକ୍ରମର ପ୍ରଥମ ୩ଜଣ ବ୍ୟାଟର୍ ପ୍ରତିକା ରାୱଲ ୬୪, ସ୍ମୃତି ମନ୍ଧାନା ୫୮ ଓ ହର୍ଲିନ ଦେଓଲ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପରାଜୟ ସହ ଭାରତ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ପଛୁଆ ରହିଛି। ଦ୍ୱିତୀୟ ମ୍ୟାଚ୍ ବୁଧବାର ଖେଳାଯିବ।




### ମନ୍ଧାନାଙ୍କ ୧୫୦ତମ ମ୍ୟାଚ୍

୧- ମନ୍ଧାନାଙ୍କ ଏହା ୧୫୦ତମ ମ୍ୟାଚ୍ ଥିଲା। ମିତାଲି ରାଜ (୨୩୨ଟି) ଓ ଝୁଲଣ ଗୋସ୍ୱାମୀ (୨୦୪)ଙ୍କ ପରେ ୩ୟ ଭାରତୀୟ ଭାବେ ସେ ୧୫୦ ଦିନିକିଆ ମ୍ୟାଚ୍ ଖେଳିବା କ୍ଲବରେ ସାମିଲ ହୋଇଛନ୍ତି।

୨- ମନ୍ଧାନା ଓ ପ୍ରତିକା ଓପନିଂ ୱିକେଟ୍‌ରେ ୧୧୪ ରନ ସଂଗ୍ରହ କରିଥିଲେ। ଦିନିକିଆରେ ଏହି ଯୋଡ଼ି ୫ମଥର ଲାଗି ଶତକୀୟ ଭାଗୀଦାରି ଗଢ଼ିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ୱିକେଟ୍‌ରେ ମଧ ଏହା ଭାରତର ସର୍ବାଧିକ ଭାଗୀଦାରି।

୩- ଦିନିକିଆ କ୍ରିକେଟ୍‌ରେ ୬ଷ୍ଠଥର ଲାଗି ଭାରତର ପ୍ରଥମ ୩ଜଣ ଖେଳାଳି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ହଂକଂ ଓପନ୍‌ରେ ଭାରତକୁ ୨ ରୌପ୍ୟ

### ଫାଇନାଲ୍‌ରେ ନିରାଶ କଲେ ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ






ନୂଆଦିଲ୍ଲୀ, ୧୪।୯ (ଏଜେନ୍ସି): ପାଞ୍ଚଲକ୍ଷ ଡଲାର ପୁରସ୍କାର ରାଶିବିଶିଷ୍ଟ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନରେ ଭାରତ ଦୁଇଟି ରୌପ୍ୟ ପଦକ ବିଜୟୀ ହୋଇଛି। ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ଏବଂ ଡବଲ୍ସରେ ସାତ୍ତ୍ୱିକସାଇରାଜନ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଫାଇନାଲରେ ପରାସ୍ତ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫାଇନାଲରେ ଲକ୍ଷ୍ୟ ୧୫-୨୧, ୧୨-୨୧ ସିଧାସଳଖ ଗେମରେ ଚୀନର ଲି ଶି ଫେଙ୍ଗ୍‌ଙ୍କ ନିକଟରୁ ହାରି ରନର୍ସଅପ୍ ହୋଇଥିଲେ। ଚଳିତ ବର୍ଷ ଲକ୍ଷ୍ୟଙ୍କ ଏହା ପ୍ରଥମ ଫାଇନାଲ ଥିଲା। ସେହିଭଳି ପୁରୁଷ ଡବଲ୍ସ ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୯, ୧୪-୨୧, ୧୭-୨୧ରେ ଚୀନର ଲିଆଙ୍ଗ୍ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କଠାରୁ ହାରିଯାଇଥିଲେ। ଏଥିପୂର୍ବରୁ ସାତ୍ତ୍ୱିକ-ଚିରାଗ ଯୋଡ଼ି ନିକଟରେ ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

## ଏସିଆ କପ୍ ମହିଳା ହକିରେ ଭାରତ ରନର୍ସଅପ୍

ହାଙ୍ଗଝୋଉ, ୧୪।୯ (ଏଜେନ୍ସି)

ମହିଳା ଏସିଆ କପ୍ ହକିର ଏକାଦଶ ସଂସ୍କରଣରେ ଆୟୋଜକ ଚୀନ ଚାମ୍ପିଅନ ହୋଇଛି। ରବିବାର ଖେଳାଯାଇଥିବା ଏକତରଫା ଫାଇନାଲରେ ଭାରତୀୟ ମହିଳା ଦଳ ୧-୪ ଗୋଲ୍‌ରେ ଚୀନ ନିକଟରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଚାମ୍ପିଅନ ସହ ଚୀନ ଆସନ୍ତାବର୍ଷ ବେଲ୍‌ଜିୟମ ଓ ନେଦରଲାଣ୍ଡସରେ ମିଳିତ ଭାବେ ଖେଳାଯିବାକୁ ଥିବା ଏଫ୍ଆଇଏଚ୍ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ସପ୍ତମ ଦେଶ ଭାବେ ଚୀନ ଆଗାମୀ ମହିଳା ହକି ବିଶ୍ୱକପ୍ ଟିକଟ୍ ହାସଲ କରିଛି।

ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚର ପ୍ରଥମ ମିନିଟ୍‌ରେ ହିଁ ଭାରତ ଗୋଲ୍ ଦେବାରେ ସଫଳ ହୋଇଥିଲା। ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ନବନୀତ୍ କୌର ଭାରତକୁ ପ୍ରଥମ କ୍ୱାର୍ଟରରେ ୧-୦ରେ ଆଗୁଆ କରାଇଥିଲେ। ନିଜର ୨୦୦ତମ ମ୍ୟାଚରେ ଗୋଲ୍ ଦେଇ ନବନୀତ୍ ଏହାକୁ ଆହୁରି ସ୍ମରଣୀୟ କରିଥିଲେ। ଏହାପରେ କିନ୍ତୁ ଘରୋଇ ଚୀନ ଖେଳାଳିମାନେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଗୋଟିଏ ଲେଖାଏ ଏବଂ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇ ଚୀନ ମ୍ୟାଚକୁ ୪-୧ ଗୋଲ୍‌ରେ ଜିତି ଏସିଆ କପ୍ ଟ୍ରଫି ହାତେଇନେଇଥିଲା। ଉଲ୍ଲେଖଯୋଗ୍ୟ, ନିକଟରେ ବିହାରରେ ଶେଷ ହୋଇଥିବା ପୁରୁଷ ଏସିଆ କପ୍ ହକିରେ ଭାରତ ୪-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ହରାଇ ଚାମ୍ପିଅନ ହୋଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS